ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ

## ପାଠ୍ୟକ୍ରମ - ୧୪
## ଓଡ଼ିଶାର ସଂସ୍କୃତି ଓ ଲୋକସାହିତ୍ୟ

## ବ୍ଲକ୍
## ୧ ସଂସ୍କୃତି ଅଧ୍ୟୟନ

ପ୍ରଥମ ଏକକ
**ସଂସ୍କୃତି ଅଧ୍ୟୟନର ସ୍ୱରୂପ ଓ ପରିସର**

ଦ୍ୱିତୀୟ ଏକକ
**ସଂସ୍କୃତି ଅଧ୍ୟୟନର ଇତିହାସ**

ତୃତୀୟ ଏକକ
**ଓଡ଼ିଆ ସଂସ୍କୃତି**

ଚତୁର୍ଥ ଏକକ
**ଜଗନ୍ନାଥ ସଂସ୍କୃତି**

## ବିଶେଷଜ୍ଞ ପରିଷଦ


**ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ**
ଅଧ୍ୟକ୍ଷ
ପ୍ରତିଷ୍ଠାତା ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମହୀଶୁର ।

**ଡକ୍ଟର (ଶ୍ରୀମତୀ) ସଂଘମିତ୍ରା ମିଶ୍ର**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

**ଡକ୍ଟର ବିଜୟ କୁମାର ମହାନ୍ତି**
ସଦସ୍ୟ
ଅବସରପ୍ରାପ୍ତ ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର ।

**ଡକ୍ଟର ବସନ୍ତ କୁମାର ପଣ୍ଡା**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ।

**ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ**
ସଦସ୍ୟ
ପରିଦର୍ଶୀ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ।

**ଡକ୍ଟର ଅନାଦି ଚରଣ ଗାଁଣ**
ସଦସ୍ୟ
ପ୍ରଫେସର ଓ ବିଭାଗ ମୁଖ୍ୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, କେନ୍ଦୁଝର କ୍ୟାମ୍ପସ, କେନ୍ଦୁଝର ।

**ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର ।

**ଡକ୍ଟର ଦିଲ୍ଲୀପ କୁମାର ନାୟକ**
ଆବାହକ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା ।


### ଲେଖକ


ପ୍ରଥମ ଏକକ ଓ ଦ୍ୱିତୀୟ ଏକକ : **ଡକ୍ଟର** ବିଭାବରୀ ବଳ, ବିଭାଗ ମୁଖ୍ୟ, ସମାଜ ବିଜ୍ଞାନ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର ।

ତୃତୀୟ ଏକକ : **ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା,** ସଂଯୋଜକ, ସ୍ନାତକୋତ୍ତର ଓଡ଼ିଆ, ଓଡ଼ିଶା ରାଜ୍ୟ ମୁକ୍ତବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

ଚତୁର୍ଥ ଏକକ : **ଡକ୍ଟର ହରିହର କାନୁନ୍‌ଗୋ,** ପୂର୍ବତନ ନିର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଡ଼ି.ଟି.ପି : **ଧନଶ୍ରୀ ମିଶ୍ର,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

ପ୍ରଚ୍ଛଦ ଓ ଅଳଙ୍କରଣ : **ଲିପିନା ସାହୁ,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।


## ପ୍ରକାଶକ


**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*


© OSOU, 2020 **"Odishara Sanskruti O Lokasahitya"** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ସଂସ୍କୃତି ଅଧ୍ୟୟନର ସ୍ୱରୂପ ଓ ପରିସର

**ବିଷୟ ଗଠନ :**


୧.୧ ପଠନର ଉଦ୍ଦେଶ୍ୟ

୧.୨ ଶିକ୍ଷଣୀୟ ବିଷୟ

୧.୩ ବିଷୟ ପ୍ରବେଶ

୧.୪ ସଂସ୍କୃତିର ସଂଜ୍ଞା

୧.୫ ସଂସ୍କୃତିର ଲକ୍ଷଣ

୧.୬ ସଂସ୍କୃତିର ପ୍ରକାରଭେଦ

୧.୭ ସଂସ୍କୃତି ଓ ସମାଜ ମଧ୍ୟରେ ସମ୍ପର୍କ

୧.୮ ସଂସ୍କୃତିର ଉପାଦାନ

୧.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୧୦ ସହାୟକ ଗ୍ରନ୍ଥସୂଚୀ


## ୧.୧ ପଠନର ଉଦ୍ଦେଶ୍ୟ

ସାମ୍ପ୍ରତିକ ପରିସ୍ଥିତିରେ ସଂସ୍କୃତିର ଅଧ୍ୟୟନ ଏକ ସୁସ୍ଥ ସମାଜ ଗଢ଼ିବାରେ ସହାୟକ ହୋଇଥାଏ। ପ୍ରତ୍ୟେକ ସମାଜର ଆଧାର ତା'ର ସଂସ୍କୃତି ଉପରେ ପର୍ଯ୍ୟବେସିତ। ସୁତରାଂ ସଂସ୍କୃତି ଅଧ୍ୟୟନ ପ୍ରତ୍ୟେକ ସମାଜ ପାଇଁ ନିତାନ୍ତ ଆବଶ୍ୟକ। ଏହା ଦ୍ୱାରା ସମାଜର ବିଭିନ୍ନ ସମସ୍ୟାମୂଳକ ଦିଗ ଏବଂ ତା'ର ସମାଧାନ ସହଜ ହୋଇଥାଏ। ଏହି ପରିପ୍ରେକ୍ଷୀରେ, ବିଦ୍ୟାର୍ଥୀମାନଙ୍କୁ ସଂସ୍କୃତିର ସ୍ୱରୂପ ଏବଂ ପରିସର ସମ୍ପର୍କରେ ଜ୍ଞାନ ପ୍ରଦାନ ନିମିତ୍ତ ବିଷୟଟିକୁ ବାଖ୍ୟା କରାଯାଇଛି। ଏହା ସହିତ ସଂସ୍କୃତିର ପ୍ରକାରଭେଦ ଓ ପ୍ରକାର୍ଯ୍ୟ ଉପରେ ମଧ୍ୟ ଆଲୋଚନାରେ ଗୁରୁତ୍ୱ ଦିଆଯାଇଛି।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକ ଜାଣିପାରିବେ :

- ସଂସ୍କୃତିର ସଂଜ୍ଞା
- ସଂସ୍କୃତିର ଲକ୍ଷଣ
- ସଂସ୍କୃତିର ପ୍ରକାରଭେଦ
- ସମାଜ ଓ ସଂସ୍କୃତି ମଧ୍ୟରେ ରହିଥିବା ସମ୍ପର୍କ

## ୧.୩ ବିଷୟ ପ୍ରବେଶ

କିଛି ବ୍ୟକ୍ତି ବା ସମାଜକୁ ନେଇ ଗଢ଼ି ଉଠିଥିବା ଏକ ଦେଶ କେବଳ ମାତ୍ର ଏକ ଭୂଖଣ୍ଡ ନୁହେଁ। ଏହା ଏକ ଜୀବନ୍ତ ସତ୍ତା, ଯାହା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ଗଢ଼ି ଉଠିଥାଏ। ଏହାର ଐତିହ୍ୟ, ପରମ୍ପରା, ବିଚାରଧାରା, ବ୍ୟକ୍ତି - ବ୍ୟକ୍ତି, ବ୍ୟକ୍ତି - ଗୋଷ୍ଠୀ ଓ ବ୍ୟକ୍ତି - ସମାଜ ର ପାରସ୍ପାରିକ ସମ୍ପର୍କକୁ ନିର୍ଦ୍ଧାରିତ କରେ ଏବଂ ସାଂସ୍କୃତିକ ପୃଷ୍ଠଭୂମିକୁ ମଜବୁତ କରି ଗଢ଼ି ତୋଳେ। ଏହିପରି ଭାବେ, ସଂସ୍କୃତି ପ୍ରତ୍ୟେକ ବ୍ୟକ୍ତି ଓ ସମାଜକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ। ସୁତରାଂ ସମାଜ ଓ ସଂସ୍କୃତି ପରସ୍ପରର ପରିପୂରକ ଅଟନ୍ତି। ଏହି ପାଠ ମାଧ୍ୟମରେ ବିଦ୍ୟାର୍ଥୀମାନେ ସଂସ୍କୃତି ସମ୍ପର୍କରେ ମୌଳିକ ଜ୍ଞାନ ଆହରଣ କରିବା ସହିତ ସଂସ୍କୃତି ଓ ସମାଜର ପାରସ୍ପରିକ ସମ୍ପର୍କ ବିଷୟରେ ଅବଗତ ହୋଇପାରିବେ।

## ୧.୪ ସଂସ୍କୃତିର ସଂଜ୍ଞା ନିରୂପଣ

ସଂସ୍କୃତିର ଆଧାର ବିନା ଏକ ସୁସ୍ଥ ଓ ସୁନ୍ଦର ସମାଜର ପରିକଳ୍ପନା ଅସମ୍ଭବ। ବ୍ୟକ୍ତିଗତ ସ୍ତରରେ ଏହା ବ୍ୟକ୍ତିକୁ ମାର୍ଜିତ, ଶୃଙ୍ଖଳିତ କରିବା ସହିତ ତା'ର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ ଏବଂ ଗୋଷ୍ଠୀଗତ ସ୍ତରରେ ସମାଜରେ ମୂଲ୍ୟବୋଧ ପ୍ରତିଷ୍ଠା କରିବା ସହିତ ଉଚିତ୍ ଦିଗ୍‌ଦର୍ଶନ ଦେବାରେ ସଂସ୍କୃତିର ଭୂମିକା ରହିଛି। ତେଣୁ ସଂସ୍କୃତି ସମ୍ବନ୍ଧରେ ମୌଳିକ ଜ୍ଞାନ ଆହରଣ କରିବାର ଆବଶ୍ୟକତା ରହିଛି। ସଂସ୍କୃତି ଏକ ବ୍ୟାପକ ଶବ୍ଦ। ଏହା କେବଳ ପ୍ରଥା, ପରମ୍ପରା, ଧର୍ମ, ରୀତି ଓ ନୀତୀକୁ ବୁଝାଇ ନ ଥାଏ, ଏହା ମଧ୍ୟ ବିଜ୍ଞାନ, କଳା, ଶିକ୍ଷା, ବିଚାରଧାରା ଓ ବିଭିନ୍ନ ମୂଲ୍ୟବୋଧକୁ ବୁଝାଇଥାଏ।

ବ୍ୟକ୍ତିର ସମ୍ପୂର୍ଣ୍ଣ ଜୀବନ ସଂସ୍କୃତିର ଆଧାରରେ ପର୍ଯ୍ୟବେସିତ। ମଣିଷର ପ୍ରତ୍ୟେକ ମନୋଭାବ, କାର୍ଯ୍ୟଶୈଳୀ ଓ ବିଭିନ୍ନ କର୍ମଧାରା ସଂସ୍କୃତି ଦ୍ୱାରା ପ୍ରଭାବିତ। ଦୈନନ୍ଦିନ ଜୀବନର ଏପରି କୌଣସି ବିଭାଗ ନାହିଁ ଯାହା ସଂସ୍କୃତିର ପରିସରରୁ ଉର୍ଦ୍ଧ୍ୱରେ। ସେହିପରି ଭାବେ ସମାଜର ସବୁ ବ୍ୟବସ୍ଥା ମଧ୍ୟ ସଂସ୍କୃତିର ମୂଲ୍ୟବୋଧ ଆଧାରରେ ପରିଚାଳିତ। ଏହି ମୂଲ୍ୟବୋଧ ସମାଜ ମଧ୍ୟରେ ସ୍ଥିରତା ଓ ନିରନ୍ତରତା ଆଣେ ଯାହା ସାମାଜିକ ବିକାଶ ପାଇଁ ଅପରିହାର୍ଯ୍ୟ।

ସଂସ୍କୃତି ଶବ୍ଦଟି 'ସମ୍' ଏବଂ 'କୃତି', ଏହି ଦୁଇଟି ଶବ୍ଦର ମିଶ୍ରଣରୁ ସୃଷ୍ଟି ହୋଇଛି। 'ସମ୍' ଶବ୍ଦର ଅର୍ଥ ଉତ୍କୃଷ୍ଟ ଏବଂ 'କୃତି' ଶବ୍ଦର ଅର୍ଥଗଢଣ। ଅର୍ଥାତ୍, ସଂସ୍କୃତି ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଉତ୍କୃଷ୍ଟ କରି ଗଢ଼ି ତୋଳିବାରେ ସାହାଯ୍ୟ କରିଥାଏ। "ସଂସ୍କୃତି" ଶବ୍ଦର ପ୍ରଥମ ପ୍ରୟୋଗ ଅଷ୍ଟାଦଶ ଶତାବ୍ଦୀରେ ନୃତତ୍ତ୍ୱରେ ପ୍ରସିଦ୍ଧ ନୃତତ୍ତ୍ୱବିତ୍ ଇ.ବି. ଟାଇଲର୍ (E.B.Taylor) ଙ୍କ ଦ୍ୱାରା ବ୍ୟବହୃତ ହୋଇଥିଲା।

ଟାଇଲର୍ (Taylor) ଙ୍କ ମତରେ "ସଂସ୍କୃତି ଏପରି ଏକ ଜଟିଳ ସମଷ୍ଟି ଯାହା ଜ୍ଞାନ, ପାରମ୍ପରିକ ଧାରଣା, କଳା, ନୈତିକତା, ଆଇନ୍, ଧାର୍ମିକପ୍ରଥା ତଥା ବ୍ୟକ୍ତିଗତ ସମସ୍ତ ଅର୍ଜିତ ଯୋଗ୍ୟତା ଓ ଅଭ୍ୟାସ ଯାହା ମନୁଷ୍ୟ ସମାଜର ସଦସ୍ୟ ରୂପେ ଆହରଣ କରିଥାଏ। (Culture is that complex whole which includes knowledge, belief, art, morals, law, custom and any other capabilities and habits, acquired by man as a member of society.")

ମ୍ୟାକ୍ ଆଇଭର ଏବଂ ପେଜ୍ (Mac Iver and page) ଙ୍କ ମତରେ "ସଂସ୍କୃତି ଆମର ଦୈନନ୍ଦିନ ଜୀବନଯାପନ ପ୍ରଣାଳୀରେ ଲୁକ୍‌କାୟିତ ଚିନ୍ତାଧାରା, ସାହିତ୍ୟ, ଧର୍ମ, କଳା, ମନୋରଞ୍ଜନ ତଥା ଆନନ୍ଦରେ ପ୍ରତିଫଳିତ ହୋଇଥିବା ନିଜସ୍ୱ ପ୍ରକୃତିର ଅଭିବ୍ୟକ୍ତି ଅଟେ। (Culture is the expression of our nature our modes of living and our thinking, in our everyday intercourse in art, in literature, is religion, in recreation and enjoyment.")

ଲାପିଏର୍ (Lapiere) ଙ୍କ ମତରେ " ବଂଶାନୁକ୍ରମରେ ଏକ ସାମାଜିକ ସମୂହ ମାଧ୍ୟମରେ ଯାହା ଶିକ୍ଷା ଲାଭ କରିଥାଏ ଏବଂ ବିଭିନ୍ନ ପ୍ରଥା, ପରମ୍ପରା ପ୍ରଭୃତିରେ ଯାହା ସନ୍ନିବେଶ ଥାଏ, ତାହାକୁ ସଂସ୍କୃତି କୁହାଯାଏ। (Culture is the embodiment in customs, traditions, etc, or of the learning of social group over the generation.")

ବି. ମାଲିନୋସ୍କି (B.Malinowski) ଙ୍କ ମତରେ "ସଂସ୍କୃତି ମଣିଷର ହାତଗଢ଼ା ସୃଷ୍ଟି ଯାହା ମାଧ୍ୟମରେ ସେ ତା'ର ଲକ୍ଷ୍ୟଗୁଡ଼ିକ ପୂରଣ କରିଥାଏ। (Culture is the handiwork of man and the medium through which he achieved his ends.")

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଅନୁମେୟ ଯେ ସଂସ୍କୃତି ଏକ ବ୍ୟାପକ ନିରନ୍ତର ଅର୍ଜିତ ପ୍ରକ୍ରିୟା ଯାହା ସମାଜର ପ୍ରମୁଖ ବ୍ୟବସ୍ଥାମାନଙ୍କରେ ପ୍ରତିଫଳିତ। ସଂସ୍କୃତି ସମାଜରେ ଏକ ସାମୂହିକ ଶିକ୍ଷାର ସଂଚାଳନ କରେ ଯାହା ମଧ୍ୟରେ ସମସ୍ତ ମନୁଷ୍ୟ ସମାଜରେ ଉପଯୁକ୍ତ ସଦସ୍ୟତା ର ଯୋଗ୍ୟତା ଅର୍ଜନ କରନ୍ତି ଓ ଏହା ବଂଶାନୁକ୍ରମିକ ଭାବରେ ଗୋଟିଏ ପିଢ଼ିରୁ ଅନ୍ୟ ଏକ ପିଢ଼ି କୁ ଗତିଶୀଳ ହୁଏ। ଏହା ମଧ୍ୟ ବ୍ୟକ୍ତି ଓ ସମାଜର ବହୁବିଧ ଆବଶ୍ୟକତାକୁ ପୂରଣ କରିଥାଏ।

## ୧.୫ ସଂସ୍କୃତିର ଲକ୍ଷଣ

ସଂସ୍କୃତିର ତାତ୍ତ୍ୱିକ ଅର୍ଥକୁ ସଂପୂର୍ଣ୍ଣ ରୂପେ ବୋଧଗମ୍ୟ କରିବା ପାଇଁ ଏହାର ଲକ୍ଷଣ ଗୁଡ଼ିକ ବିଷୟରେ ପରିଚିତ ହେବା ଆବଶ୍ୟକ। ଯେ କୌଣସି ବିଷୟର ଲକ୍ଷଣ ତା'ର ନିଜସ୍ୱ ଅର୍ଥ ବହନ କରେ। ଏହି ମାଧ୍ୟମରେ ସଂସ୍କୃତିର ଲକ୍ଷଣ ତା'ର ଉପାଦାନରେ ସନ୍ନିହିତ। ସଂସ୍କୃତିର ମୁଖ୍ୟ ଉପାଦାନ ଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା।

**(୧) ସଂସ୍କୃତି ଏକ ଅର୍ଜିତ ବା ଶିକ୍ଷଣୀୟ ପ୍ରକ୍ରିୟା (Culture is a learned process) :**

ମନୁଷ୍ୟ ଜନ୍ମରୁ ଅତ୍ୟନ୍ତ ଅସହାୟ, ନିର୍ଭରଶୀଳ ପ୍ରାଣୀ ହୋଇଥାଏ। ସମାଜ ଓ ସଂସ୍କୃତି ବିଷୟରେ କୌଣସି ଜ୍ଞାନ ନଥାଏ। ମାତ୍ର ଜନ୍ମ ହେବାପରେ, ପରିବାର ଓ ପରିବେଶ ମାଧ୍ୟମରେ ସେ ଆସ୍ତେ ଆସ୍ତେ ସାମାଜିକ ପ୍ରାଣୀ ଭାବେ ଗଢ଼ିଉଠେ। ଏହି ପ୍ରସ୍ତୁତିରେ ମନୁଷ୍ୟ ତା'ର ସମାଜର ସଂସ୍କୃତି ସହିତ ପରିଚିତ ହୁଏ। ପୋଷାକ, ଖାଦ୍ୟ, ରୀତି, ନୀତି, ଚାଲିଚଳନ ଆଦି ପରିବାର ଓ ଅନ୍ୟ ଅନୁଷ୍ଠାନର ସଦସ୍ୟଙ୍କ ଠାରୁ ଶିକ୍ଷାଲାଭ କରିବା ପରେ ମନୁଷ୍ୟ ଶିଶୁଟି ଆସ୍ତେ ଆସ୍ତେ ସମାଜର ସାଂସ୍କୃତିକ ପ୍ରକ୍ରିୟାରେ ଭାଗୀଦାର ହୁଏ। ବଞ୍ଚିବାର କଳା, ଜୀବନର

ଲକ୍ଷ୍ୟ, ପ୍ରବୃତ୍ତି, ଅଭ୍ୟାସ, କଥା କହିବାର ଢଙ୍ଗ ଆଦି ସେହି ନିର୍ଦ୍ଦିଷ୍ଟ ସମାଜର ସଂସ୍କୃତି ମାଧ୍ୟମରେ ଶିଖେ। ସଂସ୍କୃତି ମଧ୍ୟ ଭଲ - ମନ୍ଦ, ପାପ - ପୂଣ୍ୟ, ଉଚିତ୍ - ଅନୁଚିତ୍ ଆଦି ମୂଲ୍ୟବୋଧ ସହିତ ପରିଚିତ କରାଏ। ଶିଶୁଟି ଯେତେ ଯେତେ ଆଗକୁ ବଢ଼େ, ସଂସ୍କୃତି ସମ୍ବନ୍ଧରେ ତା'ର ଜ୍ଞାନ ସେତେ ବିକଶିତ ହୁଏ। ତେଣୁ ସଂସ୍କୃତି ଏକ ଶିକ୍ଷଣୀୟ ପ୍ରକ୍ରିୟା।

**(୨) ସଂସ୍କୃତି ଏକ ଆଦର୍ଶଗତ ପ୍ରକ୍ରିୟା (Culture is an idealistic proces) :**

ମନୁଷ୍ୟ ତା'ର ମନ ମାଧ୍ୟମରେ ଠିକ୍ - ଭୁଲ୍‌ର ବିଚାର କରିବାର ସାମର୍ଥ୍ୟ ଥିବାରୁ ସବୁ ଜୀବମାନଙ୍କଠାରୁ ଶ୍ରେଷ୍ଠ ବୋଲି ବିବେଚିତ ହୁଏ। କିନ୍ତୁ ସମାଜ ଓ ସଂସ୍କୃତି ବିନା ମନୁଷ୍ୟମଧ୍ୟରେ ଏହି ବିଚାରବୋଧ ବିକାଶ କରିପାରେ ନାହିଁ। ସଂସ୍କୃତି ମୂଲ୍ୟବୋଧର ଆଧାରରେ ପର୍ଯ୍ୟବେସିତ। ତେଣୁ ସଂସ୍କୃତି ମାଧ୍ୟମରେ ମନୁଷ୍ୟ ସଦ୍‌ଗୁଣ ମାନ ଶିକ୍ଷା ଲାଭ କରେ ଓ ନିଜକୁ ଉଚିତ ମାର୍ଗରେ ପରିଚାଳନା କରେ। ସାଂସ୍କୃତିକ ମୂଲ୍ୟବୋଧ ସ୍ଥାନ, କାଳ, ପାତ୍ରରେ ଆପେକ୍ଷିକ (Relative) ହୋଇଥିଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ବ୍ୟକ୍ତି ବିଶେଷ, ଯେଉଁମାନେ ସେହି ସଂସ୍କୃତିର ପରିସୀମା ମଧ୍ୟରେ ସୀମିତ, ସର୍ବଦା ତାଙ୍କ ସଂସ୍କୃତିର ମୂଲ୍ୟବୋଧକୁ ଉଚ୍ଚ ସମ୍ମାନ ଦେଇଥାଆନ୍ତି ଓ ତାହାକୁ ନିଜ ଜୀବନରେ ପ୍ରୟୋଗ କରି ଥାଆନ୍ତି।

**(୩) ସଂସ୍କୃତି ପ୍ରତୀକାତ୍ମକ (Culture is symbolic) :**

ପ୍ରତ୍ୟେକ ସଂସ୍କୃତିରେ ତା'ର ଚିନ୍ତାଧାରା, ଆଦର୍ଶ, ମୂଲ୍ୟବୋଧ ବିଭିନ୍ନ ମାଧ୍ୟମରେ ପ୍ରକାଶିତ ହୁଏ। ପ୍ରତୀକ ଏଭଳି ଏକ ସାଙ୍କେତିକ ମାଧ୍ୟମ ଯାହା ନୀରବରେ ସଂସ୍କୃତିର ବିଚାରବୋଧକୁ ପ୍ରକାଶିତ କରେ। ଆମ ସାମାଜିକ ଜୀବନରେ ଏଭଳି ବହୁତ ପ୍ରତୀକକୁ ଆମେ ବ୍ୟବହାର କରିଥାଉ। ଉଦାହରଣ ସ୍ୱରୂପ, ହିନ୍ଦୁ ସମାଜରେ ଏକ ବିବାହିତ ନାରୀ ମଥାରେ ସିନ୍ଦୂର ଓ ହାତରେ ଚୁଡ଼ି ପିନ୍ଧିଥିଲେ, ଆମେ ତାକୁ ଏକ ବିବାହିତ ନାରୀର ପରିଚୟ ଦେଇଥାଉ। ସେହିପରି ଭାବେ ଭାରତର ଜାତୀୟ ପତାକା ଆମ ଦେଶର ଜାତୀୟତାଭାବର ପ୍ରତୀକ ହିସାବରେ ଗ୍ରହଣ କରାଯାଇଥାଏ।

ସମାଜର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଏଭଳି ସଙ୍କେତର ମୂଲ୍ୟ ଅଧିକ ଯାହା ସାମାଜିକ ଏକତ୍ୱ ଓ ସଂସ୍କୃତିର ପରିଚୟ ଦେଇଥାଏ।

**(୪) ସଂସ୍କୃତି ଏକ ସ୍ଥାନାନ୍ତରିତ ପ୍ରକ୍ରିୟା (Culture is a transmissive process) :**

ସଂସ୍କୃତି ଏକ ନିର୍ଦ୍ଦିଷ୍ଟ ପିଢ଼ୀରେ ସିମୀତ ନୁହେଁ। ସାମାଜୀକକରଣ (Socialization) ମାଧ୍ୟମରେ ସଂସ୍କୃତି ଏକ ପିଢ଼ୀରୁ ଦ୍ୱିତୀୟ ଏବଂ ପରେ ତୃତୀୟ ଆଦି ପିଢ଼ୀକୁ ଗତିଶୀଳ ହୋଇଥାଏ। ଏହା ସମ୍ପୂର୍ଣ୍ଣ ଭାବେ ଗତିଶୀଳ ଅଟେ। ପରିବାର ମଧ୍ୟରେ ସଂସ୍କୃତିର ଗତିଶୀଳତା ବାପା, ମା', ଜେଜେ ବାପା, ଜେଜେ ମା', ଦାଦା, ଖୁଡ଼ି ଆଦିଙ୍କ ମାଧ୍ୟମରେ ସାମାଜିକ ପ୍ରାଣୀ ଭାବରେ ବଞ୍ଚିବା ପାଇଁ ଶିଶୁକୁ ମୌଳିକ ଶିକ୍ଷା ଦିଆଯାଇଥାଏ। ସେ ଶିଶୁ ବଡ଼ ହେଲାପରେ ସାଂସ୍କୃତିକ ଓ ସାମାଜିକ ଜୀବନର ମୌଳିକ ଶିକ୍ଷାକୁ ପରବର୍ତ୍ତୀ ନୂଆ ପିଢ଼ୀକୁ ସ୍ଥାନାନ୍ତରିତ କରିଥାଏ। ଏହି ପ୍ରକ୍ରିୟା ସମାଜର ସବୁ ଅନୁଷ୍ଠାନ ମାଧ୍ୟମରେ ସବୁ ସ୍ତରରେ ନିରନ୍ତର ଚାଲିଥାଏ। ଯାହା ଫଳରେ ଏକ ସମାଜର ସଂସ୍କୃତି ବହୁକାଳ ପାଇଁ ଜୀବିତ ରହି ପାରିଥାଏ।

**(୫) ସଂସ୍କୃତି ଏକ କର୍ମବର୍ଦ୍ଧିଷ୍ଣୁ ପ୍ରକ୍ରିୟା (Culture is Cumulative) :**

ପିଢ଼ୀ ପରେ ପିଢ଼ୀ ସଂସ୍କୃତିର ନବୀକରଣ ଚାଲିଥାଏ । ପ୍ରଚଳିତ ପ୍ରଥା, ପରମ୍ପରା, ଚିନ୍ତାଧାରା ସହିତ ନୂତନ ପ୍ରଥା, ଚିନ୍ତାଧାରା ଆଦି ଯୋଡ଼ି ହୋଇ ଚାଲିଥାଏ । ସମାଜ ଓ ସମୟର ଆବଶ୍ୟକତା ଅନୁଯାୟୀ ସଂସ୍କୃତିର ପରିସୀମାରେ ବୃଦ୍ଧି ଘଟିଥାଏ । ଏହା ସେହି ସଂସ୍କୃତିକୁ ବଜାୟ ରଖିବା ସହିତ ବ୍ୟକ୍ତି ଓ ସମାଜର ବହୁବିଧ ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥ ହୁଏ ।

**(୬) ସଂସ୍କୃତି ପରିବର୍ତ୍ତନଶୀଳ (Culture is adoptive) :**

ସଂସ୍କୃତି କେଉଁ କାଳରୁ ବହି ଚାଲିଥିବା ନଦୀଟିଏ ପରି । ଏହାକୁ ଆବଦ୍ଧ କରି ରଖିଲେ ଏହା ସମାଜ ପାଇଁ ଅନାବଶ୍ୟକ ହୋଇପଡ଼େ । ତେଣୁ ସମୟ ସ୍ରୋତରେ ସଂସ୍କୃତି ସବୁ ନୂତନତାକୁ ସାଥିରେ ଧରି ଆଗକୁ ବଢ଼େ । ବାଧା, ପ୍ରତିରୋଧ ସତ୍ତ୍ୱେ ବି ସଂସ୍କୃତି ଏକ ନିର୍ଦ୍ଦିଷ୍ଟ ବିଚାରବୋଧର ବେଷ୍ଟନିରେ ବହୁ କାଳ ପାଇଁ ବାନ୍ଧି ହୋଇ ରହିପାରେ ନାହିଁ । ତେଣୁ ସଂସ୍କୃତି ନିତ୍ୟ ନିରନ୍ତର ପରିବର୍ତ୍ତନଶୀଳ ।

ଆମେ ଆମ ଭାରତୀୟ ସମାଜକୁ ନିକଟରୁ ନିରୀକ୍ଷଣ କଲେ ଜାଣିପାରିବା ଯେ, ଯୁଗ ଯୁଗ ଧରି କେଉଁ ଆବାହମାନ କାଳରୁ ସଂସ୍କୃତି ତା' ମଧ୍ୟରେ କେତେ ନୂତନ ଚିନ୍ତାଧାରା, ଭାବନା, ପ୍ରଥା ଆଦିକୁ ସ୍ଥାନ ଦେଇଛି । ମନୁଷ୍ୟ ଯେହେତୁ ବିଚାର ଓ ବୁଦ୍ଧି ସମ୍ପନ୍ନ ପ୍ରାଣୀ ସେଥିପାଇଁ ସେ ଯେ କୌଣସି ପରିବର୍ତ୍ତିତ ପରିସ୍ଥିତିରେ ପ୍ରକୃତି ଓ ପରିବେଶ ସହିତ ଖାପ ଖୁଆଇ ଚଳିବା ପାଇଁ ବାଧ୍ୟ ହୋଇଥାଏ ।

**(୭) ସଂସ୍କୃତି ବିବିଧ ଆବଶ୍ୟକତାକୁ ପୂରଣ କରିଥାଏ (Culture is gratifying) :**

ମନୁଷ୍ୟ ତା'ର ଭୌତିକ ଓ ଅଭୌତିକ ଆବଶ୍ୟକତା ପାଇଁ ସମାଜ ଉପରେ ନିର୍ଭର କରେ । ଭୌତିକ ଆବଶ୍ୟକତା ଯେମିତି ଖାଦ୍ୟ, ବସ୍ତ୍ର, ବାସଗୃହ, ଯନ୍ତ୍ରପାତି, ଯାନ ଏବଂ ଅଭୌତିକ ଆବଶ୍ୟକତା ଯେମିତି ସ୍ନେହ, ପ୍ରେମ, ସ୍ୱିକାରୋକ୍ତି, ବନ୍ଧୁତ୍ୱ ଇତ୍ୟାଦି ପାଇଁ ସଂସ୍କୃତି ମାର୍ଗଦର୍ଶକ ପରି କାମ କରେ । ବଞ୍ଚିବାର ମୌଳିକ ଆବଶ୍ୟକତା ସହିତ ଶୈକ୍ଷିକ, ଆର୍ଥିକ, ରାଜନୀତିକ ତଥା ଅନ୍ୟାନ୍ୟ ସାମାଜିକ ଆବଶ୍ୟକତାର ପୂର୍ତ୍ତି ପାଇଁ ସଂସ୍କୃତି ଉପରେ ନିର୍ଭର କରିଥାଏ । ଅର୍ଥାତ୍ ସଂସ୍କୃତି ସେସବୁ ବିବିଧ ଅଭିଳାଷକୁ ପୂରଣ କରିବା ପାଇଁ ଉଚିତ୍ ପଥ, ଜ୍ଞାନ ଓ ଉତ୍ସ ଦେଖାଇଥାଏ । ତେଣୁ ସଂସ୍କୃତି ସମାଜର ପାର୍ଥିବ, ଅପାର୍ଥିବ ଓ ଭାବାଗତ ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରେ ।

**(୮) ସଂସ୍କୃତି ଏକ ଧାରାବାହିକ ପ୍ରକ୍ରିୟା (Culture is continious process) :**

ସାଂସ୍କୃତିକ ଧାରାର ବିରାମ ନାହିଁ । ଏହା ସଦାସର୍ବଦା କ୍ରିୟାଶୀଳ ଓ ଚଳଚଞ୍ଚଳ । ଜାଣରେ ବା ଅଜାଣରେ ଆମେ ସାଂସ୍କୃତିକ ପ୍ରବାହର ଅଂଶ ବିଶେଷ ହେଉଥାଏ । କାହିଁ କେଉଁ ପ୍ରାଚୀନ କାଳରୁ ଏପର୍ଯ୍ୟନ୍ତ ସଂସ୍କୃତି ସମାଜର ଆଧାର ରହି ଆଗକୁ ଯିବା ପାଇଁ ପଥ ଦର୍ଶାଇଛି ସାଂସ୍କୃତିକ ଆଧାର ବିନା ସାମାଜିକ ଜୀବନ ଅସମ୍ଭବ । ତେଣୁ ଏହା ଏକ ଧାରାବାହିକ ପ୍ରକ୍ରିୟା ।

## ୧.୬ ସଂସ୍କୃତିର ପ୍ରକାରଭେଦ

ଡବ୍‌ଲ୍ୟୁ.ଏଫ. ଅଗ୍‌ବର୍ଣ୍ଣ (W.F.Ogburn) ଙ୍କ ମତରେ ସଂସ୍କୃତି ଦୁଇ ପ୍ରକାରର - ଭୌତିକ ସଂସ୍କୃତି (material culture) ଓ ଅଭୌତିକ ସଂସ୍କୃତି (Non -material culture)

ଭୌତିକ ସଂସ୍କୃତି କହିଲେ, ଆଖିକୁ ଦେଖାଯାଉଥିବା ଓ ଛୁଇଁ ହେଉଥିବା ପଦାର୍ଥକୁ ନେଇ ଗଠିତ ଯାହା ଆମ ଦୈନନ୍ଦିନ ଜୀବନର ଅଂଶ ବିଶେଷ । ଉଦାହରଣ ସ୍ୱରୂପ, ଯାନବାହନ, କଳ କାରଖାନା, ବହି, ଖାତା, ଟେଲିଭିଜନ ଇତ୍ୟାଦି । ଅଭୌତିକ ସଂସ୍କୃତି କହିଲେ ସେହି ଉପାଦାନ ଯାହା ଅମୂର୍ତ୍ତ, ସ୍ପର୍ଶହୀନ । ଏହାକୁ କେବଳ ଆମେ ଆମ ଚିନ୍ତା ଓ ଭାବନାରେ ଅନୁଭବ କରିପାରୁ । ଉଦାହରଣ ସ୍ୱରୂପ, ଜ୍ଞାନ, ବିଶ୍ୱାସ, ବିଚାରଧାରା, ଧର୍ମ ଇତ୍ୟାଦି ।

ଏହି ପରିପ୍ରେକ୍ଷୀରେ ଅଗ୍‌ବର୍ଣ୍ଣ (Ogburn) ଆଉ ଏକ ତତ୍ତ୍ୱ ପ୍ରତିପାଦନ କଲେ । ତାହା ହେଲା ସାଂସ୍କୃତିକ ବିଳମ୍ବନ (Culture lag) । ତାଙ୍କ ମତରେ ଭୌତିକ ସଂସ୍କୃତିର ପରିବର୍ତ୍ତନ ଅଭୌତିକ ସଂସ୍କୃତି ତୁଳନାରେ ଦ୍ରୁତ ବେଗରେ ହୋଇଥାଏ । ତେଣୁ ଗୋଟିଏ ପଟ ପରିବର୍ତ୍ତନ ଅତି ଶିଘ୍ର ହେଲାବେଳେ ଅନ୍ୟ ପଟେ ଏହି ପରିବର୍ତ୍ତନ ବିଳମ୍ବରେ ହୋଇଥାଏ । ତେଣୁ ଏହି ଭୌତିକ ସଂସ୍କୃତି ଓ ଅଭୌତିକ ସଂସ୍କୃତି ମଧ୍ୟରେ ଯେଉଁ ବ୍ୟବଧାନ ଦେଖା ଯାଇଥାଏ, ତାହାକୁ ସାଂସ୍କୃତିକ ବିଳମ୍ବନ କୁହାଯାଏ ।

ଉଦାହରଣସ୍ୱରୂପ, ଶିଳ୍ପାୟନର ଦ୍ରୁତ ଅଭିବୃଦ୍ଧି ସହିତ ଶିକ୍ଷାରେ ମଧ୍ୟ ଗୁଣାତ୍ମକ ପରିବର୍ତ୍ତନ ଆସିବା ଦରକାର । କିନ୍ତୁ ଯଦି ତାହା ନ ହୁଏ, ତେବେ ସମାଜ ବହୁବିଧ ସମସ୍ୟା ଓ ଆହ୍ୱାନରେ ଘେରି ହୋଇପଡ଼େ । ତାହା ଏପରି ଏକ ନିଷ୍ଫଳ ପଙ୍ଗୁ ସମାଜ ସୃଷ୍ଟିକରେ, ଯାହାକୁ ଅଗ୍‌ବର୍ଣ୍ଣଙ୍କ ଭାଷାରେ ସାଂସ୍କୃତିକ ବିଳମ୍ବନ କୁହାଯାଏ ।

ସଂସ୍କୃତିର ବହୁବିଧ ଦିଗ ରହିଛି । ଆବାହମାନ କାଳରୁ ଏପର୍ଯ୍ୟନ୍ତ ଭଲ ଭାବରେ ନୀରିକ୍ଷଣ କଲେ ସଂସ୍କୃତିକୁ ମୁଖ୍ୟତଃ ୩ ଭାଗରେ ବିଭକ୍ତ ହେବାର ଦେଖାଯାଏ ।

୧) ଅଭିଜାତ ସଂସ୍କୃତି (High Culture)

୨) ଜନପ୍ରିୟ ସଂସ୍କୃତି (Popural Culture)

୩) ଲୋକ ସଂସ୍କୃତି (Folk Culture)

### ୧) ଅଭିଜାତ ସଂସ୍କୃତି (High Culture) :

ସର୍ବପ୍ରଥମେ ଭିକ୍ଟୋରିଆନ ଯୁଗର ଇଂରାଜୀ ସମାଲୋଚକ - କବି ମ୍ୟାଥ୍ୟୁ ଅର୍ (Matthew Arnold) ତାଙ୍କର କୃତି (Culture and Anarchy) (୧୮୬୯) ରେ ଉଚ୍ଚ ସଂସ୍କୃତି ବା ଆଭିଜାତ ସଂସ୍କୃତି (High Culture) ସମ୍ପର୍କରେ ଅବଗତ କରାଇଲେ । ତାଙ୍କ ମତରେ ଏହା ଏକ ଉଚ୍ଚତର ରାଜନୀତିକ ଓ ନୈତିକ ମୂଲ୍ୟବୋଧକୁ ବୁଝାଏ । ଏହା ମଧ୍ୟ ସାହିତ୍ୟ, କଳା, ସଙ୍ଗୀତରେ ଉତ୍କର୍ଷତା ପ୍ରତିପାଦନ କରେ । ସେ ସମୟରେ ଧନୀ ଓ ପ୍ରତିପତ୍ତି ବ୍ୟକ୍ତିମାନଙ୍କୁ ଏହି କଳା ଓ ସଂସ୍କୃତି ପ୍ରତି ଅନୁରକ୍ତ ଥିବାର ଦେଖାଯାଏ । ଏହା କେବଳ ଉଚ୍ଚବର୍ଗର ବ୍ୟକ୍ତି ବିଶେଷ ପାଖରେ ସୀମିତ ଥିଲା । ତେଣୁ ଏହାକୁ ଆଭିଜାତ ସଂସ୍କୃତି କୁହାଯାଏ ।

**୨) ଜନପ୍ରିୟ ସଂସ୍କୃତି (Popural Culture) :**

ଜନପ୍ରିୟ ସଂସ୍କୃତି (Popular Culture or mass Culture) ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଆଦୃତ ଲାଭ କଲା । ଏହା ସାଧାରଣତଃ ବହୁ ଲୋକମାନଙ୍କ ଦ୍ୱାରା ପ୍ରଚଳିତ ରୀତି, ନିତି, ରୁଚି ଓ ଜୀବନ ଶୈଳୀକୁ ବୁଝାଏ । ଗଣମାଧ୍ୟମର ଗୁରୁତ୍ୱ ବଢ଼ିବା ସହିତ ଜନପ୍ରିୟ ସଂସ୍କୃତିର ପ୍ରଚାର ଓ ପ୍ରସାର ମଧ୍ୟ ବଢ଼ିଚାଲିଲା । ଶିଳ୍ପାୟନ, ସହରୀକରଣ ଲୋକମାନଙ୍କ ମଧ୍ୟରେ ଏକ ବିଶେଷ ରୁଚିକୁ ଜନ୍ମ ଦେଲା । ଏହା ଚିତ୍ତ ବିନୋଦନ ପ୍ରକ୍ରିୟାଠାରୁ ଆରମ୍ଭ କରି ରନ୍ଧନ କଳା, ଚିତ୍ତବିନୋଦନ, ଅବସର ବିନୋଦନ, ଖେଳକୁଦ, ଗୀତ - ସଙ୍ଗୀତ, ନୃତ୍ୟ ଆଦି ବିବିଧ ବିଭାଗରେ ଏକ ସ୍ୱତନ୍ତ୍ର ଲୋକପ୍ରିୟ ରୁଚିକୁ ପରିପ୍ରକାଶ କଲା । ମୁଖ୍ୟତଃ ଜନପ୍ରିୟ ସଂସ୍କୃତିର ପ୍ରଚାର ଓ ପ୍ରସାର ଜଗତୀକରଣ ଓ ଆର୍ଥୀକ ଉଦାରୀକରଣ ପ୍ରକ୍ରିୟା ମାଧ୍ୟମରେ ଅଧିକରୁ ଅଧିକ ବିକଶିତ ହେବାକୁ ଲାଗିଲା । ବର୍ତ୍ତମାନ ଭାରତୀୟ ସମାଜରେ 'ବଲିଉଡ୍ ସଂସ୍କୃତି' ଏଭଳି ଏକ ଜନପ୍ରିୟ ସଂସ୍କୃତିର ଉଦାହରଣ ଅଟେ ।

**୩) ଲୋକ ସଂସ୍କୃତି (Folk Culture) :**

ଲୋକ ସଂସ୍କୃତି (Folk Culture) ଯେ କୌଣସି ସମାଜର ସାଂସ୍କୃତିକ ପରିଚୟ ବହନ କରେ । ଏହା ସେ ଅଞ୍ଚଳର ପାରମ୍ପାରିକ ବ୍ୟବସ୍ଥାର ପରିପ୍ରକାଶ ଅଟେ । ପିଢ଼ୀ ପରେ ପିଢ଼ୀ ଏହି ପରମ୍ପରା ଲୋକ ସଂସ୍କୃତି ମାଧ୍ୟମରେ ଆଦୃତ ହେବା ସଙ୍ଗେ ସଙ୍ଗେ ସେହି ଅଞ୍ଚଳ ବା ସମାଜକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ । ଏହା ଅଲିଖିତ ଏବଂ କଥା ମାଧ୍ୟମରେ ପ୍ରସାରିତ ହୁଏ । ଲୋକ ସଂସ୍କୃତିର ଚେର ବହୁତ ମଜ୍‌ବୁତ୍ ଓ ଗଭୀର ଥାଏ । ଏହା ସହଜରେ ପରିବର୍ତ୍ତିତ ହୁଏ ନାହିଁ । ଯଦିଓ ସମୟ, ସ୍ଥାନ ବିଶେଷରେ, ବାହ୍ୟ ଶକ୍ତିର ପ୍ରଭାବରେ କିଛିଟା ପରିବର୍ତ୍ତନ ହୋଇଥାଏ କିନ୍ତୁ ଏହା ଆଂଶିକ ଅଟେ । ବର୍ତ୍ତମାନ ଜାଗତୀକରଣ ପ୍ରଭାବରେ ଲୋକସଂସ୍କୃତିର ପରିଚୟ କୌଣସି ଏକ ଅଞ୍ଚଳରେ ସୀମିତ ରହିନାହିଁ ବରଂ ଦେଶ, କାଳ ନିର୍ବିଶେଷରେ ଏହା ବ୍ୟାପକ ହୋଇ ଯାଇଛି ।

## ୧.୭ ସଂସ୍କୃତି ଓ ସମାଜ ମଧ୍ୟରେ ସମ୍ପର୍କ

ଜନମାନସରେ ବହୁ ପ୍ରାଚୀନ କାଳରୁ ସାଇତା ବିଚାରଗତ ଧାରଣା, ମୂଲ୍ୟବୋଧ, ରୀତି, ନୀତିକୁ ଯଦି ଆମେ ସଂସ୍କୃତି ବୋଲି ବୁଝୁଥାଉ ତେବେ ସେହି ଲୋକମାନଙ୍କର ସାମୂହିକ ଭାବରେ ବଞ୍ଚିବାରର ବ୍ୟବସ୍ଥାକୁ ସମାଜ କହିଥାଉ । ତେଣୁ ଚିନ୍ତା, ଚେତନାର ସାମୂହିକ ପ୍ରକାଶ ସଂସ୍କୃତି ହେଲେ ମଣିଷମାନଙ୍କର ସାମୂହିକ ପ୍ରକାଶ ସମାଜ ଅଟେ । ସଂସ୍କୃତି ସମାଜରେ ରହି ବଞ୍ଚିବାର କଳା ଶିଖାଇଥାଏ ।

ତେଣୁ ମଣିଷ ଏକ ସାମାଜିକ ପ୍ରାଣୀ ଓ ତତ୍‌ସହିତ ସାଂସ୍କୃତିକ ପ୍ରାଣୀ । ଉଭୟ ପରସ୍ପରର ପରିପୂରକ । ସମାଜ ବିନା ସଂସ୍କୃତିର ପରିଚୟ ନାହିଁ ଓ ବୁଝିବାକୁ ହେଲେ, ସମାଜ ଓ ସଂସ୍କୃତିର ମିଳିତ ଅଧ୍ୟୟନ ଆବଶ୍ୟକ ଅଟେ ।

ସମାଜ ଓ ସଂସ୍କୃତି ମଧ୍ୟରେ ବ୍ୟକ୍ତି ଏକ ମୁଖ୍ୟ ଉପାଦାନ । ଏହା ଏକ ତ୍ରିକୋଣୀୟ ବ୍ୟବସ୍ଥା ଓ ଏହା ମଧ୍ୟରେ ବ୍ୟକ୍ତି, ସମାଜ ଓ ସଂସ୍କୃତି ପରସ୍ପରକୁ ବିଭିନ୍ନ ଦିଗରେ ପ୍ରଭାବିତ କରି ଆସିଛନ୍ତି ।

ସଂସ୍କୃତି ବ୍ୟକ୍ତି ଓ ସମାଜକୁ ବହୁଭାବେ ପ୍ରଭାବିତ କରିଥାଏ। ବ୍ୟକ୍ତିଗତ ସ୍ତରରେ,

- ବ୍ୟକ୍ତିର ଆଚାର, ବ୍ୟବହାର ଓ ବିଚାରଧାରା ସଂସ୍କୃତି ଦ୍ୱାରା ସ୍ଥିରୀକୃତ ହୋଇଥାଏ। ଛୋଟବେଳୁ ସମାଜ ମାଧ୍ୟମରେ ସାଧାରଣ ରୀତି ନୀତି ସବୁ ବଡ଼ ହେଲେ ବ୍ୟକ୍ତିତ୍ୱ ଗଠନରେ ସହାୟକ ହୋଇଥାଏ। ଉଦାହରଣ ସ୍ୱରୂପ, ପୋଷାକ, ଖାଦ୍ୟପେୟ ଧର୍ମ ଧାରଣା ଆଦି ମଣିଷମାନଙ୍କୁ ତାଙ୍କ ସମାଜର ସଂସ୍କୃତି ମାଧ୍ୟମରେ ଶିଖିବାକୁ ମିଳିଥାଏ।

- ସଂସ୍କୃତି ବ୍ୟକ୍ତିର ଚରିତ୍ର ଗଠନରେ ସାହାଯ୍ୟ କରିଥାଏ। ଭବିଷ୍ୟତରେ ବ୍ୟକ୍ତି କିଭଳି ଭାବରେ ନିଜକୁ ଗଢ଼ିଥାଏ, ତାହା ବହୁଳାଂଶରେ ସାମୁହିକ ମୂଲ୍ୟବୋଧ ସ୍ଥିର କରିଥାଏ। ଏକ ଆବଦ୍ଧ ସମାଜରେ ନୂଆ ଚିନ୍ତାଧାରା ପ୍ରତି ବିଶେଷ ଆଗ୍ରହ ନ ଥାଏ ଯଦି ବା ଏକ ମୁକ୍ତ ସମାଜରେ ଏଭଳି ନୂତନ ଦିଗ ପ୍ରତି ସବୁବେଳେ ଆଗ୍ରହ ରହିଥାଏ। ତେଣୁ ବ୍ୟକ୍ତିର ଚରିତ୍ର ସେହି ସମାଜର ସାଂସ୍କୃତିକ ମୂଲ୍ୟବୋଧ ଉପରେ ନିର୍ଭର କରିଥାଏ।

- ସଂସ୍କୃତି ବ୍ୟକ୍ତିକୁ ପରିଚୟ ପ୍ରଦାନ କରେ। ନିଜ ସଂସ୍କୃତିକୁ ନେଇ ଏକ ବିଶେଷ ଭାବାବେଗ ପରିଲକ୍ଷିତ ହୁଏ। ଏକ ସଂସ୍କୃତି ମାଧ୍ୟମରେ ବ୍ୟକ୍ତିମାନଙ୍କ ମଧ୍ୟରେ 'ଆମେ - ଭାବନା'ର ବିକାଶ ଗଢ଼େ ଯାହା ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାକୁ ସାହାଯ୍ୟ କରିଥାଏ। ଉଦାହରଣ ସ୍ୱରୂପ, ବିଦେଶରେ ବସବାସ କରୁଥିବା ଭାରତୀୟ ସମୁଦାୟ ପାଇଁ ଭାରତୀୟ ସଂସ୍କୃତି ଏକ ଗୋଷ୍ଠୀଗତ ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ପରସ୍ପର ମଧ୍ୟରେ ଆତ୍ମୀୟତା ଆଣିଥାଏ।

- ସଂସ୍କୃତି ବ୍ୟକ୍ତି ମଧ୍ୟରେ ବିବିଧ ସମସ୍ୟାର ସମାଧାନ ସୂତ୍ର ଦେଇଥାଏ। ସଂସ୍କୃତି ବହୁ ଜ୍ଞାନ, ବିଜ୍ଞାନର ସମ୍ମିଶ୍ରଣ। ବ୍ୟକ୍ତିଗତ ବହୁବିଧ ଆବଶ୍ୟକତା ପୂରଣ କରିବାରେ ସଂସ୍କୃତି ସହାୟକ ହୋଇଥାଏ। ଜୀବନରେ ବିଭିନ୍ନ ପରିସ୍ଥିତି ସହିତ ସଫଳ ମୁକାବିଲା କରିବା ପାଇଁ ସଂସ୍କୃତି ପ୍ରେରଣା ଦେବା ସଙ୍ଗେ ସଙ୍ଗେ ଉପାୟ ବତାଇଥାଏ। କୋଣସି ଏକ କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ସଂସ୍କୃତି ନିର୍ଦ୍ଦେଶିତ ପଥ ର ସାହାଯ୍ୟ ବିଶେଷରୂପେ ଲାଭବାନ ହୋଇଥାଏ। ପରିବାର ସଂରଚନା, ବିବାହ, ବ୍ରତ, ଧାର୍ମିକ କର୍ମକାଣ୍ଡ, ବିଭିନ୍ନ ଭୋଗର ଉପଚ଼ାର ଇତ୍ୟାଦିର ଜ୍ଞାନ ଓ କର୍ମ ସଂସ୍କୃତି ମାଧ୍ୟମରେ ବ୍ୟକ୍ତିକୁ ମିଳିଥାଏ।

  ସେହିପରି ଭାବରେ ସାମାଜିକ ସ୍ତରରେ ମଧ୍ୟ ସଂସ୍କୃତି ବିଶେଷ ରୂପେ ସହାୟକ ହୋଇଥାଏ। ସଂସ୍କୃତି ଓ ସମାଜ ପରସ୍ପରର ପରିପୂରକ ହୋଇଥିବାରୁ ଉଭୟ ପରସ୍ପର ଦ୍ୱାରା ସଂଗଠିତ, ପ୍ରଭାବିତ ଓ ପରିବର୍ତ୍ତିତ ହୋଇଥାଆନ୍ତି।

- ସଂସ୍କୃତି ସମାଜର ବିଭିନ୍ନ ଭୌତିକ ଓ ଅଭୌତିକ ଆବଶ୍ୟକତା (Material and non - material needs) କୁ ପୂରଣ କରିଥାଏ। ଖାଦ୍ୟ, ବାସଗୃହ ଆଦି ବସ୍ତୁଗତ ଆବଶ୍ୟକତା ଭୌତିକ ସଂସ୍କୃତିର ଅନ୍ତର୍ଭୁକ୍ତ। ସଙ୍ଗୀତ, କଳା, ଧର୍ମ, ବିଚ଼ାରଧାରା ଆଦି ଅଭୌତିକ ସଂସ୍କୃତିର ଅନ୍ତର୍ଭୁକ୍ତ। ସମାଜ ପାଇଁ ଉଭୟ ସଂସ୍କୃତିର ସମାନ ଆବଶ୍ୟକତା ରହିଅଛି।

- ସଂସ୍କୃତି ସମାଜର ବହୁବିଧ ପ୍ରାଥମିକ ଓ ଗୌଣ ଆବଶ୍ୟକତାକୁ (Primary and secondary needs) ପୂରଣ କରିଥାଏ। ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯଦି ବ୍ୟକ୍ତି ଓ ସମାଜର ପ୍ରାଥମିକ ଆବଶ୍ୟକତା ହୁଏ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସୁନ୍ଦର ପରିବେଶେ ଗୁଣାତ୍ମକ ଜୀବନ ତଥା କଳା ଓ ସୌନ୍ଦର୍ଯ୍ୟ ଆଦି କୁ ଗୌଣ ଆବଶ୍ୟକତା ବୋଲି ଧରାଯାଏ। ବର୍ତ୍ତମାନର ସମାଜ ପରିପ୍ରେକ୍ଷୀରେ ଗୁଣାତ୍ମକ ଜୀବନର ଗୁରୁତ୍ୱ ବୃଦ୍ଧିପାଇଛି ଏବଂ ଏଥିପାଇଁ ସଂସ୍କୃତିର ଅବଦାନ ବହୁତ।

- ସଂସ୍କୃତି ସମାଜ ମଧ୍ୟରେ ସମତା, ଐକ୍ୟଭାବ, ଭାତୃଭାବ ଆଦି ମାନବୀୟ ମୂଲ୍ୟବୋଧ ଗୁଡ଼ିକର ବିକାଶ କରାଏ। ଏକ ନିର୍ଦ୍ଦିଷ୍ଟ ଜୀବନ ଧାରା ବା ଜୀବନଶୈଳୀ ସଂସ୍କୃତିର ଅବଦାନ ଅଟେ। ଏହା ଦ୍ୱାରା ଗୋଷ୍ଠୀ ମନୋଭାବ ଏବଂ ସାମାଜିକ ଏକତା ପ୍ରତିଷ୍ଠିତ ହୁଏ।

- ସଂସ୍କୃତି ମାଧ୍ୟମରେ ସମାଜ ଆଗକୁ ବଢ଼ିବା ପାଇଁ ଲକ୍ଷ୍ୟ ସ୍ଥିର କରେ ଏବଂ ସେଥିପାଇଁ ମାର୍ଗ ସୁନିଶ୍ଚିତ କରାଏ। ସମାଜର ସବୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ସାଂସ୍କୃତିକ ଆଧାର ଉପରେ ପର୍ଯ୍ୟବେସିତ ଥାଏ।

ପ୍ରତ୍ୟେକ ସମାଜର ବିକାଶ ତା'ର ସାଂସ୍କୃତିକ ପୃଷ୍ଠଭୂମି ଉପରେ ନିର୍ଭରଶୀଳ। ସେହିପରି ଭାବେ ସମାଜର ପରିସ୍ଥିତ ଓ ପ୍ରଭାବ ସଂସ୍କୃତିର ଲକ୍ଷ୍ୟ ଓ ପରିସରକୁ ମଧ୍ୟ ପରିବର୍ତ୍ତିତ କରିଥାଏ। ଉଭୟେ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି ପରସ୍ପର ପରସ୍ପର ସହିତ ଜଡ଼ିତ ଓ ନିର୍ଭରଶୀଳ।

## ୧.୮ ସଂସ୍କୃତିର ଉପାଦାନ

ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ସଂସ୍କୃତି ତାହାର ସଦସ୍ୟ ମନରେ ବ୍ୟକ୍ତି ମଧ୍ୟରେ ଜୀବନର ବିଭିନ୍ନ ବିଭାଗକୁ ନିକଟରୁ ନିରୀକ୍ଷଣ କରିବାର ଦୃଷ୍ଟିଭଙ୍ଗୀ ପ୍ରଦାନ କରେ।ଯାହା ମାଧ୍ୟମରେ ବ୍ୟକ୍ତି ନିଜକୁ ଶୃଙ୍ଖଳିତ କରେ ଓ ସମାଜ ଏକ ନିର୍ଦ୍ଦିଷ୍ଟ ଦିଗରେ ଆଗକୁ ଚାଲେ। ଯଦିଓ ବିଭିନ୍ନ ସମାଜରେ ସଂସ୍କୃତିର ରୂପରେଖ ଭିନ୍ନ ଭିନ୍ନ ହୋଇଥାଏ, ତଥାପି ଯେଉଁ ଯେଉଁ ଉପାଦାନକୁ ନେଇ ସଂସ୍କୃତିର ରୂପରେଖ ଗଢ଼ା ହୁଏ ତାହା ମୂଳତଃ ସମାନ ରହିଥାଏ। ସଂସ୍କୃତିର ଉପାଦାନ କହିଲେ ସାମାଜିକ ମାନଦଣ୍ଡ (Norms), ମୂଲ୍ୟବୋଧ (Values), ଧାରଣା (Beliefs), ପ୍ରତୀକ (Symbols), ଭାଷା (Language), ଲୋକ ରୀତି (folk ways), ଆଇନ୍ କାନୁନ୍ (Laws) ଆଦି କୁ ବୁଝାଏ।

**ସାମାଜିକ ମାନଦଣ୍ଡ (Norms) :** ସାମାଜିକ ମାନଦଣ୍ଡ କହିଲେ ଆମେ ଯାବତୀୟ ନିୟମ ଶୃଙ୍ଖଳାକୁ ବୁଝାଇଥାଉ ଯାହା ବ୍ୟକ୍ତିକୁ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ବ୍ୟାବହାରିକ ଜ୍ଞାନ ଦେଇଥାଏ। ଏହି ମାଧ୍ୟମରେ ସମାଜ ବ୍ୟକ୍ତିକୁ ନିୟନ୍ତ୍ରଣ କରେ। ବ୍ୟାବହାରିକ ଜ୍ଞାନ ପ୍ରତ୍ୟେକ ସଂସ୍କୃତିର ଏକ ମୁଖ୍ୟ ଉପାଦାନ ଅଟେ। ଏହା ବିସ୍ତୃତ ଭାବରେ କିଭଳି ଆମେ ବିଭିନ୍ନ କାର୍ଯ୍ୟରେ ଆବଶ୍ୟକତା ଅନୁଯାୟୀ ସାମାଜିକ ଅପେକ୍ଷାନୁସାରେ ପ୍ରସ୍ତୁତ ହୋଇ ପାରିବୁ, ତାହା ଶିକ୍ଷା ଲାଭ କରିଥାଉ। ଯେମିତି ଏକ ଭାରତୀୟ ଅନ୍ୟ ଏକ ବ୍ୟକ୍ତିକୁ ସମ୍ଭାଷଣ (great) କରେ ସେହିପରି ଜଣେ ଆମେରିକୀୟର ସମ୍ଭାଷଣ ଭିନ୍ନ ହୋଇଥାଏ। ସାଧାରଣତଃ ଭାରତୀୟ ସମାଜରେ ଗୁରୁଜନଙ୍କ

ପାଦ ଛୁଇଁ ଶ୍ରଦ୍ଧା ଓ ସମ୍ମାନ ଜଣାଇ ଥାଉ। କିନ୍ତୁ ପାଶ୍ଚାତ୍ୟ ସମାଜରେ କର ମର୍ଦ୍ଦନ ବା ଆଲିଙ୍ଗନ କରି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରାଯାଏ। ଏହିପରି ଭାବେ ପ୍ରତ୍ୟେକ ସାମାଜିକ ସଂସ୍କୃତିରେ ସାମାଜିକ ମାନଦଣ୍ଡ ବିଭିନ୍ନ ରୂପରେ ଦୃଷ୍ଟିଗୋଚର ହୋଇଥାଏ।

**ମୂଲ୍ୟବୋଧ (Values) :** ସ୍ଥୁଳଭାବରେ ଯାହା ଗ୍ରହଣୀୟ, ସଠିକ୍ ଏବଂ ଉଚିତ୍ ହୋଇଥାଏ ତାହାକୁ ଆମେ ମୂଲ୍ୟବୋଧ କହିଥାଉ।  ସଂସ୍କୃତି ସମାଜର ମୂଲ୍ୟବୋଧ ସ୍ଥିରୀକୃତ କରେ ଏବଂ ସାମାଜିକ ଜୀବନ ବଞ୍ଚିବା ପାଇଁ ଦିଗ୍‌ଦର୍ଶନ ଦିଏ। ବିଭିନ୍ନ ସମାଜର ମୂଲ୍ୟବୋଧ ଭିନ୍ନ ଭିନ୍ନ ହୋଇଥାଏ। ଯେମିତି ଜାପାନରେ ଦୃଶ୍ୟମାନ ସୌନ୍ଦର୍ଯ୍ୟ ଏବଂ ସ୍ପେନରେ ପୁରୁଷର ଅସାଧାରଣ ସାହାସ ଆଦିକୁ ପ୍ରାଧାନ୍ୟ ଦିଆଯାଇଥାଏ। ଭାରତୀୟ ସମାଜର ଆଧ୍ୟାତ୍ମିକ ମୂଲ୍ୟବୋଧ ପାଶ୍ଚାତ୍ୟ ସମାଜର ବସ୍ତୁବାଦୀ ମୂଲ୍ୟବୋଧର ଗୁରୁତ୍ୱ ସେହି ସେହି ସମାଜରେ ଅଧିକ ଉପଲବ୍ଧି ହୁଏ। ତେଣୁ ମୂଲ୍ୟବୋଧ ପ୍ରତ୍ୟେକ ସମାଜର ଆଧାରସ୍ତମ୍ଭ ରୂପେ ସାମାଜିକ ଜୀବନର ଚିନ୍ତା, ଚେତନା, କାର୍ଯ୍ୟ, ଭାବନା, ଅନୁଭବ, ପ୍ରକୃତି, ଲକ୍ଷ୍ୟ ଏବଂ ମାର୍ଗ ସବୁକୁ ପ୍ରଭାବିତ ଓ ନିୟନ୍ତ୍ରିତ କରିଥାଏ।

**ଧାରଣା (Beliefs) :** ଜନମାନସର ଧାରଣ ସମୂହକୁ ନେଇ ସମାଜର ଗୋଷ୍ଠୀଗତ ଧାରଣା ଗଢ଼ା ହୋଇଥାଏ। ଧାରଣା ସାମାଜିକ ଜ୍ଞାନ, ବିଶ୍ୱାସ ଓ ପରମ୍ପରା ଦ୍ୱାରା ପ୍ରଭାବିତ ହୋଇଥାଏ, ଯାହାକୁ ସାଧାରଣ ଭାବେ ଉଚିତ୍ ଏବଂ ଉପଯୁକ୍ତ ଭାବେ ବିବେଚନା କରାଯାଏ। ଏହି ଧାରଣା ସମୂହକୁ ଠିକ୍ ବା ଭୁଲ୍‌ର ତରାଜୁରେ ପରଖା ଯାଇ ପାରିବନି। ଏହା କେବଳ ସମାଜର ବାସ୍ତବତାକୁ ପ୍ରକାଶ କରିଥାଏ।

**ପ୍ରତୀକ (Symbols) :** ସମାଜର ଧ୍ୟାନ - ଧାରଣା, ମୂଲ୍ୟବୋଧ ଆଦି ପ୍ରତୀକାତ୍ମକ ହୋଇଥାଏ। ଜନମାନସର ଚିନ୍ତା ଓ ଚେତନାକୁ ସାମାଜିକ ମୂଲ୍ୟବୋଧର ଆଧାରରେ ପ୍ରତୀକ ରୂପେ ପ୍ରକାଶ କରାଯାଏ, ଯାହା ସମସ୍ତଙ୍କ ଦ୍ୱାରା ଆଦୃତ ଓ ଗ୍ରହଣୀୟ ହୋଇଥାଏ। ପ୍ରତୀକ ବିଭିନ୍ନ ଭାବ, ଆବେଗ, ପ୍ରସ୍ଥିତି, ପ୍ରଥା ଓ ପରମ୍ପରାର ଗୁଢ଼ ଅର୍ଥକୁ ବହନ କରିଥାଏ, ଯାହା ଅତି ସହଜ ଭାବରେ ସମସ୍ତଙ୍କ ମାଧ୍ୟମରେ ଗୋଷ୍ଠୀଗତ ଜୀବନର ପରିଚୟ ପ୍ରଦାନ କରେ। ଉଦାହରଣ ସ୍ୱରୂପ, ଏକ ବିବାହିତ ହିନ୍ଦୁ ମହିଳା କହିଲେ ସେ ପିନ୍ଧିଥିବା ଚୁଡ଼ି, ସିନ୍ଦୁର, ଝୁଣ୍ଟିଆ ଆଦି ପ୍ରତୀକ ମାଧ୍ୟମରେ ଚିହ୍ନିଥାଉ। ସେହିପରି ଭାବରେ ଦେଶାତ୍ମବୋଧର ଭାବ ସେହି ଦେଶର ଜାତୀୟ ପତାକା ବା ସମ୍ବିଧାନର ପ୍ରତୀକ ମାଧ୍ୟମରେ ଉପଲବ୍ଧ କରିହୁଏ। ପ୍ରତ୍ୟେକ ସମାଜ ଆଧୁନିକ ଅବା ପୁରାତନ ବିଭିନ୍ନ ପ୍ରତୀକ ବହନ କରେ ଯାହା ମାଧ୍ୟମରେ ସମଷ୍ଟିଗତ ଭାବ ଓ ଆବେଗ ପ୍ରକାଶିତ ହୁଏ।

**ଭାଷା (Language) :** ଭାଷା ଏଭଳି ସାଂସ୍କୃତିକ ବାହନ ଯାହା ମାଧ୍ୟମରେ ବ୍ୟକ୍ତି - ବ୍ୟକ୍ତି ମଧ୍ୟରେ ଭାବର ଆଦାନପ୍ରଦାନ ହୁଏ। ଭାଷା ମଧ୍ୟରେ ସମାଜର ସଂସ୍କୃତି ଏକ ପିଢ଼ୀରୁ ଅନ୍ୟ ପିଢ଼ୀକୁ ସଂଚାରିତ ହୁଏ। ଏହା ସମାଜ ମାଧ୍ୟମରେ ଧ୍ୱନି ଉଚ୍ଚାରଣ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଅର୍ଥକୁ ପ୍ରକାଶିତ କରେ। ସମସ୍ତ ଆବେଗ, ଜ୍ଞାନ, ମୂଲ୍ୟବୋଧ, ଆଦର୍ଶ ଆଦି ଭାଷା ମାଧ୍ୟମରେ ଲୋକଲୋଚନକୁ ଆସେ ଓ ଏହାର ପ୍ରଚାର ପ୍ରସାର ହୋଇଥାଏ। ମଣିଷ ସମାଜ ପାଇଁ ଭାଷା ସଂସ୍କୃତିର ଏକ ବିଶେଷ ଅବଦାନ ଅଟେ। ନୃତତ୍ତ୍ୱବିଦ୍ ଏଡ୍‌ୱାର୍ଡ଼ ସାପିର୍ (Edward Sapir) ଏବଂ ବେଜଂମିନ ହୋର୍‌ଫ୍ (Benjamin whorf) ଙ୍କ ମତରେ ଆମେ ସମଗ୍ର ପୃଥିବୀକୁ ଆମ ସଂସ୍କୃତିର ଯବକାଚର ଭାଷା ମାଧ୍ୟମରେ ଦେଖିଥାଉ ଏବଂ ବୁଝିଥାଉ।

**ଲୋକରୀତି (Folk ways) :** ସମାଜବିଜ୍ଞାନୀ ଓ୍ୱିଲିୟମ୍ ଗ୍ରାହମ୍ ସମ୍ନର୍ (Willium Graham Sumner) ଲୋକରୀତି (folk ways) ଶବ୍ଦର ଜନକ। ସାଧାରଣ ଭାବେ ଅଥବା ହାଲୁକା ଭାବେ ଆମେ ଯେଉଁ ପ୍ରଥା ଓ ପରମ୍ପରାକୁ ନେଇ ଜୀବନ ବଞ୍ଚୁଥାଉ ଯାହା ଆମର ଦୈନନ୍ଦିନ ଜୀବନରେ ପ୍ରତିଫଳିତ ହୁଏ, ତାହାକୁ ଲୋକରୀତି କୁହାଯାଏ। ବହୁ ପରୀକ୍ଷା ନିରୀକ୍ଷା ପରେ ଏକ ନିର୍ଦ୍ଦିଷ୍ଟ ଧରାବନ୍ଧା ପ୍ରକାର୍ଯ୍ୟ ଯାହା ଆମର ଆବଶ୍ୟକତାକୁ ସଫଳ ରୂପେ ପୂରଣ କରିଥାଏ ତାହା କାଳକ୍ରମେ ଲୋକରୀତିର ମାନ୍ୟତା ଲାଭ କରେ। ଉଦାହରଣ ସ୍ୱରୂପ ଆମ ଓଡ଼ିଶାରେ କଦଳୀ ପତ୍ରରେ ଖାଇବାର ପରମ୍ପରା, ବିଭିନ୍ନ ପର୍ବ ପର୍ବାଣିକୁ ସମସ୍ତଙ୍କ ଗହଣରେ ଉପଭୋଗ କରିବାର ପ୍ରଥା ଆଦି ଲୋକରୀତିର ଅନ୍ତର୍ଭୁକ୍ତ। ଯୁବପିଢ଼ୀ ଏହି ପ୍ରଥା, ପରମ୍ପରା, ଆଦବ୍‌କାଇଦା କୁ ଦେଖି ଶିକ୍ଷା ଲାଭ କରନ୍ତି ଏବଂ ତାକୁ ଜୀବନରେ ମଧ ଉପଯୋଗ କରନ୍ତି। ଏହିପରି ଭାବେ ଲୋକ ରୀତି ଏକ ପିଢ଼ୀରୁ ଅନ୍ୟ ପିଢ଼ୀକୁ ସଂଚରିତ ହୁଏ।

**ଆଇନ୍ କାନୁନ୍ (Laws) :** ଆଇନ୍ କାନୁନ୍ ବିନା ସମାଜର ସ୍ଥିତି ଅସମ୍ଭବ। ଏହା ଏକ ଗୋଷ୍ଠୀଗତ ଶୃଙ୍ଖଳିତ ଜୀବନ ନିର୍ବାହ କରିବାରେ ସହାୟକ ହୁଏ। ପ୍ରତ୍ୟେକ ସମାଜରେ ଆଇନ୍ କାନୁନ୍ ଦୁଇ ପ୍ରକାରର ଥାଏ; ଔପଚାରିକ ନିୟମ (formal law) ଏବଂ ଅନପୌଚାରିକ ନିୟମ (informal law)। ଔପଚାରିକ ନିୟମ ବିଭିନ୍ନ ସାମାଜିକ, ରାଜନୈତିକ ଏବଂ ପ୍ରଶାସନିକ ସଂସ୍ଥା ଦ୍ୱାରା ପରିଚାଳିତ ହୁଏ। ଔପଚାରିକ ନିୟମ ଭଙ୍ଗ ହେଲେ ଦଣ୍ଡ ବିଧାନର ସ୍ୱତନ୍ତ୍ର ବ୍ୟବସ୍ଥା ରହିଥାଏ। କିନ୍ତୁ ଅନପୌଚାରିକ ନିୟମର ଅବମାନନାରେ ସାମାଜିକ ସମାଲୋଚନା, କଟାକ୍ଷ ଆଦିର ଶିକାର ହେବାକୁ ପଡ଼େ। ସେଥିପାଇଁ ଅନେପୌଚାରିକ ନିୟମର ପ୍ରଭାବ ବ୍ୟକ୍ତି ଓ ସମାଜ ଉପରେ ଅଧିକ ଥାଏ।

ମୋଟାମୋଟି ଭାବେ ସଂସ୍କୃତିର ଉପାଦାନ ସମୁହ ସଂସ୍କୃତିକୁ ଦୃଢ଼ ମଜବୁତ୍ ଆକାର ଦେଇଥାଏ ଏବଂ ତତ୍ ସହିତ ବ୍ୟକ୍ତି ଓ ସମାଜର ସମ୍ପର୍କକୁ ପରିପୁଷ୍ଟ କରିବାରେ ବିଶେଷ ସହାୟକ ହୁଏ।

## ୧.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।

କ) ସଂସ୍କୃତି ଅଧୟନ ଦ୍ୱାରା କ'ଣ ହୋଇଥାଏ ?

ଖ) ସଂସ୍କୃତି ବ୍ୟକ୍ତି ଓ ସମାଜକୁ କ'ଣ ପ୍ରଦାନ କରେ ?

ଗ) କାହା ବିନା ସୁସ୍ଥ ଓ ସୁନ୍ଦର ସମାଜର କଳ୍ପନା ଅସମ୍ଭବ ?

ଘ) ସଂସ୍କୃତିର ଦୁଇଟି ଲକ୍ଷଣ ଲେଖ।

ଙ) ସଂସ୍କୃତି କାହିଁକି ପରିବର୍ତ୍ତନଶୀଳ ?

ଚ) ସମାଜର କେଉଁ ଅଂଶଗୁଡ଼ିକୁ ଜନପ୍ରିୟ ସଂସ୍କୃତି କୁହାଯାଏ ?

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

କ) ସଂସ୍କୃତିର ସଂଜ୍ଞା ଓ ସ୍ୱରୂପ ଆଲୋଚନା କର।

ଖ) ସଂସ୍କୃତିର ଲକ୍ଷଣ ଗୁଡ଼ିକ ଆଲୋଚନା କର।

ଗ) ସଂସ୍କୃତିର ଲକ୍ଷଣ ଓ ପ୍ରକାରଭେଦ ଆଲୋଚନା କର।

ଘ) ସଂସ୍କୃତି ଓ ସମାଜ କିପରି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ, ଦର୍ଶାଅ।

## ୧.୧୦ ସହାୟକ ଗ୍ରନ୍ଥସୂଚୀ


- Bottomore, T.B.Sociology, Blackie and son (India) Ltd, New Delhi, 1975.
- Semlser, Neil J., Sociology, Premtice Hall of India, New Delhi, 1993.
- Verma, Roop Rekha, The concept of progress and cultural Identity, Motilal Banarasidass Publishers pvt. Ltd, New Delhi, 1994.
- ରଥ, ସନ୍ତୋଷ କୁମାର ଏବଂ ଜ୍ୟୋସ୍ନା ଚୌଧୁରୀ, ସମାଜ ବିଜ୍ଞାନର ଭିତ୍ତିଭୂମି, କଲ୍ୟାଣୀ ପବ୍ଲିଶର୍ସ, ନୂଆଦିଲ୍ଲୀ, ୨୦୦୬।

# ଦ୍ୱିତୀୟ ଏକକ : ସଂସ୍କୃତି ଅଧ୍ୟୟନର ଇତିହାସ

**ବିଷୟ ଗଠନ :**


୨.୧ ପଠନର ଉଦ୍ଦେଶ୍ୟ

୨.୨ ଶିକ୍ଷଣୀୟ ବିଷୟ

୨.୩ ବିଷୟ ପ୍ରବେଶ

୨.୪ ସଂସ୍କୃତି ଅଧ୍ୟୟନର ପରିସର

୨.୫ ସଂସ୍କୃତି ଅଧ୍ୟୟନର ଇତିହାସ

୨.୬ ସଂସ୍କୃତି ଅଧ୍ୟୟନର ବିଭାଗୀକରଣ

୨.୭ ସାଂପ୍ରତିକ ମତବାଦ : ଏକ ସମାଜତାତ୍ତ୍ୱିକ ଅନୁଶୀଳନ

୨.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୨.୯ ସହାୟକ ଗ୍ରନ୍ଥସୂଚୀ


## ୨.୧ ପଠନର ଉଦ୍ଦେଶ୍ୟ

କୌଣସି ଏକ ବିଷୟକୁ ଭଲଭାବରେ ବୁଝିବା ପାଇଁ ତା'ର ଇତିହାସକୁ ଯିବା ଦରକାର। ସମାଜତତ୍ତ୍ୱ ଓ ନୃତତ୍ତ୍ୱ ସଂସ୍କୃତିକୁ ବିଭିନ୍ନ ପରିପ୍ରେକ୍ଷୀରେ ଓ ବିଭିନ୍ନ ପୃଷ୍ଠଭୂମିରେ ଆଲୋଚନା କରି ଆସିଛନ୍ତି। ସାଂପ୍ରତିକ ପରିସ୍ଥିତିରେ ଏକ ସୁସ୍ଥ ସବଳ ଓ ପ୍ରଗତୀବାଦୀ ସମାଜ ଗଢ଼ିବା ପାଇଁ ସାଂସ୍କୃତିକ ଆଧାରର ଗୁରୁ ଭୂମିକା ରହିଛି। ସେହି ଦୃଷ୍ଟିରୁ ସଂସ୍କୃତି ଅଧ୍ୟୟନ ସମାଜ ବିଜ୍ଞାନର ଏକ ବିଶେଷ ବିଷୟ ବସ୍ତୁ ଅଟେ। ବହୁ ପୁରାକାଳରୁ ମନୁଷ୍ୟର ସଂସ୍କୃତି ପ୍ରତି ଯେଉଁ ବିଶେଷ ରୁଚି ରହି ଆସିଛି, ତାହା ସବୁବେଳେ ସଂସ୍କୃତି ଅଧ୍ୟୟନ ନିମନ୍ତେ ମାର୍ଗଦର୍ଶନ କରାଏ। ଅଷ୍ଟାଦଶ ଶତାବ୍ଦୀରୁ ଏ ପର୍ଯ୍ୟନ୍ତ ସାଂସ୍କୃତିକ ଅଧ୍ୟୟନ ସମାଜ ବିଜ୍ଞାନର ବିଷୟ ବସ୍ତୁକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତି ବିଶେଷଙ୍କୁ ସମାଜ ଓ ସଂସ୍କୃତିର ଜ୍ଞାନ ସହିତ ପରିଚୟ କରାଇଥାଏ। ଏଥିପାଇଁ ସଂସ୍କୃତି ଅଧ୍ୟୟନର ଇତିହାସ ବିଷୟରେ ସମ୍ୟକ ଜ୍ଞାନ ରହିବା ନିତାନ୍ତ ଆବଶ୍ୟକ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ନିମ୍ନ ପ୍ରସଙ୍ଗଗୁଡ଼ିକୁ ଜାଣିପାରିବା :

- ସଂସ୍କୃତି ଅଧ୍ୟୟନର ପରିସର
- ସଂସ୍କୃତି ଅଧ୍ୟୟନର ଇତିହାସ
- ସାମ୍ପ୍ରତିକ ମତବାଦ : ଏକ ସମାଜତାତ୍ତ୍ୱିକ ଅନୁଶୀଳନ

## ୨.୩ ବିଷୟ ପ୍ରବେଶ

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ତେଣୁ ମାନବ ସମାଜର ବିକାଶ ଅନ୍ୟ ଜୀବ ଜଗତର ବିକାଶଠାରୁ ଭିନ୍ନ ହୋଇଥାଏ । ପ୍ରାଣୀ ଜଗତ କେବଳ ପ୍ରକୃତିର ନିୟମ ଅନୁସାରେ ପରିଚାଳିତ ହେଉଥିବା ବେଳେ ମନୁଷ୍ୟ ପ୍ରକୃତି ଓ ପରମ୍ପରା (Nature and Nurture) ଉଭୟଙ୍କ ଦ୍ୱାରା ପରିଚାଳିତ । ବର୍ଷ ବର୍ଷ ଧରି ସାଇତା ପରମ୍ପରାର ପ୍ରଭାବ ବ୍ୟକ୍ତି ଓ ସମାଜକୁ ଗଢ଼ିବାରେ ବିଶେଷ ସହାୟକ ହୋଇଥାଏ । ଏହି ପରମ୍ପରା ସଂସ୍କୃତିର ଆଧାର ଅଟେ । ପ୍ରାରମ୍ଭରୁ ବିଭିନ୍ନ ପ୍ରତୀକ ମାଧ୍ୟମରେ ଓ ଭାଷା ମାଧ୍ୟମରେ ସଂସ୍କୃତିର ପରିପ୍ରକାଶ ହୋଇଆସିଅଛି । ପରବର୍ତ୍ତି କାଳରେ ସଂସ୍କୃତିର ପ୍ରସାର ଧର୍ମ, ଧାରଣା, ସାହିତ୍ୟ, ଶିକ୍ଷା ତଥା ବିଭିନ୍ନ ନୀତି ଓ ନିୟମ ମାଧ୍ୟମରେ ହୋଇଛି । ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରୁ ପାଶ୍ଚାତ୍ୟ ସମାଜରେ ଏକ ବିଶେଷ ପରିବର୍ତ୍ତନ ଆସିଲା । କୃଷି ପ୍ରଧାନ ସମାଜ କ୍ରମଶଃ ଶିଳ୍ପଭିତ୍ତିକ ସମାଜ ଆଡ଼କୁ ଅଗ୍ରସର ହେଲା । ନୂତନ ଯନ୍ତ୍ରପାତିର ଅଭ୍ୟୁଦୟ ଶିଳ୍ପ ଭିତ୍ତିକ ସମାଜ ଗଢ଼ିବାରେ ସହାୟକ ହେଲା । ବିଜ୍ଞାନର ପରିସର ବ୍ୟାପକ ହେବା ସହିତ ମନୁଷ୍ୟର ସାଧାରଣ ଜୀବନଯାପନ ପ୍ରଣାଳୀ ଓ ଚିନ୍ତାଧାରାରେ ବ୍ୟାପକ ପରିବର୍ତ୍ତନ ଆସିଲା । ଊନବିଂଶ ଶତାବ୍ଦୀରେ, ସମାଜର ବିଭିନ୍ନ ବିଭାଗକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରିବାର ଉଦ୍ୟମ ଆରମ୍ଭ ହେଲା । ସଂସ୍କୃତିକୁ ଦେଖିବାର ଦୃଷ୍ଟିଭଙ୍ଗୀରେ ମଧ୍ୟ କ୍ରମଶଃ ପରିବର୍ତ୍ତନ ଆସିଲା । ସଂସ୍କୃତିକୁ କୌଣସି ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ନ ବାନ୍ଧି ବିଭିନ୍ନ ସମୟରେ ଓ ବିଭିନ୍ନ ପୃଷ୍ଠଭୂମିରେ ତାକୁ ଅଧ୍ୟୟନ କରିବାର ଆବଶ୍ୟକତା ଉପଲବ୍ଧ ହେଲା । ଯେପରି ପରିବର୍ତ୍ତିତ ସମାଜରେ ପୌର ସମାଜ ସଂସ୍କୃତି, ଗ୍ରାମ୍ୟ ସମାଜ ସଂସ୍କୃତି ଠାରୁ ଭିନ୍ନ ବୋଲି ବୋଧ ହେଲାପରେ, ସଂସ୍କୃତିର ପରିସର ଆହୁରି ବ୍ୟାପକ ହେଲା ଏବଂ ଏଥିପାଇଁ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଓ ପଦ୍ଧତିର ବିକାଶ କରାଗଲା ।

## ୨.୪ ସଂସ୍କୃତି ଅଧ୍ୟୟନର ପରିସର

ମଣିଷ, ସମାଜ, ସଭ୍ୟତା ଓ ସଂସ୍କୃତି ପରସ୍ପର ସହିତ ଓତଃପ୍ରୋତ ଭାବେ ଜଡ଼ିତ । ତେଣୁ ବିବର୍ତ୍ତିତ ଧାରାରେ ମନୁଷ୍ୟର ଚିନ୍ତାଧାରା ଓ ଦୃଷ୍ଟିଭଙ୍ଗୀରେ ଯେଉଁ ପରିବର୍ତ୍ତନ ଆସିଲା, ତାହା ସଂସ୍କୃତି-ଅଧ୍ୟୟନକୁ ଆହୁରି ବୈଜ୍ଞାନିକ ଢଙ୍ଗରେ ଅନୁଶୀଳନ କରି ସାମାଜିକ ବୋଧ ପ୍ରତିଷ୍ଠା କଲା । Raymond William ଙ୍କ ମତରେ ପାହାଚ ପରେ ପାହାଚ ସଂସ୍କୃତି ଅଧ୍ୟୟନର ବିକାଶ ହେଲା । (there is a stage by stage evolution of the concept of culture) । ରେମଣ୍ଡ ପୁଣି ତାଙ୍କ ବକ୍ତବ୍ୟରେ କହିଛନ୍ତି, ସଂସ୍କୃତିକୁ ପରବର୍ତ୍ତୀ କାଳରେ ମନୁଷ୍ୟର ଜୀବନ ଧାରା ବା ବଞ୍ଚିବାର ଶୈଳୀ ସହିତ ସମାନ କରାଯାଇଛି । ତାଙ୍କ ମତରେ, ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ସାଂସ୍କୃତିକ ଅଧ୍ୟୟନ ଏକ ତୁଳନାତ୍ମକ ଗବେଷଣାର ବିଷୟ ବସ୍ତୁ ହେଲା ତଥା ଉଚ୍ଚ - ନୀଚ କ୍ରମରେ ବିଭିନ୍ନ ସାମାଜିକ ଗୋଷ୍ଠୀ ମଧ୍ୟରେ ସାଂସ୍କୃତିକ ଅଧ୍ୟୟନ ସାମାଜିକ ସ୍ତରୀକରଣ (Social starification) ର ପରିପ୍ରକାଶ କରାଇଲା । ପ୍ରଭାବଶାଳୀ ଜାତି ନିଜକୁ ଉଚ୍ଚ ମାନ୍ୟତା ଦେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କ ମଧ୍ୟରେ ହୀନମନ୍ୟତା ବୋଧ କରାଉଥିଲେ । ଏହି ବାସ୍ତବତାକୁ ସଂସ୍କୃତିର ଅଧ୍ୟୟନ ମାଧ୍ୟମରେ ଲୋକଲୋଚନକୁ ଅଣାଯାଇ ପାରିଲା । ଧନୀର ଗରିବ ଉପରେ, ପୁରୁଷର ନାରୀ ଉପରେ, ମାଲିକର ଦାସ ଉପରେ ଚାଲି ଆସିଥିବା ପ୍ରଭୁତ୍ୱକୁ ଐତିହାସିକ ତଥ୍ୟର ଆଧାରରେ ସାଂସ୍କୃତିକ ଅଧ୍ୟୟନ ପରିବର୍ତ୍ତିତ ସମାଜକୁ ଏକ ଭିନ୍ନ ଦୃଷ୍ଟିଭଙ୍ଗୀ ଦେବାରେ ସହାୟକ ହେଲା ।

ଆମର ଦୈନନ୍ଦିନ ଜୀବନରେ ଜିଜ୍ଞାସୁ ମନୁଷ୍ୟ ତା'ର ଗୋଷ୍ଠୀଗତ ଜୀବନର ପ୍ରତୀକ ସ୍ୱରୂପ ସଂସ୍କୃତିର ବିଭିନ୍ନ ଦିଗକୁ ଅବଲୋକନ କରି ଆସିଛି । କାହିଁ କେଉଁ ପୁରା କାଳରୁ ସଂସ୍କୃତି ସାମାଜିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ରୂପେ ମନୁଷ୍ୟର ସୃଜନଶୀଳ ପରିପ୍ରକାଶର ମାଧ୍ୟମ ରହି ଆସିଛି । ସାହିତ୍ୟ, ଦର୍ଶନ, କଳା ଆଦି ଗୁଣାତ୍ମକ ବିଚାରବୋଧ ମଧ୍ୟରେ ସଂସ୍କୃତି ମୁଖ୍ୟ ବିଷୟ ରହିଛି ।

କିନ୍ତୁ, ଶିକ୍ଷଣୀୟ ବିଷୟ ହିସାବରେ ପାଠ୍ୟ ପୁସ୍ତକରେ ସଂସ୍କୃତିର ସ୍ଥାନ ବେଶୀ ପ୍ରାଚୀନ ନୁହେଁ । ସାଂସ୍କୃତିକ ଅଧ୍ୟୟନ ସଂସ୍କୃତିକୁ ଏକ ସ୍ଥିର, ଅପରିବର୍ତ୍ତନୀୟ ପ୍ରକ୍ରିୟା ନ ଭାବି ଏହାକୁ ଏକ ଚଳତ୍‌ମାନ, ଜୀବନ୍ତ ତଥା ସଂଚରଣଶୀଳ ପ୍ରକ୍ରିୟା ରୂପେ ପ୍ରତିପାଦନ କରେ । ବିଂଶ ଶତାବ୍ଦୀର ମଧ୍ୟଭାଗରେ ବ୍ରିଟିଶ୍ ମାର୍କିଷ୍ଟ ଅଧ୍ୟାପନାରେ ସର୍ବପ୍ରଥମେ ସଂସ୍କୃତି ଅଧ୍ୟାପନା ଏକ ବିଷୟ ରୂପେ ଅନ୍ତର୍ଭୁକ୍ତ ହୋଇଥିଲା । ପରବର୍ତ୍ତିକାଳରେ ବିଶ୍ୱର ବିଭିନ୍ନ କୋଣରେ ବିଭିନ୍ନ ଶୈକ୍ଷିକ ବିଷୟ ବିଭାଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପାଠନୀୟ ବିଷୟ ଭାବରେ ଆଦୃତି ଲାଭ କଲା ।

କାଳକ୍ରମେ ସଂସ୍କୃତି ଅଧ୍ୟୟନ ସମାଜ ତାତ୍ତ୍ୱିକ ଓ ନୃତାତ୍ତ୍ୱିକ ଅଧ୍ୟାପନା ପାଠ୍ୟକ୍ରମର ଏକ ମୁଖ୍ୟ ବିଷୟ ରୂପେ ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ କରିଛି । ଉଦାରୀକରଣ ଓ ଜଗତୀକରଣ ସମାଜରେ ସଂସ୍କୃତି ଅଧ୍ୟୟନକୁ ମାର୍କ୍ସବାଦ ଓ ନାରୀବାଦ ପରିପ୍ରେକ୍ଷୀରେ ବିଶେଷ ରୂପେ ଆଲୋଚିତ କରାଯାଇଛି । ସାଂସ୍କୃତିକ ଅଧ୍ୟୟନ ସଂସ୍କୃତିର ଅର୍ଥ, ପ୍ରକାର୍ଯ୍ୟ ଓ ପରିସର ସମ୍ବନ୍ଧରେ ଜ୍ଞାନ ଆହରଣ ସହିତ ବର୍ତ୍ତମାନର ସାମାଜିକ, ରାଜନୀତିକ ଓ ଆର୍ଥିକ ପରିସ୍ଥିତିରେ ସାଂସ୍କୃତିକ ପ୍ରଭାବ ଓ ପରିବର୍ତ୍ତନର ବିଭିନ୍ନ ଦିଗ ସାମାଜିକ ଗବେଷଣାରେ ପ୍ରମୁଖ ସ୍ଥାନ ଲାଭ କରିଛି । ବିଶେଷକରି ନୂତନ - ଉଦାରବାଦ (Neo - liberalism) ଯୁଗରୁ ଉତ୍‌ଥାନରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସମାଜର ପାଠ୍ୟକ୍ରମରେ ସଂସ୍କୃତି ଅଧ୍ୟୟନ ପ୍ରତି ଆଗ୍ରହ ବଢ଼ିଛି । ଏକ ଅଞ୍ଚଳର ସଂସ୍କୃତି (Local culture) ତା'ର ସୀମାରେଖା ମଧ୍ୟରେ ଆଉ ସୀମିତ ନାହିଁ । ଏହା ସମଗ୍ର ଜଗତର ସଂସ୍କୃତି (global culture) କୁ ପ୍ରଭାବିତ କରିଛି ଏବଂ ନିଜେ ମଧ ଅନ୍ୟ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇଛି । ଏଭଳି ଏକ ସାଂସ୍କୃତିକ ପରିବର୍ତ୍ତନର ବିଷୟବସ୍ତୁ ବର୍ତ୍ତମାନର ପାଠ୍ୟକ୍ରମରେ ଓ ଗବେଷଣାର ବିଷୟ ଭାବରେ ବିଶେଷ ଆଦୃତି ଲାଭ କରିଛି ।

## ୨.୫ ସଂସ୍କୃତି - ଅଧ୍ୟୟନର ଇତିହାସ

ସର୍ବପ୍ରଥମେ ନୃତତ୍ତ୍ୱବିତ୍ ଇ.ବି.ଟାଇଲର୍ (E.B.Tylor) ୧୮୭୧ ମସିହାରେ ସଂସ୍କୃତିର ସଂଜ୍ଞା ଦେଇଥିଲେ । ଏହା ଏହି ପୁସ୍ତକର ପ୍ରଥମ ଏକକରେ ବିସ୍ତୃତ ଭାବରେ ଆଲୋଚିତ ହୋଇଛି । ଏହା ଏକ ସର୍ବଜନ୍ୟ ବହୁ ଆଦୃତ ସଂଜ୍ଞା ରୂପେ ପରିଚିତ । ଏଥିରେ ଟାଇଲରଙ୍କର ସଂସ୍କୃତି ପ୍ରତି ଏକ ସାମ୍ୟଭାବ ପରିଲକ୍ଷିତ ହୁଏ । ଏହାପରେ ଆଉ ଜଣେ ନୃତତ୍ତ୍ୱବିତ୍ ଏଲ୍. ଏଚ୍, ମୋର୍‌ଗାନ୍ (L.H.Morgan) କିନ୍ତୁ ଏକ ଭିନ୍ନ ଦୃଷ୍ଟି ରଖିଲେ । ତାଙ୍କ ମତରେ ସବୁ ସମାଜ ବା ଗୋଷ୍ଠୀରେ ସଂସ୍ତୃତିର ଗୁଣାତ୍ମକ ସ୍ତର ସମାନ ନଥାଏ । ସେ ସଂସ୍କୃତିର ବିକାଶ ଏକ ଉଚ୍ଚ-ନିଚ୍ଚ କ୍ରମର ସୋପାନରେ ରଖି ଅନୁଶୀଳନ କଲେ । ତାଙ୍କ ମତରେ ସଂସ୍କୃତି ଏକ ଅସଭ୍ୟ ସମାଜ (savage) ଠାରୁ ଆରମ୍ଭ ହୋଇ ସଭ୍ୟ ସମାଜ (civilized) ସ୍ତରରେ ପହଞ୍ଚିଥାଏ । ଏହା ସର୍ବଦା ବିଷୟକୈନ୍ଦ୍ରିକ ଓ ବିଚାରଯୋଗ୍ୟ (Subjective and judgment) ହୋଇଥାଏ । ସମାଜ ବିଜ୍ଞାନୀ ହର୍‌ବର୍ଟ୍ ସ୍ପେନ୍‌ସର୍ (Herbert

Spencer) ଙ୍କର ମତବାଦ ମୋର୍‌ଗାନ୍‌ଙ୍କ ମତବାଦ ସହିତ ସାମଞ୍ଜସ୍ୟ ରଖେ। ସ୍ପେନ୍‌ସର ତାଙ୍କ ସାମାଜିକ ବିବର୍ତ୍ତନବାଦ ଉପାଖ୍ୟାନରେ (Theory of social evalution) ସଂସ୍କୃତିକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରିଛନ୍ତି ଓ ଏକ ଉଚ୍ଚ - ନୀଚ କ୍ରମରେ ଅନୁଶୀଳନ କରିଛନ୍ତି।

ଊନବିଂଶ ଶତାବ୍ଦୀରେ ନୃତତ୍ତ୍ୱବିଦ୍‌ଙ୍କର ଗବେଷଣା କେବଳ ମାତ୍ର ଉଚ୍ଚ-ନୀଚ କ୍ରମ ମତବାଦ (hierarehical approach) ରେ ସୀମିତ ରହି ନାହିଁ। ସେମାନେ ସାମାଜିକ ବାସ୍ତବତା ଦିଗରୁ ସଂସ୍କୃତିକୁ ଅଧ୍ୟୟନ କରିଛନ୍ତି। ତତ୍‌କାଳୀନ ସମାଜରେ ଏକ ନିର୍ଦ୍ଦିଷ୍ଟ ସଂସ୍କୃତିକୁ ବ୍ୟକ୍ତିଗତ ସ୍ୱାର୍ଥ ଓ ରାଜନୀତିକ ଲକ୍ଷ୍ୟ ପୂରଣ ନିମିତ୍ତ ଉପଯୋଗ କରାଯିବାର ଦୃଷ୍ଟାନ୍ତ ସେ ସମୟର ଗବେଷଣାରେ ସ୍ଥାନ ପାଇଛି। ଔପନିବେଶିକ ଯୁଗରେ ସାଂସ୍କୃତିକ ଅଭିବୃଦ୍ଧି ଶୋଷିତ ବର୍ଗଙ୍କ ଉପରେ ଶାସକଙ୍କର ରାଜୁତି, ଗୋରା ଲୋକଙ୍କର କଳା ଲୋକଙ୍କ ଉପରେ ରାଜୁତି, ପୁରୁଷର ନାରୀ ଉପରେ ପ୍ରାଧାନ୍ୟ, ଧନୀର ଗରିବଙ୍କୁ ଶୋଷଣ ଆଦି ତଥାକଥିତ ସାମାଜିକ ଘଟଣାବଳୀ ଉପରେ ପର୍ଯ୍ୟବେସିତ। ତେଣୁ ନୃତାତ୍ତ୍ୱିକ ଅଧ୍ୟୟନ ସମଗ୍ର ପୃଥିବୀର ଜନସାଧାରଣଙ୍କର ସଂସ୍କୃତି ଉପରେ ଏକ ବୈଜ୍ଞାନିକ ଓ ଧାରାବାହିକ ବିଶ୍ଳେଷଣକୁ ପ୍ରାଧାନ୍ୟ ଦେଇଥାଏ।

## ୨.୬ ସଂସ୍କୃତି ଅଧ୍ୟୟନର ବିଭାଗୀକରଣ

ସଂସ୍କୃତି - ଅଧ୍ୟୟନର ଇତିହାସକୁ ନିରୀକ୍ଷଣ କଲେ ଆମେ ମୁଖ୍ୟତଃ ଏହାକୁ ୩ ଭାଗରେ ବିଭକ୍ତ କରିଥାଉ :

(କ) ବିବର୍ତ୍ତନବାଦର ପରମ୍ପରା (Tradition of Evalutionism)

(ଖ) ପ୍ରସାରବାଦର ପରମ୍ପରା (Tradition of Diffusionsim)

(ଗ) ସାମାଜିକ - ନୃତତ୍ତ୍ୱ ବିଜ୍ଞାନର ଅଭ୍ୟୁଦୟ (Birth of social -Anthropology)

**(କ) ବିବର୍ତ୍ତନବାଦର ପରମ୍ପରା (Tradition of Evalutionism) :**

ବିବର୍ତ୍ତନବାଦର ତତ୍ତ୍ୱରେ ବିଶ୍ୱାସ କରୁଥିବା ଦାର୍ଶନିକଙ୍କ ମତରେ ପ୍ରତ୍ୟେକ ସମାଜକୁ ବିକାଶ ଯାତ୍ରାରେ ସୋପାନ ପରେ ସୋପାନ ଅତିକ୍ରମ କରି ଯିବାକୁ ହୁଏ। ଚାର୍ଲସ୍ ଡାରଓ୍ୱିନ୍ (Charlers Darwin) ଙ୍କର ବିବର୍ତ୍ତନ ତତ୍ତ୍ୱ ଅନୁସାରେ ଯେପରି ପ୍ରତ୍ୟେକ ଜୀବର ବିକାଶ କ୍ରମ ଅନୁସାରେ ହୁଏ, ସେହିପରି ଭାବେ ସାମାଜିକ ବିକାଶ ଯାହା ମଧ୍ୟରେ ସାଂସ୍କୃତିକ ବିକାଶ ମଧ୍ୟ ଅନ୍ତର୍ଭୁକ୍ତ, କ୍ରମ ଅନୁସାରେ ଗୋଟିଏ ସ୍ତରରୁ ଅନ୍ୟସ୍ତର ଦେଇ ବର୍ଦ୍ଧିତ ଓ ବିକଶିତ ହୁଏ। ଏହି କ୍ରମରେ ହର୍‌ବର୍ଟ ସ୍ପେନସ୍‌ର (Herbert Spencer) ତାଙ୍କର ସାମାଜିକ ବିବର୍ତ୍ତନ ତତ୍ତ୍ୱ (Theory of social Evalution) ରେ ବ୍ୟକ୍ତିର ସଂଗ୍ରାମୀ ଭାବନାକୁ (Survival of the fittest) ସମାଜ ବିକାଶ କ୍ଷେତ୍ରରେ ପ୍ରୟୋଗ କରିଥିଲେ। ସ୍ପେନସର୍ ଜୈବିକ ଓ ସାମାଜିକ ସିଦ୍ଧାନ୍ତର ସମନ୍ୱୟ ପ୍ରତିଷ୍ଠା କରିଥିବାରୁ ତାଙ୍କୁ ସାମାଜିକ ଡାରଓ୍ୱିନ୍‌ବାଦୀ (Social Darwinism) ର ଆଖ୍ୟା ଦିଆଯାଇଥିଲା। ତାଙ୍କ ମତରେ ବିକାଶ ସାପେକ୍ଷିକ ରୂପରେ ଅସୀମିତ, ଅସମ୍ବନ୍ଧିତ ସମରୂପତାରୁ ନିଶ୍ଚିତ, ସମ୍ବନ୍ଧିତ ଓ ବିଷମରୂପତା ଆଡ଼କୁ ଗତି କରେ। (Society passes from indefinite, incoherent,homogenety to Definite,Coherent, heterogeneity)

ଜେମ୍ସ୍ ଜର୍ଜ ଫ୍ରେଜର James George (Frazer) ତାଙ୍କ ରଚିତ ପୁସ୍ତକ 'ଦି ଗୋଲ୍ଡେନ୍ ବଫ୍ (" The Golden Bough") (୧୮୯୦) ରେ ମାନବୀୟ ବିଚାରଧାରାର କ୍ରମବିକାଶ ଉପରେ ଆଲୋକପାତ କରିଛନ୍ତି। ତାଙ୍କ ମତରେ, ମାନବୀୟ ବିଚାରଧାରାର ଶୃଙ୍ଖଳ ମୁଖ୍ୟତଃ ତନ୍ତ୍ରବିଦ୍ୟା, ଧର୍ମ ଓ ବିଜ୍ଞାନର ସୋପାନ ଦେଇ ଅତିକ୍ରମ କରିଅଛି।

ସର୍ବପ୍ରଥମେ ତନ୍ତ୍ରବିଦ୍ୟା ଦ୍ୱାରା ସମାଜ କବଳିତ ଥିଲା। ଯେହେତୁ ପ୍ରକୃତି ଓ ସମାଜ ଉପରେ ଜ୍ଞାନର ଅଭାବ ଥିଲା, ତେଣୁ ଏହାର ସୁଯୋଗ ନେଇ କିଛି ବ୍ୟକ୍ତି ତନ୍ତ୍ରବିଦ୍ୟା ମାଧ୍ୟମରେ ତାଙ୍କର ପ୍ରଭାବ ବିସ୍ତାର କରିଥିଲେ। କିନ୍ତୁ ଏହା କାଳକ୍ରମେ ଏକ ଅବାସ୍ତବ, କାଳ୍ପନିକ ଭ୍ରମ ବୋଲି ଲୋକେ ବିବେଚନା କଲେ। ଅତିଭୌତିକ ଶକ୍ତି ଉପରେ ଲୋକଙ୍କ ବିଶ୍ୱାସ ଧର୍ମ ଏବଂ ଆଧ୍ୟାତ୍ମିକତାର ମାର୍ଗ ଉନ୍ମୁକ୍ତ କଲା। ଲୋକଙ୍କର ବିଶ୍ୱାସ ଓ ବୋଧଶକ୍ତିକୁ ଆଧାର କରି ଧର୍ମର କ୍ରମବିକାଶ ବିଭିନ୍ନ ପର୍ଯ୍ୟାୟ ଓ ବିଭିନ୍ନ ରୂପରେ ପରିପ୍ରକାଶ କଲା। କିନ୍ତୁ ଫ୍ରେଜରଙ୍କ ମତରେ ଏହି ଧର୍ମୀୟ ଭାବନା ମଧ୍ୟ ଏକ ଅବାସ୍ତବ ଓ କାଳ୍ପନିକ ଭ୍ରମ ବୋଲି କିଛି ଲୋକ ଚିନ୍ତା କରିବାକୁ ଲାଗିଲେ। ବୈଜ୍ଞାନିକ ଚିନ୍ତାଧାରାର ଅଭ୍ୟୁଦୟ ପରବର୍ତ୍ତୀ ପର୍ଯ୍ୟାୟରେ ସମାଜର କ୍ରମବିକାଶରେ ବିଶେଷ ଅବଦାନ ରଖିଲା। ତେଣୁ ବିଜ୍ଞାନର ସୋପାନ ସମାଜର ଶେଷ ଓ ସର୍ବୋତ୍ତମ ସୋପାନ ବୋଲି ବିବେଚିତ ହେଲା।

ଊନବିଂଶ ଶତାବ୍ଦୀର ଶେଷଭାଗରେ ବୁଦ୍ଧିଜୀବୀଙ୍କ ଦ୍ୱାରା ବିବର୍ତ୍ତନବାଦର ଚିନ୍ତାଧାରା ସମାଲୋଚିତ ହେଲା। ସେମାନଙ୍କ ମତରେ ବିବର୍ତ୍ତନବାଦ ମାନବ ସମାଜର ଇତିହାସ ଉପରେ ଏକ କାଳ୍ପନିକ ସତ୍ୟ ରଖେ ଯାହା ଅବୈଜ୍ଞାନିକ ଅଟେ। ଏହି ସମାଲୋଚନା କାଳକ୍ରମେ ସମାଜ ବିଜ୍ଞାନୀଙ୍କୁ ମୁଖ୍ୟତଃ ଦୁଇ ପ୍ରକାରର ବିଚାରବୋଧ ଜନ୍ମ ଦେଲା। ପ୍ରଥମ ବିଚାରବୋଧର ବୁଦ୍ଧିଜୀବୀ ଗୋଷ୍ଠୀଙ୍କୁ ସମ୍ମିଶ୍ରଣବାଦୀ (Diffusiouists) ଓ ଦ୍ୱିତୀୟ ବିଚାରବୋଧର ବୁଦ୍ଧିଜୀବୀ ଗୋଷ୍ଠୀଙ୍କୁ ପ୍ରକାର୍ଯ୍ୟବାଦୀ (Functionalists ) କୁହାଯାଏ। ସମସ୍ତଙ୍କ ମତରେ ମାନବ ସଂସ୍କୃତିର କ୍ରମଃବିକାଶକୁ ବୁଝିବାକୁ ହେଲେ ଆଦିମ ସଂସ୍କୃତିର ଅଧ୍ୟୟନ ନିତାନ୍ତ ଆବଶ୍ୟକ ଅଟେ। କିନ୍ତୁ ଅବୈଜ୍ଞାନିକ ଧାରାରେ ଆଦିମ ସଂସ୍କୃତି ଉପରେ ତଥ୍ୟ ଆହରଣ ସ୍ୱତଃ ପ୍ରଶ୍ନବାଚୀ ସୃଷ୍ଟି କରେ। ଉଭୟ ଚିନ୍ତାଧାରା ବୈଜ୍ଞାନିକ ପଦ୍ଧତିରେ ଆଦିମ - ସଂସ୍କୃତିର ଅଧ୍ୟୟନକୁ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ସଂଗୃହୀତ ତଥ୍ୟ ସମୂହକୁ ନିଜସ୍ୱ ତାତ୍ତ୍ୱିକ ଢଙ୍ଗରେ ପର୍ଯ୍ୟାଲୋଚନା କରିବାର ଆଗ୍ରହ ମାନବ ସଂସ୍କୃତିକୁ ବୁଝିବାରେ ବିଶେଷ ସହାୟକ ହୁଏ।

**(ଖ) ପ୍ରସାର - ବାଦର ପରମ୍ପରା (Tradition of Diffusionism) :**

ବିଭିନ୍ନ ଗୋଷ୍ଠୀ ମଧ୍ୟରେ ସାଂସ୍କୃତିକ ଆଦାନ-ପ୍ରଦାନ ହେତୁ ସଂସ୍କୃତି ଅଧ୍ୟୟନ କ୍ଷେତ୍ରରେ ପ୍ରସାରବାଦର ପରମ୍ପରା ଆରମ୍ଭ ହେଲା। ଏକ ଗୋଷ୍ଠୀର ସାଂସ୍କୃତିକ ଉପାଦାନ ସହିତ ଅନ୍ୟ ଗୋଷ୍ଠୀର ସାଂସ୍କୃତିକ ଉପାଦାନ ମଧ୍ୟରେ ଥିବା ସାମଞ୍ଜସ୍ୟତା ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଥିବା ସାଂସ୍କୃତିକ ସମ୍ପର୍କକୁ ବା ସଂଯୋଜନା ବୁଝାଇଥାଏ। ଏହି ସାଂସ୍କୃତିକ ସଂଯୋଜନା (Cultural link) ବିଶ୍ୱାସ, ପରମ୍ପରା, ପ୍ରଚଳିତ ପ୍ରଥା, ବୈଷୟିକ ଜ୍ଞାନ, କଳା ଅବା ଅନ୍ୟ ସାଂସ୍କୃତିକ ବିଭାଗ ମଧ୍ୟରେ ପରିଲକ୍ଷିତ ହୁଏ। ତେଣୁ ପ୍ରସାରବାଦର ତତ୍ତ୍ୱ କହିଲେ ଏକ ସାଂସ୍କୃତିକ ଗୋଷ୍ଠୀର ଉପାଦାନ ବା ଉପାଦାନ ସମୂହର ଅନ୍ୟ ସାଂସ୍କୃତିକ ଗୋଷ୍ଠୀର ଉପାଦାନ ମଧ୍ୟକୁ ପ୍ରସାରିତ ହେବାର ପ୍ରକ୍ରିୟାକୁ ଅଧ୍ୟୟନ କରିବା ବୁଝାଇଥାଏ। ଏହି ମାଧ୍ୟମରେ ପ୍ରତ୍ୟେକ ସାଂସ୍କୃତିକ ଗୋଷ୍ଠୀର ମୂଳ ଉତ୍ସକୁ ଅନୁସନ୍ଧାନ

କରିବା ଆବଶ୍ୟକ ହୁଏ ଏବଂ ଏହି କ୍ରମରେ ମଣିଷ ସମାଜର ବିକାଶକୁ ଏକ ଭୌଗୋଳିକ ଦୃଷ୍ଟିରେ ଅଧ୍ୟୟନ କରିବାର ପ୍ରଚେଷ୍ଟା ଆରମ୍ଭ ହୁଏ। ଅତିପ୍ରସାରବାଦୀମାନେ ସମଗ୍ର ମାନବ ସମାଜର ଅଭ୍ୟୁଦୟ ଏହିଭଳି ଏକ ସଂଯୋଜିତ ଜଟିଳ ପ୍ରକ୍ରିୟା ମାଧ୍ୟମରେ ଦେଖିବାକୁ ପ୍ରୟାସ ଆରମ୍ଭ କଲେ। କିଛି ସାରବାଦୀ ଗୋଷ୍ଠୀ - ଗୋଷ୍ଠୀ ମଧ୍ୟରେ ସାଂସ୍କୃତିକ ପ୍ରସାରଣର ଆଧାରରେ ମାନବ ସମାଜର ଇତିହାସକୁ ପୁନଃ ସ୍ଥାପିତ କରିବାକୁ ମଧ୍ୟ ଚେଷ୍ଟା ଆରମ୍ଭ କଲେ।

ବିଭିନ୍ନ ସାଂସ୍କୃତିକ ଗୋଷ୍ଠୀର ଅଧ୍ୟୟନ ସ୍ଥାନ କାଳ ବିଶେଷରେ ଓ ପରିସର ମଧ୍ୟରେ ଏକ ତୁଳନାତ୍ମକ ଢଙ୍ଗରେ ଗବେଷଣା କରିବାର ସୁଯୋଗ ଉପଲବ୍ଧ ହୁଏ। ଏହା ପ୍ରସାରବାଦର ସିଦ୍ଧାନ୍ତକୁ ପ୍ରତିପାଦନ କରିବାରେ ବିଶେଷ ସହାୟକ ହୁଏ।

ମୋଟାମୋଟି ଭାବେ, ପ୍ରସାରବାଦୀ ସିଦ୍ଧାନ୍ତ କୌଣସି ଏକ ସଂସ୍କୃତିକୁ ସ୍ୱତନ୍ତ୍ର ଭାବରେ ଅଧ୍ୟୟନ କରିବା ପରିବର୍ତ୍ତେ ଏହା ତା'ର ମୂଳ ଉତ୍ସକୁ ଅନ୍ୟ ଏକ ବିଶାଳ ସଂସ୍କୃତି ସହିତ ଯୋଡ଼ି ପାରସ୍ପରିକ ଆନ୍ତଃ ସମ୍ବନ୍ଧକୁ ଲୋକଲୋଚନକୁ ଆଣେ। ଯଦିଓ ଏହା ସତ୍ୟ ଯେ, ଯେକୌଣସି ସଂସ୍କୃତି ତା'ର ଆଞ୍ଚଳିକ ପରମ୍ପରା ପ୍ରଭାବରେ ମୂଳ ସଂସ୍କୃତି ଠାରୁ ବହୁଳାଂଶରେ ଭିନ୍ନ ହୋଇଥାଏ। ପ୍ରସାରବାଦ ସିଦ୍ଧାନ୍ତର ମୁଖ୍ୟ ପ୍ରବକ୍ତାମାନେ ହେଲେ ହେନରି ପିଟ୍ ରିଭର୍ସ (Henry pitt Rivers), ଫ୍ରାଙ୍କ୍ ବୋସ୍ (Frank Boas) ଏବଂ ସ୍ମିଥ୍ (Smith)।

**(ଗ) ସାମାଜିକ ନୃତତ୍ତ୍ୱବିଜ୍ଞାନର ଅୟମାରମ୍ଭ (Birth of social -Anthropology) :**

୧୯୨୦ ଏବଂ ୧୯୩୦ ମଧ୍ୟରେ ସାମାଜିକ ନୃତତ୍ତ୍ୱବିଜ୍ଞାନର ଅୟମାରମ୍ଭ ହୁଏ। ନୃତତ୍ତ୍ୱବିଦ୍ ବ୍ରୋନିସ୍ଲ ମାଲିନୋସ୍କି (Bronislaw Malinowki) ଙ୍କ ତତ୍ତ୍ୱାବଧନାରେ ପ୍ରତ୍ୟେକ୍ଷ ନିରିକ୍ଷଣ ପଦ୍ଧତିର ଅବଲମ୍ବନରେ ସଂସ୍କୃତି ଉପରେ ସାମାଜିକ ଗବେଷଣା ଏକ ନୂତନ ମୋଡ଼ ଦିଏ। ଏହି ପଦ୍ଧତି କେବଳ ପାଶ୍ଚାତ୍ୟ ସମାଜରେ ସୀମିତ ନ ରହି ଅନ୍ୟାନ୍ୟ ସମାଜ ଉପରେ ଗବେଷଣା ଆରମ୍ଭ ହୁଏ। ଏଥିପାଇଁ ନୃବଂଶ ବିଜ୍ଞାନ (ethnography) ଅନୁସନ୍ଧାନ ଉପରେ ବିଶେଷ ଗୁରୁତ୍ୱ ଦିଆ ଯାଇଛି ଯାହା ଏକ ବର୍ଷ ବା ତା' ଠାରୁ ଉର୍ଦ୍ଧ୍ୱରେ ଏକ ନିର୍ଦ୍ଦିଷ୍ଟ ସମୁଦାୟ ମଧ୍ୟରେ ଉପସ୍ଥିତ ରହି ପ୍ରତ୍ୟକ୍ଷ ଅବଲୋକନ, ନିରିକ୍ଷଣ ମାଧ୍ୟମରେ ସେହି ସମାଜର ସଂସ୍କୃତିକୁ ଅତି ନିକଟରୁ ଅନୁଧ୍ୟାନ କରିବାକୁ ବୁଝାଏ। ଏହାକୁ କ୍ଷେତ୍ରୀୟ ଅନୁସନ୍ଧାନ (Field -work Resarch) କୁହାଯାଏ।

ସର୍ବପ୍ରଥମେ ମାଲିନୋସ୍କିଙ୍କ ଦ୍ୱାରା ସିଧାସଳଖ ପ୍ରତ୍ୟକ୍ଷ ଗବେଷଣାରେ କ୍ଷେତ୍ରୀୟ ଅନୁସନ୍ଧାନକୁ ବିଶେଷ ମହତ୍ତ୍ୱ ଦିଆଯାଇଛି, ଯାହା ବର୍ତ୍ତମାନର ଗବେଷଣା ପୃଷ୍ଠଭୂମିରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରେ।

ମାଲିନୋସ୍କିଙ୍କ ମତରେ ଯେକୌଣସି ସମାଜ, ତାହା ଅତି ପୁରାତନ ସରଳ ସମାଜ ହେଉ ଅବା ଏକ ବିଶାଳ ଜଟିଳ ବିକଶିତ ସମାଜ, ଏହା ଏଭଳି ଏକ ଆଧାର ଯାହା ଆଂଶିକ ବସ୍ତୁବାଦୀ, ଆଂଶିକ ମାନବବାଦୀ ଓ ଆଂଶିକ ଆଧାତ୍ମିକବାଦୀ ହୋଇଥାଏ। ଏହା ବ୍ୟକ୍ତିକୁ ଏକ ବାସ୍ତବ ତଥା ନିର୍ଦ୍ଦିଷ୍ଟ ଅନୁଭୂତି ଦେଇଥାଏ ଯାହାଦ୍ୱାରା ସେ ତା'ର ସକଳ ସମସ୍ୟାର ସମାଧାନ ପାଇଁ ସମର୍ଥ ହୁଏ। ଏହିଠାରୁ ସ୍ପଷ୍ଟ ଅନୁମେୟ ଯେ (୧) ବସ୍ତୁବାଦୀ ସଂସ୍କୃତି (Material culture) (୨) ବିବିଧ ମାନବୀୟ କାର୍ଯ୍ୟବଳୀର ବର୍ଗୀକରଣ (Concrete

cattegories of human activities) (୩) ସାମାଜିକ ଗୋଷ୍ଠୀ ବା ଧାରଣା ସମୂହର ସାମ୍ବିଧାନିକ ସନନ୍ଦ (activities constitutional charter for social groups and beliefs) ମାଲିନୋସ୍କିଙ୍କ ସଂସ୍କୃତି ସମ୍ବନ୍ଧୀୟ ଧାରଣାର ଅନ୍ତର୍ଭୁକ୍ତ ।

### (୧) ବସ୍ତୁବାଦୀ / ଭୌତିକ ସଂସ୍କୃତି (Material culture) :

ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ ଏବଂ ତା'ର ବ୍ୟବହାର, ବିଭିନ୍ନ ବସ୍ତୁ ସକଳ ଓ ବିଭିନ୍ନ କର୍ମ ମାଧ୍ୟମରେ ଉତ୍ପାଦିତ ଦ୍ରବ୍ୟ ଆଜି ମନୁଷ୍ୟର ବହୁବିଧ ଆବଶ୍ୟକତାକୁ ପୂରଣ କରିଥାଏ । ଏହି ପାର୍ଥିବ ବସ୍ତୁ ସମୁହ ଏକ ଗୋଷ୍ଠୀର ଭୌତିକ ସଂସ୍କୃତିର ପରିଚୟ ଦିଏ ।

### (୨) ବିବିଧ ମାନବୀୟ କାର୍ଯ୍ୟାବଳୀର ବର୍ଗୀକରଣ (Concrete categories of human activities):

ଏହା ଏକ ନିର୍ଦ୍ଦିଷ୍ଟ ସାମାଜିକ ଗୋଷ୍ଠୀ ମଧ୍ୟରେ ମନୁଷ୍ୟ ଦ୍ୱାରା କରାଯାଉଥିବା କର୍ମ ଓ ତା'ର ପଦ୍ଧତି ଏବଂ ଧାରଣା ସମୂହର ବିଶେଷ ଅନୁଧାନକୁ ବୁଝାଏ ।

### (୩) ସାମାଜିକ ଗୋଷ୍ଠୀ / ବା ଧାରଣା ସମୂହ ସାମ୍ବିଧାନିକ ସନନ୍ଦ (Caustrtutional charters for social groups, and Beliefs) :

ଲିଖିତ ବା ଅଲିଖିତ ବିଧାନ, ସଂସ୍କୃତିର ବହୁ ଉପାଦାନ, ସ୍ଥାନୀୟ ବିଶ୍ୱାସ ଓ ପରମ୍ପରା ଆଦି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

ଏହିପରି ଭାବେ ସଂସ୍କୃତିର ଏକ ଗଭୀର ଓ ବ୍ୟାପକ ଗବେଷଣାର ଆରମ୍ଭ ତା'ର ବିଭିନ୍ନ ଉପାଦାନର ପ୍ରକାର୍ଯ୍ୟ ଓ ବ୍ୟବହାର ଅଧ୍ୟୟନ କରିବାକୁ ବୁଝାଏ । ଯାହା ଏକ ସମ୍ପୂର୍ଣ୍ଣ ସଂସ୍କୃତିର ପରିଚୟ ପ୍ରଦାନ କରେ । ମୁଖ୍ୟତଃ ସାମାଜିକ ନୃତତ୍ତ୍ୱ ବିଜ୍ଞାନ ଯୁଗର ଆରମ୍ଭ ପ୍ରତ୍ୟକ୍ଷ ଦ୍ୱାର ଉନ୍ମୁକ୍ତ କରେ ଏବଂ ନୃବଂଶ ବୈଜ୍ଞାନିକ ପଦ୍ଧତିର ପ୍ରଚଳନ ଆରମ୍ଭ ହୁଏ ।

## ୨.୭ ସାଂପ୍ରତିକ ମତବାଦ : ଏକ ସମାଜତାତ୍ତ୍ୱିକ ଅନୁଶୀଳନ

ଏପର୍ଯ୍ୟନ୍ତ ଆମେ ସଂସ୍କୃତିର ଅର୍ଥ ଏବଂ ଏହାର ବିଭିନ୍ନ ଉପାଦାନ ଆଦି ବିଷୟରେ ଅବଗତ ହେଲୁ । ବିଭିନ୍ନ ଭୌତିକ ଅଭୌତିକ ସଂସ୍କୃତିକୁ ନେଇ ସମାଜ ଏକ ସ୍ୱତନ୍ତ୍ର ପରିଚୟ ପାଇଥାଏ । ସମାଜ ତାତ୍ତ୍ୱିକ ଦୃଷ୍ଟିକୋଣରୁ ସାମ୍ପ୍ରତିକ ପୃଷ୍ଠଭୂମିରେ କେତୋଟି ମୁଖ୍ୟ ମତବାଦ ରହିଛି ଯାହା ମାଧ୍ୟମରେ ଆମେ ସଂସ୍କୃତି - ସମାଜର ସମ୍ପର୍କକୁ ବିଭିନ୍ନ ଦିଗରୁ ଅନୁଶୀଳନ କରିଥାଉ । ଏଥି ମଧ୍ୟରୁ ବ୍ୟାବହାରିକ ମତବାଦ (Functional Perspective), ମାର୍କ୍ସିଷ୍ଟ ମତବାଦ (Marxist perspective) । ଘଟଣା-କ୍ରିୟା ମତବାଦ (Phnomenology perspective) ଏବଂ ନାରୀବାଦୀୟ ମତବାଦ (Feministic perspective) ପ୍ରମୁଖ ଅଟେ ।

**ବ୍ୟାବହାରିକ ମତବାଦ (Functionalist Perspective) :**

ବ୍ୟାବହାରିକ ମତବାଦ ସଂସ୍କୃତିକୁ ଏକ କଳା ରୂପରେ ନୁହେଁ ବରଂ ଏକ ସାମାଜିକ ଶୃଙ୍ଖଳା, ମୂଲ୍ୟବୋଧ ତଥା ଜୀବନଶୈଳୀ ରୂପେ ଦେଖିଥାଏ। ମୁଖ୍ୟତଃ ସଂସ୍କୃତିର ବିବର୍ତ୍ତିତ ଧାରା ଓ ଏହାର ପରିବର୍ତ୍ତିତ ରୂପରେଖ ଉପରେ ବିଶେଷ ଭାବରେ ଆଲୋକପାତ କରେ। ଇମାଇଲ୍ ଦୁର୍ଖାଇମ୍ (Emile Durkheim) ଏବଂ ମାର୍ସଲ୍ ମଉସ୍ (Marcel Mauss) ବ୍ୟାବହାରିକ ମତବାଦର ପ୍ରମୁଖ ଚିନ୍ତକ ଅଟନ୍ତି।

ଦୁର୍ଖାଇମ୍‌ଙ୍କ ମତରେ ଏକ ସାମୁହିକ ସଂସ୍କୃତି ଯାହା ଏକ ସାମୁହିକ ଚେତନାକୁ ଧାରଣ କରେ ତାହା ସମାଜକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ସୁରୁଖୁରୁରେ ଆଗେଇ ନେବାକୁ ସାହାଯ୍ୟ କରେ। ଏହା ବ୍ୟକ୍ତିର ନିଜସ୍ୱ ରୁଚି ଓ ପସନ୍ଦର ଊର୍ଦ୍ଧ୍ୱରେ ଏକ ସାମୁହିକ ଚାପ (social canstraint) ମାଧ୍ୟମରେ ସମଗ୍ର ସମାଜର ନିୟମ ମାନିବାକୁ ବାଧ୍ୟ କରିଥାଏ। ଏହାଦ୍ୱାରା ସମାଜରେ ଭାରସମ୍ୟ ରକ୍ଷା ହୁଏ। ସାମଗ୍ରିକ ସାଂସ୍କୃତିକ ଚେତନା ଏକ ନିର୍ଦ୍ଦିଷ୍ଟ ପିଢ଼ୀରେ ସୀମିତ ନ ରହି ପରବର୍ତ୍ତୀ ପିଢ଼ୀକୁ ଗତିଶୀଳ ହୁଏ ଓ ଏହିପରି ଭାବେ ସ୍ଥିରତା ଓ ଶୃଙ୍ଖଳା ବଜାୟ ରଖେ। ଯଦି କେହି ବ୍ୟକ୍ତି ଏହାର ଅବମାନନା କରେ, ତେବେ ନିୟମ ଅନୁଯାୟୀ ଦଣ୍ଡିତ ହୁଏ। ସାମାଜିକ ବିଶୃଙ୍ଖଳାକୁ ସଂସ୍କୃତିର ବିଭିନ୍ନ ମାଧ୍ୟମରେ ପୁନର୍ବାର ସଜାଡ଼ି ଏକ ସ୍ଥିର, ଶାନ୍ତ ସହବସ୍ଥାନ ଆଡ଼କୁ ନେଇଚାଲେ। ବର୍ତ୍ତମାନ ବ୍ୟକ୍ତିବାଦର ଅଭ୍ୟୁଦୟରେ ସାମାଜିକ ସ୍ଥିରତା ବିପଦ ମଧ୍ୟରେ ଘେରି ରହିଅଛି, ଯାହା ମୂଳ ସାଂସ୍କୃତିକ ମୂଲ୍ୟବୋଧର ପ୍ରଚଳନରେ ପୂର୍ବ ଅବସ୍ଥାନକୁ ଫେରାଇ ନେବାରେ ସହାୟକ ହୁଏ।

**ମାର୍କ୍ସିଷ୍ଟ ମତବାଦ (Marxist Perspective) :**

ମାର୍କ୍ସଙ୍କ ମତରେ ସଂସ୍କୃତି ବିଭିନ୍ନ ଚିନ୍ତାଧାରାର ପରିପ୍ରକାଶ ଅଟେ। ଏହା ସାମାଜିକ ଓ ଅର୍ଥନୀତିକ ଜୀବନର ଆରମ୍ଭରୁ ରହି ଆସିଅଛି। ଜୀବନ ଓ ଜୀବିକାର ସଂଘର୍ଷମୟ ପ୍ରକ୍ରିୟାରୁ ସଂସ୍କୃତି ସ୍ୱତଃସ୍ଫୂର୍ତ୍ତ ଭାବେ ଜନ୍ମ ନେଇଛି।

ଏକ ବସ୍ତୁବାଦୀ ପରିପ୍ରେକ୍ଷୀରେ ବଞ୍ଚିବାର ପାରିପାର୍ଶ୍ୱିକ ଅବସ୍ଥା ଏବଂ କାର୍ଯ୍ୟ ସମୂହର ପ୍ରକ୍ରିୟା ଏକ ନିର୍ଦ୍ଦିଷ୍ଟ ଚେତନାକୁ ଜନ୍ମ ଦେଇଥାଏ। ଉତ୍ପାଦନ ମାଧ୍ୟମ ସହିତ ବ୍ୟକ୍ତିର ସମ୍ପର୍କ ଆଧାରରେ ସଂସ୍କୃତିର ରୂପରେଖ ଗଢ଼ି ଉଠେ। ମାର୍କ୍ସଙ୍କ ମତରେ ଉତ୍ପାଦନର ମାଧ୍ୟମରେ ଦଳେ ଲୋକ ନିଜର ପ୍ରଭୁତ୍ୱ ଜାହିର କରିଥିବା ବେଳେ ଅନ୍ୟ ଦଳେ ଏଥିରୁ ବଞ୍ଚିତ ରହନ୍ତି। ତେଣୁ ଜୀବନ ବଞ୍ଚିବାର ସାଧନ, ପାରପାର୍ଶ୍ୱିକ ଅବସ୍ଥା, ସାମୂହିକ ଚେତନା, ସମସ୍ୟା ଆଦି ଭିନ୍ନ ଦଳ ପାଇଁ ଭିନ୍ନ ଭିନ୍ନ ହୋଇଥାଏ। ଏହି ଭିନ୍ନତା ବାସ୍ତବ ଜୀବନରେ ବିଭାଜନକାରୀ ସଂସ୍କୃତିକୁ ଜନ୍ମ ଦେଇଥାଏ। ପ୍ରତିପତ୍ତିଶାଳୀଙ୍କ ସଂସ୍କୃତି ସେମାନଙ୍କ ଆଭିଜାତ୍ୟ ପୂର୍ଣ୍ଣ ଜୀବନକୁ ଅଧିକ ସୁଖ ସ୍ୱାଚ୍ଛନ୍ଦରେ ଭରିବା ଦିଗରେ କାମ କରେ ଏବଂ ନିଃସ୍ୱ ତଥା ଅବହେଳିତ ଗୋଷ୍ଠୀଙ୍କ ଜୀବନର ସଂଘର୍ଷକୁ ଯଥାର୍ଥତାର ରୂପ ଦିଏ ଯଦ୍ୱାରା ସମାଜର ସବୁ ସମ୍ବଳ ଧନୀମାନଙ୍କ ପାଖରେ ଅଚିରେ ଉପଲବ୍ଧ ହେଲାବେଳେ ଗରିବଙ୍କ ଭାଗ୍ୟରେ ସମ୍ଭବ ହୋଇପାରେ ନାହିଁ।

ମାର୍କ୍ସଙ୍କ ମତରେ ଏକ ବ୍ୟକ୍ତିର ଆର୍ଥିକ ଅବସ୍ଥା ତା'ର ଜୀବନଶୈଳୀର ମାନ ନିର୍ଦ୍ଧାରଣ କରେ। ତେଣୁ ସଂସ୍କୃତି ଆର୍ଥିକ ଉତ୍ପାଦନ ପ୍ରକ୍ରିୟାର ପରିଣାମ ହୋଇଥାଏ। ମୋଟ ଉପରେ ସଂସ୍କୃତି ସମାଜର ଅସମାନତାର ଦର୍ପଣ ଅଟେ। ଦରିଦ୍ର ତଥା ନିଃସ୍ୱ ମନୁଷ୍ୟ, ମହିଳା, ବୃଦ୍ଧ, ଦିବ୍ୟାଙ୍ଗ ବ୍ୟକ୍ତିମାନେ ସଂସ୍କୃତିକୁ ବଦଳାଇବାର

ସାମର୍ଥ ଓ ସାଧନ ରଖିନଥିବାରୁ ପ୍ରତିପତ୍ତିଶାଳୀଙ୍କ ସଂସ୍କୃତି ସମାଜକୁ ନିୟନ୍ତ୍ରଣ କରେ ଏବଂ ଅସମାନତା ଓ ଅବହେଳାର କାରଣ ରୂପେ ଦାୟୀ ରହେ। ସଙ୍ଗୀତ, ନୃତ୍ୟ, କଳା ଆଦି ଆଭିଜାତ୍ୟ ଶ୍ରେଣୀ ଲୋକଙ୍କ ରୁଚି ଅନୁଯାୟୀ ପ୍ରସ୍ତୁତ ହୋଇଥାଏ।

**ଘଟଣା - କ୍ରିୟା ମତବାଦ (Phenomenalogical Perspective) :**

ଘଟଣା - କ୍ରିୟା ମତବାଦ ବିଭିନ୍ନ ବ୍ୟକ୍ତିଗତ ଅନୁଭୂତି, ଅନୁଭବ, ଅଭିଜ୍ଞତା, କଳ୍ପନା, ଆବେଗ ଆଦିକୁ ଅଧ୍ୟୟନ କରେ। କାରଣ, ଘଟଣାକୁ କିଭଳି ଅନୁଭବ କରିବା ଓ ଘଟଣା ପ୍ରତି କିଭଳି ଦୃଷ୍ଟିକୋଣ ରଖିବା ତାହା ବ୍ୟକ୍ତି ବିଶେଷରେ ଭିନ୍ନ ଭିନ୍ନ ହୋଇଥାଏ। ଏହି ପରିପ୍ରେକ୍ଷୀରେ ମଇରିସ୍ ପଣ୍ଟି (Maurice Merleau Ponty) ଏବଂ ଆଲ୍‌ଫ୍ରେଡ୍ ସଜ୍ (Alfred schutz) ସର୍ବପ୍ରଥମେ ତାଙ୍କ ବିଚାର ରଖିଥିଲେ।

ସାମାଜିକ ପ୍ରଥା ଓ ପରମ୍ପରା ବିଭିନ୍ନ ଗୋଷ୍ଠୀର ଲୋକଙ୍କ ପାଇଁ ଭିନ୍ନ ଅର୍ଥ ବହନ କରେ। ସାଂପ୍ରତିକ ଯୁଗରେ ଧର୍ମ, ଧାରଣା ପ୍ରତି ସମସ୍ତଙ୍କର ଚିନ୍ତା, ଚେତନା ସମଭାବ ନ ଥାଏ। ତେଣୁ ଘଟଣାଗୁଡ଼ିକର ଅର୍ଥ ଏବଂ ଏହାର ଉପଯୋଗିତା ବିଭିନ୍ନ କାର୍ଯ୍ୟ ପରିଣାମ ଦେଇଥାଏ। ଏହାକୁ ସଠିକ୍ ଅଧ୍ୟୟନ କରିବା ଏବଂ ସାମାଜିକ ଘଟଣାବଳୀକୁ ଏକ ନିରପେକ୍ଷ ଦିଗରୁ ବିଚାର କରିବା, ଘଟଣା କ୍ରିୟା ମତବାଦର ମୁଖ୍ୟ ଉଦ୍ଦେଶ୍ୟ ଅଟେ।

**ନାରୀବାଦୀୟ ମତବାଦ (Feministic Perspective) :**

ନାରୀବାଦ ମାଧ୍ୟମରେ ସଂସ୍କୃତିର ଅଧ୍ୟୟନ ସାମ୍ପ୍ରତିକ ପୃଷ୍ଠଭୂମିରେ ଏକ ନୂତନ ଦିଗ ଦେଇଛି। ଏହା ମୂଳତଃ ମାର୍କ୍ସିଷ୍ଟ ଚିନ୍ତାଧାରା ସହ ସାମଞ୍ଜସ୍ୟ ରଖେ। ଏହାକୁ ସାଂସ୍କୃତିକ ନାରୀବାଦ ବା Cultural Feminism ବି କୁହାଯାଏ।

ସାଂସ୍କୃତିକ ନାରୀବାଦ ମତରେ ପୁରୁଷ ଓ ସ୍ତ୍ରୀ ତାଙ୍କର ଚର୍ତୁପାର୍ଶ୍ୱର ସମାଜକୁ ଭିନ୍ନ ଭିନ୍ନ ଦୃଷ୍ଟିକୋଣରେ ଦେଖିଥାଆନ୍ତି। ନାରୀବାଦୀୟ ମତାନୁସାରେ ଯୁଗ ଯୁଗରୁ ସମାଜକୁ ବୁଝିବାର ଚେଷ୍ଟା ପୁରୁଷ ପ୍ରାଧାନ୍ୟ ଚିନ୍ତାଧାରା ଅନୁଯାୟୀ ହୋଇଆସିଛି। ଏହି ପରିପ୍ରେକ୍ଷୀରେ ଏକ ନାରୀର ସଂଘର୍ଷ, ମାନସିକତା ଓ ଅନୁଭବକୁ ବିଶେଷ ଗୁରୁତ୍ୱ ଦିଆ ଯାଇନାହିଁ। ପୁରୁଷର ସାମର୍ଥ୍ୟ, ବଳ, କାର୍ଯ୍ୟକୁ ସମାଜର ତଥାକଥିତ ସଂସ୍କୃତି ଯେତେ ମର୍ଯ୍ୟାଦା, ସ୍ୱୀକୃତି ଏବଂ ଉତ୍ସାହ ଦେଇଛି, ସେହି ତୁଳନାରେ ନାରୀର କାର୍ଯ୍ୟ, ସାମର୍ଥ୍ୟ ଓ ଅବଦାନକୁ ନିରନ୍ତର ଅବହେଳା ଦୃଷ୍ଟିରେ ଦେଖାଯାଇଛି।

ବିଶେଷ କରି ନାରୀକୁ ଗୃହ ଭିତରେ କାର୍ଯ୍ୟ କରିବାର ସୀମିତ ପରିସର ମଧ୍ୟରେ ପ୍ରତିପାଦନ କରାଯାଇଛି। ଏଭଳି ଭାବେ ଲିଙ୍ଗଗତ ବୈଷମ୍ୟକୁ ସାମାଜିକ ସ୍ୱୀକୃତି ମିଳିଛି। ଏକ ନାରୀକୁ ଗୃହ ବାହାରେ ନିଜ କାର୍ଯ୍ୟ ପରିସୀମା ବଢ଼ାଇବାରେ ସମାଜର ବିଶେଷ ଆଗ୍ରହ ପରିଲକ୍ଷିତ ହୁଏ ନାହିଁ। ଏହି ଚିରାଚରିତ ମନୋଭାବ ପୁରୁଷ ଓ ନାରୀ ମଧ୍ୟରେ ରହିଥିବା ବିଭେଦକୁ ବଢ଼ାଇବାରେ ସାହାଯ୍ୟ କରିଛି।

ନାରୀବାଦୀୟ ମତବାଦ ପ୍ରତ୍ୟେକ ସମାଜର ପୁରୁଷ ପ୍ରଧାନ ସାଂସ୍କୃତିକ ବାସ୍ତବତାକୁ ଉପସ୍ଥାପିତ କରେ ଏବଂ ପୁରୁଷ - ସ୍ତ୍ରୀ ମଧ୍ୟରେ ଥିବାର ବିଭେଦ ଉପରେ ଆଲୋକପାତ କରେ।

## ୨.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

କ) ବିବର୍ତ୍ତନବାଦ ପରମ୍ପରା କାହାକୁ କୁହାଯାଏ ?

ଖ) ଭୌତିକ ସଂସ୍କୃତି କହିଲେ କ'ଣ କୁହାଯାଏ ?

ଗ) ବ୍ୟାବହାରିକ ମତବାଦ କାହାକୁ କୁହାଯାଏ ?

ଘ) ନାରୀବାଦୀୟ ମତବାଦ କେଉଁ ବିଭେଦକୁ ଦେଖାଏ ?

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

କ) ସଂସ୍କୃତି ଅଧ୍ୟୟନର ପରିସରର ବ୍ୟାପକତା ଆଲୋଚନା କର ।

ଖ) ସଂସ୍କୃତି ଅଧ୍ୟୟନକୁ କିପରି ବିଭକ୍ତ କରାଯାଇଛି ଦର୍ଶାଅ ।

ଗ) ସାମ୍ପ୍ରତିକ ସାଂସ୍କୃତିକ ମତବାଦଗୁଡ଼ିକୁ ଆଲୋଚନା କର ।

## ୨.୯ ସହାୟକ ଗ୍ରନ୍ଥସୂଚୀ


- Haralambos M. and et.al,Sociology,Collins Publication,London,2014
- Jenks, chris culture, Routledge, London, 1993
- Tylor, E.B.The origin of primitive culture,Gordon press,New York,1871
- Williams,Raymond,culture and society 1780 -1950, Penguin, Harmondsworth, 1958

# ତୃତୀୟ ଏକକ : ଓଡ଼ିଆ ସଂସ୍କୃତି

**ବିଷୟ ଗଠନ :**


୩.୧ ପଠନର ଉଦ୍ଦେଶ୍ୟ

୩.୨ ଶିକ୍ଷଣୀୟ ବିଷୟ

୩.୩ ବିଷୟ ପ୍ରବେଶ

୩.୪ ଓଡ଼ିଆ ସଂସ୍କୃତିର ପରିସର

୩.୫ ଉଡ୍ର, ଓଡ଼, କଳିଙ୍ଗ, ଉତ୍କଳ

୩.୬ କଳା ଓ ସ୍ଥାପତ୍ୟ: ଗୁମ୍ଫା ଚିତ୍ର

୩.୭ ମନ୍ଦିର କଳା ଓ ଅନ୍ୟାନ୍ୟ କଳା

୩.୮ ଓଡ଼ିଶାର ଧର୍ମଧାରା : କଳା, ସ୍ଥାପତ୍ୟ

୩.୯ ନୃତ୍ୟ ଓ ସଙ୍ଗୀତ ପରମ୍ପରା

୩.୧୦ ସମର ସଂସ୍କୃତି

୩.୧୧ ବାଣିଜ୍ୟ ସଂସ୍କୃତି

୩.୧୨ ଆଧୁନିକ ଓଡ଼ିଶା ଓ ଓଡ଼ିଆ ଜାତି

୩.୧୩ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୧୪ ସହାୟକ ଗ୍ରନ୍ଥସୂଚୀ


## ୩.୧ ପଠନର ଉଦ୍ଦେଶ୍ୟ

ଓଡ଼ିଆ - ଏକ ଐତିହ୍ୟ ସଂପନ୍ନ ଗରିମାମୟ ଜାତି । ଖ୍ରୀପୂ ଶତାବ୍ଦୀରୁ ଏହି ଜାତି ନିଜର ଶୌର୍ଯ୍ୟ, ସମ୍ପଦ ଓ ସର୍ଜନକଳା ନିମିତ୍ତ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି । ବାଣିଜ୍ୟ, କଳା, ସ୍ଥାପତ୍ୟ ଓ ଆଧାତ୍ମିକ ଚିନ୍ତନରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି । ପ୍ରାଚୀନ କାଳରେ ଜ୍ଞାନ ଚର୍ଚ୍ଚାର କେବଳ କେନ୍ଦ୍ରବିନ୍ଦୁ ହୋଇ ରହିନାହିଁ, ସଙ୍ଗୀତ, ନୃତ୍ୟ, ସାହିତ୍ୟ ଓ ଶାସ୍ତ୍ର ରଚନାରେ ଓଡ଼ିଆ ଜାତି ଅଦ୍ୱିତୀୟ ଭାବରେ ପ୍ରତିଷ୍ଠା ପାଇଛି । ସମୟର ଅବଲୀଳା କ୍ରମେ ବହୁ ସମ୍ରାଟ ଓଡ଼ିଶାର ଭୁଖଣ୍ଡକୁ ଜୟ କରିଛନ୍ତି ମାତ୍ର ପରାଜିତ କରିପାରିନାହାନ୍ତି । ସମୟକ୍ରମେ ଓଡ଼ିଆ ଜାତି ନିଜର ସ୍ୱାଧୀନଚେତା ଗୁଣରେ ମହୀୟାନ ହୋଇଛି । ବିଭିନ୍ନ ପରିବ୍ରାଜକ ନିଜ ନିଜ ଦୃଷ୍ଟିକୋଣ ନେଇ ଏହି ଦେଶର ଗୁଣଗାନ କରିଛନ୍ତି । ଏହାର ସଙ୍ଗୀତ, ନୃତ୍ୟ, ସାହିତ୍ୟ, କଳା ଓ ସ୍ଥାପତ୍ୟକୁ ପ୍ରଶଂସା କରିଛନ୍ତି । କିଛି କ୍ଷମତାଲିପ୍ସୁ ଶାସକ ଏହାର କଳା, ସଂସ୍କୃତି, ଧର୍ମପୀଠ, ଭାଷା ଓ ସାହିତ୍ୟକୁ ଚିରଦିନ - ପାଇଁ ନିଶ୍ଚିହ୍ନ କରିଦେବାକୁ ଉଦ୍ୟମ କରିଥିଲେ, ମାତ୍ର ଓଡ଼ିଆ ଏକ ଅପରାଜେୟ ଶକ୍ତି ଭାବରେ ନିଜର ମାତୃଭୂମି, ମାତୃଭାଷା ଓ ଇଷ୍ଟଦେବତାଙ୍କର

ରକ୍ଷା କରିଛି । ଏକ ଐତିହ୍ୟ ସମ୍ପନ୍ନ ପ୍ରଦେଶ ଆଜି ପ୍ରଗତିଶୀଳ ରାଜ୍ୟ ଭାବରେ ଉଭାସିତ ହୋଇ ଉଠିଛି । ଓଡ଼ିଆ ସଂସ୍କୃତି ସମଗ୍ର ବିଶ୍ୱ ଦରବାରରେ ଆଦୃତି ଲାଭ କରିଛି । ଆତିଥ୍ୟ, ଧର୍ମ, ଶାସ୍ତ୍ର, ସାହିତ୍ୟ, କଳା, ସଦାଚାର, ମୈତ୍ରୀ ଓ ପ୍ରୀତି ଭାବନା ପରକୁ ଆପଣାର କରିଛି । ଓଡ଼ିଆ "ବସୁଧୈବ କୁଟୁମ୍ବକମ୍" ବାଣୀରୁ ବିଚ୍ୟୁତ ହୋଇନାହିଁ । ଓଡ଼ିଆ ଜାତିର ସଂସ୍କୃତି ସମ୍ପର୍କରେ ବିଦ୍ୟାର୍ଥୀମାନେ ଏହି ଏକକରେ ଏ ସମସ୍ତ ବିଷୟରେ ଜ୍ଞାନ ଆହରଣ କରିପାରିବେ ।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନ ପ୍ରସଙ୍ଗଗୁଡ଼ିକ ଜାଣିପାରିବେ :

- ଓଡ଼ିଶାର ଐତିହ୍ୟ ଓ ପୁରାତତ୍ତ୍ୱ
- ପ୍ରାଚୀନ ଗ୍ରନ୍ଥରେ ଓଡ଼ିଆ ଓ ଓଡ଼ିଶା ସମ୍ପର୍କରେ ଦିଆଯାଇଥିବା ମତ
- ଓଡ଼ିଶାର ଗୁମ୍ଫାଚିତ୍ର, ସ୍ଥାପତ୍ୟ, କଳା, ସଙ୍ଗୀତ, ନୃତ୍ୟ
- ଓଡ଼ିଶାର ଧର୍ମଧାରା ଓ ଧର୍ମପୀଠ
- ଓଡ଼ିଶାର ସମର ସଂସ୍କୃତି
- ଓଡ଼ିଶାର ବାଣିଜ୍ୟ ସଂସ୍କୃତି
- ଓଡ଼ିଆ ଜାତୀୟତା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ, ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ଓ ନଅଙ୍କ ଦୁର୍ଭିକ୍ଷ

## ୩.୩ ବିଷୟ ପ୍ରବେଶ

ଓଡ଼ିଆ ଜାତି ଏକ ଐତିହ୍ୟ ସମ୍ପନ୍ନ ପ୍ରାଚୀନ ଜାତି । ଏ ଜାତିର ସଂସ୍କୃତି ସମୟର ଅବଲୀଳାକ୍ରମେ ଅଧିକରୁ ଅଧିକ ଗରିମାମୟ ହୋଇଛି । ଧନ ସମ୍ପଦ ଭରା ଏ ଜାତି ପ୍ରାକୃତିକ ସମ୍ପଦର ଉପଯୋଗ କରି ବାଣିଜ୍ୟରେ କେବଳ ଶୀର୍ଷ ସ୍ଥାନରେ ନଥିଲା, କଳା, ସ୍ଥାପତ୍ୟ, ନୃତ୍ୟ, ସଙ୍ଗୀତ ଓ ସାହିତ୍ୟରେ ମଧ୍ୟ ଶୀର୍ଷ ସ୍ଥାନରେ ଥିଲା । ଏହାର ସୀମା ବିଭିନ୍ନ ସମୟରେ ଗଙ୍ଗାନଦୀ ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ବାଣିଜ୍ୟରେ ସମଗ୍ର ପୂର୍ବ ଏସିଆର ଦ୍ୱୀପପୁଞ୍ଜୀକୁ କରାୟତ କକରିଥିଲେ ଓଡ଼ିଆ ସାଧବ ପୁଅ । ବିଭିନ୍ନ ଧାତୁ ଦ୍ରବ୍ୟରେ ପରିପୂର୍ଣ୍ଣ ପାହାଡ଼ମାଳା, ନଦୀର ଉର୍ବର ଉପତ୍ୟାକା, ଦୀର୍ଘ ସମୁଦ୍ର ଉପକୂଳ ଓଡ଼ିଆ ଜାତିରେ ସମୃଦ୍ଧିରେ ସହାୟକ ହୋଇ ଆସିଛି । କେବଳ ଧନଧାନ୍ୟରେ ଏ ରାଜ୍ୟ ପୂର୍ଣ୍ଣ ନଥିଲା, ଏହାକୁ ସୁରକ୍ଷା ପ୍ରଦାନ ନିମିତ୍ତ ମଧ୍ୟ ରହିଥିଲା ଏକ ଦୁର୍ଦ୍ଦଶ ସାମରିକ ଶକ୍ତି । ଏ ସମ୍ପର୍କରେ ମତ ଦେବାକୁ ଯାଇ ନବୀନ କୁମାର ସାହୁ "ଓଡ଼ିଆ ଜାତିର ଇତିହାସ" ଗ୍ରନ୍ଥରେ ଲେଖିଛନ୍ତି: ଚନ୍ଦ୍ରଗୁପ୍ତ ଉତ୍ତର - ପଶ୍ଚିମରେ ହିନ୍ଦୁକୁଶ ପର୍ବତଠାରୁ ଦକ୍ଷିଣରେ ଆଧୁନିକ ମହୀଶୁର ଯାଏ ମୌର୍ଯ୍ୟ ସାମ୍ରାଜ୍ୟ ବିସ୍ତୃତ କରିଥିଲେ । ମାତ୍ର ପୂର୍ବାଞ୍ଚଳରେ କଳିଙ୍ଗ ରାଜ୍ୟ ଜୟ କରିବା ନିମନ୍ତେ ଉଦ୍ୟମ କରିନଥିଲେ । ଚନ୍ଦ୍ରଗୁପ୍ତଙ୍କର ପୌତ୍ର ଅଶୋକ ଖ୍ରୀ.ପୂ. ୨୬୧ ରେ କଳିଙ୍ଗ ଜୟ କରି ଗଙ୍ଗାଠାରୁ ଗୋଦାବରୀ ବ୍ୟାପି ସମୁଦ୍ର ଉପକୂଳ ଅଞ୍ଚଳ ମୌର୍ଯ୍ୟ ସାମ୍ରାଜ୍ୟଭୁକ୍ତ କରିପାରିଥିଲେ । ମାତ୍ର ପଶ୍ଚିମାଞ୍ଚଳରେ ଥିବା ଆଟବିକ ରାଜ୍ୟ ଅଶୋକଙ୍କ ଦ୍ୱାରା ବିଜିତ ହୋଇନଥିଲା ଓ ତାହା ସୁଦୂରବିସ୍ତାରୀ ମୌର୍ଯ୍ୟ ସାମ୍ରାଜ୍ୟର ବହିର୍ଦ୍ଦେଶରେ ଅବସ୍ଥିତ ଥିଲା ।

ମଗଧର ଅଧୀନତାରୁ ମୁକ୍ତ ହୋଇ କଳିଙ୍ଗ ସ୍ୱତନ୍ତ୍ରତା ଘୋଷଣା କଲା । ଖ୍ରୀ.ପୂ. ପ୍ରଥମ ଶତକରେ ଚେଦି ମହାମେଘ ବାହନଙ୍କ ନେତୃତ୍ୱରେ ମହାମେଘବାହନ ବଂଶର ସର୍ବଶ୍ରେଷ୍ଠ ଶାସକ ହେଉଛନ୍ତି ଖାରବେଳ ଓ ତାଙ୍କର ଶାସନ କାଳରେ କଳିଙ୍ଗ ଥିଲା ସମଗ୍ର ଭାରତରେ ଅଦ୍ୱିତୀୟ ଶକ୍ତିଶାଳୀ ରାଷ୍ଟ୍ର । ମଞ୍ଚପୁରୀ ଗୁମ୍ଫାରେ ଏକ ଅଭିଲେଖରେ ଖାରବେଳ ଚକ୍ରବର୍ତ୍ତୀ ରାଜାରୂପେ ପ୍ରଶଂସିତ ।" ବିଭିନ୍ନ ସମୟରେ କଳିଙ୍ଗ ତା'ର ବୀରତ୍ୱ ଓ ଉଦାରତା ନିମିତ୍ତ ଇତିହାସ ପୃଷ୍ଠାରେ ପ୍ରଶଂସିତ ହୋଇଛି ।

ଭାରତବର୍ଷର ଏହି ଅନନ୍ୟ ପ୍ରଦେଶ ସମ୍ପର୍କରେ ପଣ୍ଡିତ କୃପାସିନ୍ଧୁ ମିଶ୍ର ଲେଖନ୍ତି । – "ଇତିହାସର ଆଦିମ ଅବସ୍ଥାରେ ଉତ୍କଳ ଓ କଳିଙ୍ଗ ସେପରି ପବିତ୍ର ଦେଶ ନ ଥିଲା । କେବଳ ଅନାର୍ଯ୍ୟମାନଙ୍କର ଦେଶ ଥିବାରୁ ଏହା ଅପବିତ୍ର ହୋଇଥିଲା । ଏପରିକି ଓଡ୍ରମାନେ ଆର୍ଯ୍ୟ ଜାତି ଥିଲେ ସୁଦ୍ଧା ଏ ଦେଶରେ ଅନାର୍ଯ୍ୟ ସହବାସରେ ବହୁଦିନ ରହିଯିବାରୁ, ସେମାନେ ମଧ୍ୟ 'ପତିତ' ବୋଲି ଗଣ୍ୟ ହେଲେ । କାଳକ୍ରମେ ଆର୍ଯ୍ୟମାନେ ଏ ଦେଶକୁ ଅଧିକ ସଂଖ୍ୟାରେ ଆସି ବସତି କଲେ । ଆର୍ଯ୍ୟସଭ୍ୟତା ଦେଶରେ ବ୍ୟାପିଲା, ଉତ୍କଳ ପବିତ୍ର ଦେଶ ବୋଲି ଗଣ୍ୟ ହେଲା । ହିନ୍ଦୁମାନଙ୍କର ଦେବାଧିଦେବ ସ୍ୱୟଂ ଜଗନ୍ନାଥଙ୍କ ଯୋଗେ ଉତ୍କଳ ଭାରତର ପୁଣ୍ୟଭୂମି ରୂପରେ ପୂଜା ପାଇଲା । ହିନ୍ଦୁରାଜ୍ୟର ଚାରିଧାମ ମଧ୍ୟରୁ ପୁରୀ ସର୍ବଶ୍ରେଷ୍ଠ ଧାମ । ଭୁବନେଶ୍ୱର ମଧ୍ୟ ହିନ୍ଦୁମାନଙ୍କର ଏବଂ ତାହା ପୂର୍ବରୁ ଜୈନମାନଙ୍କର ପ୍ରଧାନ ଧର୍ମପୀଠ । ଚାରି ଧର୍ମକ୍ଷେତ୍ର ମଧ୍ୟରୁ ପୁରୀ 'ଚକ୍ରତୀର୍ଥ' ଭୁବନେଶ୍ୱର 'ଶଙ୍ଖକ୍ଷେତ୍ର', କୋଣାର୍କ 'ପଦ୍ମକ୍ଷେତ୍ର' ଏବଂ ଯାଜପୁର 'ଗଦାକ୍ଷେତ୍ର' ନାମରେ ପ୍ରସିଦ୍ଧ । ଉତ୍କଳର ପବିତ୍ରତା ଯୋଗୁଁ ଭାରତର ପ୍ରଧାନ ପ୍ରଧାନ ଧର୍ମସଂପ୍ରଦାୟମାନେ ପୁରୀକୁ ପରମ ଆଶ୍ରୟସ୍ଥଳୀ କରିଛନ୍ତି । ଶ୍ରୀ ଶଙ୍କରାଚାର୍ଯ୍ୟ, ଶ୍ରୀରାମାନୁଜ ପ୍ରଭୃତି ସିଦ୍ଧସାଧକମାନଙ୍କର ପୀଠ ପୁରୀରେ ଅଛି । ଶ୍ରୀକୃଷ୍ଣ, ଚୈତନ୍ୟ, ହରନାଥ ପ୍ରଭୃତି ମହାପୁରୁଷମାନେ ଶ୍ରୀକ୍ଷେତ୍ରକୁ ଆପଣାର ପ୍ରଧାନ ଲୀଳାସ୍ଥଳ କରିଥିଲେ । ଏହିମାନଙ୍କ ବାଦ୍ କେତେ ସିଦ୍ଧତପା ଯୋଗୀଋଷି ଉତ୍କଳଭୂମିରେ ଆଶ୍ରୟ ନେଇ ଏହାକୁ ପରମ ପବିତ୍ର କରି ଯାଇଅଛନ୍ତି । କୋଣାର୍କକ୍ଷେତ୍ର ପୂର୍ବେ 'ମୈତ୍ରେୟବନ' ନାମରେ ଖ୍ୟାତ ଥିଲା । ଶ୍ରୀକୃଷ୍ଣଙ୍କର ପୁତ୍ର ଶାମ୍ବ ସେହିଠାରେ ସୂର୍ଯ୍ୟଦେବଙ୍କୁ ଧ୍ୟାନ କରି କୁଷ୍ଠରୋଗରୁ ମୁକ୍ତ ହୋଇଥିଲେ ଏବଂ ସେହିଠାରେ ମିତ୍ରାତ୍ୟାଦି ସୂର୍ଯ୍ୟଦେବଙ୍କୁ ସ୍ଥାପନ କରି କ୍ଷେତ୍ର ସୃଷ୍ଟି କରିଥିଲେ । ସେ ଯେଉଁ ଚନ୍ଦ୍ରଭାଗା ନଦୀରେ ସ୍ନାନକରି ମୁକ୍ତି ପାଇଥିଲେ, ତାହା ପୋତି ହୋଇ ପଡ଼ିଲାଣି । ତଥାପି ଯେଉଁ ଖଣ୍ଡ ଅବଶିଷ୍ଟ ଅଛି ଅଦ୍ୟାପି ତାହା ତୀର୍ଥ ଆକାରରେ ରହିଛି । ଉତ୍କଳ ମଧ୍ୟରେ ଏସବୁ କ୍ଷେତ୍ର ବାଦ୍, ଏକାମ୍ରକାନନ, ବିରଜାକ୍ଷେତ୍ର ବା ଯାଜପୁର, ବୈତରଣୀ, ଚିତ୍ରୋତ୍ପଳା, ପ୍ରାଚୀ ପ୍ରଭୃତି ପବିତ୍ର କ୍ଷେତ୍ର ଓ ତୀର୍ଥ ରୂପେ ସମଗ୍ର ଭାରତରେ ଆଦର ପାଉଛି । ମହାଭାରତ, ବ୍ରହ୍ମପୁରାଣ, ସ୍କନ୍ଦପୁରାଣ, ପଦ୍ମପୁରାଣ ପ୍ରଭୃତି ଉତ୍କଳକୁ ଭାରତର ପ୍ରଧାନ ପୁଣ୍ୟଦେଶ ବୋଲି ଗଣନା କରିଅଛନ୍ତି ।"

କପିଳ ମହର୍ଷିକୃତ "କପିଳ ସଂହିତାରେ ପ୍ରାଚୀନ ଓଡ଼ିଶା ସମ୍ପର୍କରେ ରହିଥିବା ବର୍ଣ୍ଣନା :

କପିଳ ସଂହିତା

ପ୍ରଥମୋଽଧ୍ୟାୟଃ

ମଙ୍ଗଳାଚରଣ ।

ଜଳଦଶ୍ୟାମଳ ଧନୁର୍ଗୁଣରେ ଚିହ୍ନିତ

ତ୍ରିଲୋକମଣ୍ଡପସ୍ତମ୍ଭ ପରି ସୁଶୋଭିତ ।୧ ।
ତାପହର ବିଷ୍ଣୁଙ୍କର ଭୁଜଚତୁଷ୍ଟୟ
ତୁମ୍ଭର ଅଭୀଷ୍ଟସିଦ୍ଧି କରନ୍ତୁ ନିଶ୍ଚୟ ।୨ ।
ସତ୍ୟଜିତ୍ ରାଜୋବାଚ ।
ସୁବିଖ୍ୟାତ ପୁଣ୍ୟ ବହୁ କ୍ଷେତ୍ରମାନଙ୍କର
ଶୁଣିଥିଲି ପୂର୍ବେ ମୁହିଁ ମହିମା ବିସ୍ତର ।୩ ।
ଏବେ ଶୁଣିବାକୁ ଇଚ୍ଛା ହେଉଛି ମୋହର
ପ୍ରଧାନ ସ୍ଥାନବିଷୟ ଉତ୍କଳଦେଶର ।୪ ।
ତପୋବନ ଦେବଦେବୀଆଦି ଯେ ସମସ୍ତେ
ଅଛନ୍ତି ଏଠାରେ ତାହା କହ ମୋ ଅଗ୍ରତେ ।୫ ।
ସକଳସୁରବନ୍ଦିତ ଆହେ ମୁନିବର !
କୃତାର୍ଥ ହୋଇବି ଯେବେ ଅନୁଗ୍ରହ କର ।୬ ।
ଅଷ୍ଟାଦଶ ପୁରାଣ ଅପର ଶାସ୍ତ୍ରମାନ
ସର୍ବଜ୍ଞହେତୁ ଜାଣିଛ ସକଳ ବିଧାନ ।୭ ।
କପିଳ ଉବାଚ
କହୁଛି ରହସ୍ୟ ନୃପ ଶୁଣ ଏକଚିତ୍ତେ
ଯାହାର ଶ୍ରବଣ ପାପ ନାଶଇ ତୁରିତେ ।୮ ।
ବର୍ଷମାନଙ୍କରେ ଯଥା ଭାରତ ଉତ୍ତମ
ସକଳ ଦେଶରେ ତଥା ଉତ୍କଳ ପାବନ ।୯ ।
ଏହାର ସମାନ ସ୍ଥାନ ନାହିଁ ମହୀତଳେ
କଥିତ ହୋଇଛି ଧର୍ମଶାସ୍ତ୍ରମାନଙ୍କରେ ।୧୦ ।
ପୁଷ୍କରବନରେ ଥିଲେ ଯେତେ ମୁନିଗଣ
ଭରଦ୍ୱାଜସମୀପରେ ହୋଇ ସାବଧାନ ।୧୧ ।
ଯାହା ସବୁ ଶୁଣିଥିଲେ ତାହାଙ୍କୁ ପଚାରି
ସେ ସମସ୍ତ ଶୁଣ ରାଏ କହୁଛି ବିଚାରି ।୧୨ ।
ଭରଦ୍ୱାଜ ଉବାଚ !
ଏହି ପୁଣ୍ୟବନେ ବାସକରେ ଯେଉଁନର
ସଫଳ ହୁଅଇ ଜନ୍ମ ମହୀରେ ତାହାର ।୧୩ ।
ବାସକରନ୍ତି ଏଠାରେ ଯେତେ ପ୍ରାଣିଗଣ

ସେହିମାନଙ୍କର ହୁଏ ସଫଳ ଜୀବନ।୧୪।
ଦ୍ୱିଜାତି ମାନଙ୍କୁ ଏଥି ଯେ ଦାନ ଦିଅନ୍ତି
ସେ ସମସ୍ତେ ଅନାୟାସେ ମୁକତି ଲଭନ୍ତି।୧୫।
ହେବାରୁ ଅଳପ ପୁଣ୍ୟ ବିଶେଷ ଏଠାରେ
ବାସ କରନ୍ତି ଦେବତା ଏହି କାନନରେ।୧୬।
ବହୁତୀର୍ଥ ବିରାଜିତ ଅଟେ ଏହି ସ୍ଥାନ
ସର୍ବଦା ଦେବଗଣରେ ହୁଏ ଶୋଭମାନ ।୧୭।
ବଟଅଶ୍ୱତ୍ଥପୁନ୍ନାଗଆଦି ବୃକ୍ଷକୁଳ
ବିବିଧ ପକ୍ଷିରେ ଦିଶେ ଅତି ମନୋହର।୧୮।
ଏହିଠାରେ ଅନୁଷ୍ଠାନ କରେ ଯେଉଁ ଜନ
ପୁନରପି ନୁହେ ତାର ମହୀରେ ଜନମ।୧୯।
ଅକ୍ଷୟ ସ୍ୱୀକୃତ ହୁଏ ଏହି ଅରଣ୍ୟରେ
ଅଳପ ଦୁଷ୍କୃତ ମେରୁ ତୁଲ୍ୟ ସନ୍ତତରେ।୨୦।
ଯଦି କର ଅଭିଳାଷ ଅହେ ଋଷିମାନେ!
ପ୍ରଫୁଲ୍ଲ ଚିତ୍ତରେ ତପ କର ଏହି ସ୍ଥାନେ। ୨୧।
ଇତିଶ୍ରୀକପିଳସଂହିତାୟାଂ ଋଷିପ୍ରଶ୍ନୋ ନାମ ପ୍ରଥମୋଽଧ୍ୟାୟ।"

(ଅନୁବାଦକ : ସାମନ୍ତଶ୍ରୀ ଗୋପୀନାଥ ମହାପାତ୍ର କାବ୍ୟତୀର୍ଥ)

ଏହି ଐତିହ୍ୟ ସମ୍ପନ୍ନ ଗରିମାମୟ ରାଜ୍ୟରେ ବାସ କରୁଥିବା ଓଡ଼ିଆ ଜାତିର ସଂସ୍କୃତି ସମ୍ପର୍କରେ ଏହି ଏକକରେ ଆଲୋଚନା କରାଯାଇଛି।

## ୩.୪ ଓଡ଼ିଆ ସଂସ୍କୃତିର ପରିସର

ସଂସ୍କୃତିର ବିଶେଷ ଗୁଣ ହେଉଛି ଏହାର ପ୍ରବାହମାନତା ଓ ନମନୀୟତା। ଅର୍ଥାତ ଗୋଟିଏ ଜାତି ଅଥବା ଦେଶର ସଂସ୍କୃତି ସମୟ ସହ ତାଳ ଦେଇ ଆଗକୁ ଚାଲିଥାଏ। ସମୟର ଆହ୍ୱାନକୁ ନିଜ ଭିତରେ ସମୀକରଣ କରିବା ସଂସ୍କୃତିର ଏକ ବଡ଼ ଧର୍ମ। ଏହାକୁ ନମନୀୟତା କହିବା। ପ୍ରାଚୀନ କାଳରେ ବିଭିନ୍ନ ରାଜତ୍ୱ ସମୟରେ ଧର୍ମ, ଭାଷା ତଥା ପର୍ବପର୍ବାଣିରେ ଯେଉଁ ପରିବର୍ତ୍ତନ ଆସିଥିଲା ଓଡ଼ିଆ ଜାତି ତାହାକୁ ନିଜର କରିନେଇଛି। ଜୈନ, ବୌଦ୍ଧ, ଶୈବ, ଶାକ୍ତ, ନାଥ, ବୈଷ୍ଣବ, ମହିମା, ଖ୍ରୀଷ୍ଟିଆନ ଆଦି ଯେଉଁ ଧର୍ମଧାରା ଆସିଛି, ତାହାକୁ ଓଡ଼ିଆ ଜାତି ଗ୍ରହଣ କରିଛି। ମାତ୍ର ତାହାର ଇଷ୍ଟଦେବତା ଶ୍ରୀଜଗନ୍ନାଥଙ୍କୁ ସର୍ବାଗ୍ରେ ରଖିଛି। ସେହିପରି ଆଧୁନିକ ଜ୍ଞାନକୌଶଳ ଦ୍ୱାରା ସାମାଜିକ ଜୀବନରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ଆସିଛି। ତାହାକୁ ସ୍ୱାଗତ କରିଛି ଓଡ଼ିଆ ଜାତି।

ଭାରୀଶିଳ୍ପ, କ୍ଷୁଦ୍ରଶିଳ୍ପ, କୁଟୀର ଶିଳ୍ପ, ନଦୀବନ୍ଧ, ଗମନାଗମନ, ଯୋଗାଯୋଗ, ବୈଜ୍ଞାନିକ ପରୀକ୍ଷାକେନ୍ଦ୍ର, ବିମାନବନ୍ଦର ଆଦି ସମାଜର ବିଭିନ୍ନ ଅନୁଷ୍ଠାନ ଓଡ଼ିଆ ଜାତିର ପ୍ରଗତିଶୀଳ ଚେତନାର ବାହକ ହୋଇଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରଗତି ଆଦି ପ୍ରସଙ୍ଗ ଗୁଡ଼ିକୁ ଯଥାଯଥ ଭାବରେ ଯତ୍ନର ସହ ପାଳନ କରାଯାଉଛି । ବିପୁଳ ଖଣିଜ ସମ୍ପଦ, ଜଳ ସମ୍ପଦ ଓ ବନ୍ୟ ସମ୍ପଦରେ ଭରପୁର ଥିବା ଓଡ଼ିଆ ଜାତି ସମସ୍ତ ପ୍ରାକୃତିକ ତଥା ମଣିଷକୃତ ବିପର୍ଯ୍ୟୟକୁ ଅତିକ୍ରମ କରି ଏକ ପ୍ରଗତିଶୀଳ, ରୁଚିସମ୍ପନ୍ନ ଉଦାର ଜାତି ଭାବରେ ବିଶ୍ୱ ଦରବାରରେ ପରିଚୟ ପାଇ ପାରିଛି । ଏହି ସମସ୍ତ ପ୍ରସଙ୍ଗ ଗୁଡ଼ିକ ଏଠାରେ ଆଲୋଚନା କରାଯାଇଛି ।

## ୩.୫ ଉଡ୍ର, ଓଡ, କଳିଙ୍ଗ, ଉତ୍କଳ

ଆଜିର ଓଡ଼ିଶା ରୂପେ ଯେଉଁ ପ୍ରଦେଶ ଦୃଷ୍ଟିଗୋଚର ହୁଏ, ଅତୀତରେ ତାହା ଓଡ୍ର, କଳିଙ୍ଗ, କୋଶଳ, ଉତ୍କଳ ଆଦି ନାମରେ ଅଭିହିତ ଥିଲା । ବିଭିନ୍ନ କାଳରେ ଭିନ୍ନ ଭିନ୍ନ ନରପତି ତଥା ରାଜବଂଶ ଏହାକୁ ଶାସନ କରି ଆସିଛନ୍ତି । ପ୍ରାଚୀନ ବୈଦିକ ସାହିତ୍ୟରେ କଳିଙ୍ଗର ନାମ ଉଲ୍ଲେଖ ନଥିଲେ ହେଁ, ପରବର୍ତ୍ତୀ ସମୟରେ ମହାଭାରତ, ବାୟୁପୁରାଣ, ବ୍ରହ୍ମପୁରାଣ ଆଦି ବହୁ ପୁରାଣ ତଥା ଜୈନ - ବୌଦ୍ଧ ସାହିତ୍ୟରେ କଳିଙ୍ଗ ସମ୍ପର୍କିତ ନାନାବିଧ ବିବରଣୀ ଦୃଷ୍ଟିଗୋଚର ହୋଇଥାଏ । ମହାଭାରତ ଗ୍ରନ୍ଥରେ କଳିଙ୍ଗର ଉତ୍ପତ୍ତି ସମ୍ପର୍କରେ କିଞ୍ଚିତ ଆଭାସ ମିଳିଥାଏ । ମହାଭାରତରେ ଉଲ୍ଲେଖ ଅଛି ଯେ; ଅତୀତରେ ପୂର୍ବଭାରତ ଖଣ୍ଡ ପ୍ରସିଦ୍ଧ ରାଜା ବଳୀଙ୍କର ଶାସନାଧୀନ ଥିଲା । ତାଙ୍କର ସୁଦେଷ୍ଣା ନାମ୍ନୀ ଜୈନିକ ରୂପବତୀ ତଥା ଗୁଣବତୀ ରାଣୀ ଥିଲେ । ରାଜା ବଳୀଙ୍କର ଶାସନାଧୀନ ଥିଲା । ତାଙ୍କର ସୁଦେଷ୍ଣ ନାମ୍ନୀ ଜୈନିକ ରୂପବତୀ ତଥା ଗୁଣବତୀ ରାଣୀଥିଲେ । ରାଜାବନ୍ଦୀଙ୍କର ଧନ - ଜନ-ଗୋପ-ଲକ୍ଷ୍ମୀ ଥାଇ ସୁଦ୍ଧା ତାଙ୍କର କୌଣସି ସନ୍ତାନ ସନ୍ତତି ନଥିଲା । ଘଟଣାକ୍ରମେ ଦୀର୍ଘତମା ନାମକ ଏକ ଋଷିଙ୍କ ପ୍ରଭାବରୁ ରାଣୀ ସୁଦେଷ୍ଣା ପାଞ୍ଚଗୋଟି ପୁତ୍ରର ଜନନୀ ହେଲେ । ସେମାନେ ଥିଲେ - ଅଙ୍ଗ, ବଙ୍ଗ, କଳିଙ୍ଗ, ପୌଣ୍ଡ୍ର ଓ ସୁହ୍ମ । ପରବର୍ତ୍ତୀ କାଳରେ ତାଙ୍କର ଉତ୍ତରାଧିକାରୀ ଭାବେ ଶାସନାଧୀନ ପୂର୍ବ ଭୂଖଣ୍ଡକୁ ତାଙ୍କ ପାଞ୍ଚପୁତ୍ରଙ୍କୁ ପ୍ରଦାନ କଲେ । ସେମାନେ ପିତୃ ପ୍ରଦତ୍ତ ରାଜ୍ୟକୁ ପରସ୍ପର ମଧ୍ୟରେ ବଣ୍ଟନ କରି ନିଜ ନାମାନୁସାରେ ଅଧିକୃତ ଭୂଖଣ୍ଡର ନାମକରଣ କଲେ । ତେଣୁ ରାଜାକଳିଙ୍ଗଙ୍କ ନାମାନୁସାରେ ଏହି ଭୂଖଣ୍ଡର ନାମ ହେଲା କଳିଙ୍ଗ । ଏତଦ୍ ବ୍ୟତୀତ ମହାଭାରତରେ ମଧ କଳିଙ୍ଗ ଭୂଖଣ୍ଡରେ ବୈତରଣୀ ନଦୀ ପ୍ରବାହିତ ହେଉଥିବା କଥା ଉଲ୍ଲେଖ ଅଛି । ମହାଭାରତର ବନପର୍ବର ୮୫ତମ ଅଧ୍ୟାୟରେ ଲୋମଶ ମୁନି ପାଣ୍ଡବ ମାନଙ୍କୁ କହିଛନ୍ତି :

"ଏକେ କଳିଙ୍ଗାଃ କୌନ୍ତେୟ, ତତ୍ର ବୈତରଣୀ ନଦୀଃ" ।

ଐତିହାସିକ ନବୀନ କୁମାର ସାହୁଙ୍କ ମତରେ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ମଗଧ ଅଧିପତି ମହାପଦ୍ମାନନ୍ଦ କଳିଙ୍ଗକୁ ଜୟକରି, ତାହାକୁ ନିଜ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ । ମତ୍ସ୍ୟପୁରାଣ, ବାୟୁପୁରାଣ, ବ୍ରହ୍ମାଣ୍ଡ ପୁରାଣ ଆଦିରେ ମଗଧ ସମ୍ରାଟ ମହାପଦ୍ମାନନ୍ଦଙ୍କର ରାଜ୍ୟଜୟ ସମ୍ପର୍କରେ ଉଲ୍ଲେଖ ଅଛି । ଯେତେବେଳେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ନନ୍ଦବଂଶର ଶେଷ ନରପତି ଧନାନନ୍ଦଙ୍କ ବିରୁଦ୍ଧରେ ଯୁଦ୍ଧଘୋଷଣା କଲେ, ଏହି ସନ୍ଧିକ୍ଷଣରେ କଳିଙ୍ଗ ରାଜ୍ୟ ମଗଧ ସାମ୍ରାଜ୍ୟଠାରୁ ଅଲଗା ହୋଇ ନିଜକୁ ସ୍ୱାଧୀନ ରାଜ୍ୟ ରୂପେ ଘୋଷଣା କଲା । ଖ୍ରୀଷ୍ଟପୂର୍ବ ୩୨୨ ରେ ଚନ୍ଦ୍ରଗୁପ୍ତ ମଗଧର ସିଂହାସନ ଆରୋହଣ କଲେ । ସେତେବେଳକୁ କଳିଙ୍ଗ ସାମ୍ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ଯାଏଁ

ବିସ୍ତୃତ ଲାଭକରି ଏକ ଶକ୍ତିଶାଳୀ ସାମ୍ରାଜ୍ୟ ରୂପେ ସଙ୍ଗଠିତ ହୋଇସାରିଛି । ପ୍ରବଳ ପ୍ରତାପୀ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଭାରତର ଉତ୍ତର-ପଶ୍ଚିମରେ ହିନ୍ଦୁକୁଶ ପର୍ବତଠାରୁ ଦକ୍ଷିଣରେ ମହୀଶୂର ପର୍ଯ୍ୟନ୍ତ ତାଙ୍କର ସାମ୍ରାଜ୍ୟ ବିସ୍ତୃତ କରିଥିଲେ ହେଁ, କଳିଙ୍ଗ ରାଜ୍ୟକୁ ଜୟକରିବାର ଦୁଃସାହସ କରିନଥିଲେ । ଚନ୍ଦ୍ରଗୁପ୍ତଙ୍କ ପୌତ୍ର ସମ୍ରାଟ ଅଶୋକ ଖ୍ରୀଷ୍ଟପୂର୍ବ ୨୬୧ ରେ କଳିଙ୍ଗ ଆକ୍ରମଣ କରି କଳିଙ୍ଗ ସାମ୍ରାଜ୍ୟକୁ ନିଜ ଶାସନାଧୀନ କଲେ ।

ପରବର୍ତ୍ତୀ ପର୍ଯ୍ୟାୟରେ, ଚେଦି ରାଜବଂଶ କଳିଙ୍ଗକୁ ମଗଧର ଅଧୀନତାରୁ ମୁକ୍ତକରି ତହିଁରେ ଏକ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କଲେ । ଖ୍ରୀ.ପୂ. ପ୍ରଥମ ଶତାବ୍ଦୀରେ ଚେଦି ବଂଶର ଶ୍ରେଷ୍ଠ ନରପତି ମହାମେଘବାହନ ଐରଖାରବେଳ ସ୍ୱପରାକ୍ରମେର କଳିଙ୍ଗକୁ ଭାରତବର୍ଷର ଅଦ୍ୱିତୀୟ ରାଷ୍ଟ୍ରରେ ପରିଣତ କରିପାରିଥିଲେ । ଧଉଳି ସ୍ଥିତ ହାତୀଗୁମ୍ଫା ଶିଳାଲେଖରେ ସମ୍ରାଟ ଐରଖାରବେଳଙ୍କ ୧୩ ବର୍ଷକାଳ ଶାସନ ସମ୍ପର୍କିତ ବିବରଣୀ ଦେଖିବାକୁ ମିଳିଥାଏ । ସମ୍ରାଟ ଖାରବେଳଙ୍କ ପରେ କଳିଙ୍ଗର ଧାରାବାହିକ ଇତିହାସର ବିବରଣୀ ଦୁଷ୍ପ୍ରାପ୍ୟ ଅଟେ । କାଳିଦାସଙ୍କ ରଘୁବଂଶମ୍ କାବ୍ୟରୁ ଜଣାପଡ଼େ ଯେ - ସେ କାଳରେ ଅର୍ଥାତ୍ ଖ୍ରୀଷ୍ଟାବ୍ଦ ପଞ୍ଚମ ଶତାବ୍ଦୀ ବେଳକୁ କଳିଙ୍ଗ ରାଜ୍ୟ ଦୁଇଭାଗରେ ବିଭକ୍ତ ହୋଇ କଳିଙ୍ଗ ଓ ଉତ୍କଳ ରୂପେ ବିଦିତ ହେଉଥିଲା । ପରବର୍ତ୍ତୀ ସମୟରେ ଶୈଳୋଦ୍ଭବ, ଭୌମକର, ସୋମବଂଶୀ ଓ ଗଙ୍ଗବଂଶୀ ଶାସକମାନେ ଉତ୍କଳକୁ ସେମାନଙ୍କର ଶାସନାଧୀନ କଲେ । ସେମାନଙ୍କ ରାଜତ୍ୱରେ ଉତ୍କଳର ଅଭୂତପୂର୍ବ ବିକାଶ ସାଧିତ ହୋଇପାରିଥିଲା । ଶୈବ, ଶାକ୍ତ, ବୌଦ୍ଧ ଓ ବୈଷ୍ଣବ ଧର୍ମାଦିର ପ୍ରଭୂତ ବିକାଶ ଏମାନଙ୍କ ଶାସନକାଳରେ ସମ୍ଭବ ହୋଇଥିଲା ।

ପଞ୍ଚଦଶ ଶତାବ୍ଦୀ ଓଡ଼ିଶା ପାଇଁ ଥିଲା, ସୁବର୍ଣ୍ଣ କାଳ । ସୂର୍ଯ୍ୟବଂଶର ପ୍ରତିଷ୍ଠାତା ନରପତି କପିଳେନ୍ଦ୍ର ଦେବଙ୍କ ଅଦମ୍ୟ ପରାକ୍ରମ ଫଳରେ ଉତ୍କଳର ସୀମାକୁ ଉତ୍ତରରେ ଗଙ୍ଗାନଦୀ ଠାରୁ ଦକ୍ଷିଣରେ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ କରିପାରିଥିଲେ । କପିଳେନ୍ଦ୍ର ଦେବଙ୍କ ପୌତ୍ର ପ୍ରତାପରୁଦ୍ର ଦେବ ଥିଲେ । ସୂର୍ଯ୍ୟବଂଶର ଶେଷନରପତି । ତାଙ୍କର ମୃତ୍ୟୁ ସହିତ ସୂର୍ଯ୍ୟବଂଶର ମଧ୍ୟ ପତନ ଘଟିଲା । ମୁକୁନ୍ଦଦେବ ଥିଲେ ଓଡ଼ିଶାର ଶେଷ ସ୍ୱାଧୀନ ହିନ୍ଦୁ ରାଜା । ସେ ବଙ୍ଗଳାର ଆଫ୍‌ଗାନୀ ଶାସକ ସୁଲେମାନ୍ କରାନୀଙ୍କ ଦ୍ୱାରା ୧୫୬୮ ଖ୍ରୀଷ୍ଟାବ୍ଦରେ ଯାଜପୁର ସ୍ଥିତ ଗୋହିରାଟିକିରା ଯୁଦ୍ଧରେ ମୃତ୍ୟୁବରଣ କଲେ । ସେହିଦିନଠାରୁ ଉତ୍କଳ ଆକାଶରେ ଘୋଟି ଆସିଲା ଅନ୍ଧକାର ବାଦଲର ଛାୟା । ଓଡ଼ିଶା ହରାଇବସିଲା ତା'ର ସ୍ୱାଧୀନତା । ଭାରତର ଶେଷ ହିନ୍ଦୁରାଜ୍ୟ ଭାବେ ଓଡ଼ିଶା ମୁସଲମାନଙ୍କ ଶାସନାଧୀନ ହେଲା ।

ମୋଗଲମାନେ ଓଡ଼ଶାକୁ ଶତାଧିକ ବର୍ଷଧରି ଶାସନ କରିଥିଲେ । ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ମୃତ୍ୟୁପରେ ବଙ୍ଗଳାର ନବାବମାନଙ୍କ ଦ୍ୱାରା ଓଡ଼ିଶା ପୁନଃ ଶାସିତ ହେଲା । ୧୭୪୧ ଖ୍ରୀଷ୍ଟାବ୍ଦ ମରହଟ୍ଟାମାନେ ବଙ୍ଗଳାର ନବାବ ଆଲିବର୍ଦ୍ଦି ଖାଁଙ୍କୁ ପରାସ୍ତ କରି ଓଡ଼ିଶା ଦଖଲ କଲେ । ପରବର୍ତ୍ତୀ ସମୟରେ ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ । ଉତ୍କଳ ଜନନୀର ଶରୀରକୁ ଖଣ୍ଡବିଖଣ୍ଡିତ କରି ବଙ୍ଗଳା, ମାଡ୍ରାସ ଓ କେନ୍ଦ୍ରୀୟ ରାଜ୍ୟ ମାନଙ୍କରେ ଓଡ଼ିଶାକୁ ମିଶାଇଦେଲେ । ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, କୃଷ୍ଣଚନ୍ଦ୍ର ଗଜପତି, ଶ୍ରୀରାମଚନ୍ଦ୍ର ଭଞ୍ଜ ଆଦି ଉତ୍କଳ ବରପୁତ୍ରଙ୍କ ଉଦ୍ୟମରେ ୧୯୩୬ ମସିହା ଏପ୍ରିଲ୍ ମାସ ୧ ତାରିଖ ଦିନ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଉତ୍କଳ ପୁନର୍ଜନ୍ମ ଲାଭକଲା ।

ଆଜିର ଓଡ଼ିଶାର ସଂସ୍କୃତି ଓ ପ୍ରଥା, ଧର୍ମଧାରା ଓ ପରମ୍ପରା, ଭାଷା ଓ ସାହିତ୍ୟ, କଳା ଓ ସ୍ଥାପତ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ବଣ୍ୟପ୍ରାଣୀଙ୍କ ଗନ୍ତାଘର ଭାବରେ ଭାରତର ଏକ ପ୍ରମୁଖ ରାଜ୍ୟଭାବେ ସୁବିଦିତ। କାରୁକାର୍ଯ୍ୟମୟ ମନ୍ଦିରମାନ, ଐତିହାସିକ କୀର୍ତ୍ତିରାଜି, ପର୍ଯ୍ୟାପ୍ତ ସବୁଜିମା, ମନୋରମ ବେଳାଭୂମି, ସର୍ପିଳ ନଦନଦୀ, ବିଶାଳ ଜଳପ୍ରପାତ, ପୂର୍ବଘାଟର ଅରଣ୍ୟାଚ୍ଛାଦିତ ନୀଳପର୍ବତ ଶ୍ରେଣୀ ଓ ଓ ବଣ୍ୟପ୍ରାଣୀ ଓଡ଼ିଶାକୁ ଏକ ଅବିସ୍ମରଣୀୟ ରାଜ୍ୟ ଭାବରେ ପ୍ରତିଷ୍ଠାଲାଭ କରିଛି। ଭାରତର ସମୁଦାୟ ଜନସଂଖ୍ୟାର ୩.୪୭ ପ୍ରତିଶତ ଲୋକେ ଓଡ଼ିଶାରେ ବସବାସ କରିଥାନ୍ତି। ଓଡ଼ିଶା ଭାରତର ପୂର୍ବଉପକୂଳେ ଅବସ୍ଥିତ ଏକ ତଟବର୍ତ୍ତୀ ରାଜ୍ୟ। ଏହାର ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ଛତିଶଗଡ଼, ଉତ୍ତରରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଏବଂ ଦକ୍ଷିଣରେ ଆନ୍ଧ୍ରପ୍ରଦେଶ ଅବସ୍ଥିତ। ଓଡ଼ିଶାର ଭୌଗୋଳିକ କ୍ଷେତ୍ରଫଳ ୧୫୫, ୭୦୭ ବର୍ଗକିଲୋମିଟର। ଏହା ୧୭°,୪୯° -୨୨°, ୩୪° ଉତ୍ତର ଅକ୍ଷାଂଶ ଓ ୮୧°,୨୭° - ୮୭°, ୨୯° ପୂର୍ବ ଦ୍ରାଘିମା ରେଖା ମଧ୍ୟରେ ଅବସ୍ଥିତ।

## ୩.୬ କଳା ଓ ସ୍ଥାପତ୍ୟ : ଗୁମ୍ଫା ଚିତ୍ର

ଏକ ଜାତିର ସର୍ଜନଶୀଳତାର ଶ୍ରେଷ୍ଠତମ ପରିପ୍ରକାଶ ହେଉଛି ତାହାର କଳା ଓ ସ୍ଥାପତ୍ୟ। ମଣିଷ ଆଦିମକାଳରୁ ଯାହା ଦେଖିଛି, ଯାହାଶୁଣିଛି ଓ ଯାହାକିଛି ଅନୁଭବ କରିଛି, ସେ ସମସ୍ତ ସ୍ମୃତି ଓ ଅନୁଭୂତିକୁ କାଳଗର୍ଭରେ ସାଇତି ରଖିବାପାଇଁ ବିଭିନ୍ନ ଉପାୟ ମାନ ଅବଲମ୍ବନ କରିଛି। ସଭ୍ୟତାର ଅଙ୍କୁରୋଦ୍‌ଗମ୍ କାଳରେ ମଣିଷ ଗୁମ୍ଫାରେ ବାସ କରୁଥିଲା। ସେ ତା'ର ଅବସର ବିନୋଦନ ପାଇଁ ସେହି ଗୁମ୍ଫାଗାତ୍ରରେ ଚିତ୍ର ଆଙ୍କିଛି। ଚିତ୍ର ମାଧ୍ୟମରେ ସେ ତାହାର ସୌନ୍ଦର୍ଯ୍ୟାନୁଭୂତିକୁ ପରିପ୍ରକାଶ କରିଛି। ମନୁଷ୍ୟ ଏକ କଳାପ୍ରବଣ ପ୍ରାଣୀ। ନିଜର ବୁଦ୍ଧି, ବିବେକ ଓ ସୌନ୍ଦର୍ଯ୍ୟ ଚେତନାକୁ ଏକତ୍ରିତ କରି ଆଗାମୀ ବଂଶଧର ପାଇଁ କାଳଖଣ୍ଡରେ ସାଇତି ଯାଇଛି ଅନେକ କିଛି। ଯାହାକୁ ପରପିଢ଼ି ନିରେଖି - ପରଖି ଦେଖିଛି। ପୂର୍ବଜଙ୍କ ସର୍ଜନାତ୍ମକ ଐତିହ୍ୟକୁ ଭଲପାଇଛି, ସ୍ନେହଦେଇଛି ଓ ଗର୍ବିତ ଅନୁଭବ କରିଛି।

**ଗୁମ୍ଫାଚିତ୍ର :** ଓଡ଼ିଶାର ଗୁମ୍ଫାଚିତ୍ର କଳାକୁ ପ୍ରଥମେ ଆବିଷ୍କାର କରିଥିଲେ କେ.ପି. ଜୟସ୍ୱାଲ୍। ସେ ଆବିଷ୍କାର କରିଥିବା ବିକ୍ରମଖୋଲ ଗୁମ୍ଫା ଝାରସୁଗୁଡ଼ାରେ ଅବସ୍ଥିତ। ପରେପରେ ପର୍ଯ୍ୟାୟକ୍ରମେ ଓଡ଼ିଶାର ଅନେକ ସ୍ଥାନରୁ ଗୁମ୍ଫାଚିତ୍ର ମାନ ଆବିଷ୍କୃତ ହୋଇ ଲୋକଲୋଚନକୁ ଆସିପାରିଅଛି। କଳାହାଣ୍ଡିର ଗୁଡ଼ହାଣ୍ଡି ଓ ଯୋଗୀମଠ, ଝାରସୁଗୁଡ଼ାର ଉଲଫଗଡ଼, ସୁନ୍ଦରଗଡ଼ର ଉଷାକୋଠି ଓ ମାଣିକମୋଡ଼ା, ମୟୂରଭଂଜର ପୋଖନାପଥର ତନ୍ମଧ୍ୟରୁ ଅନ୍ୟତମ।

**ବିକ୍ରମଖୋଲ ଗୁମ୍ଫାଚିତ୍ର :** ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ର ଅନତିଦୂରରେ ବିକ୍ରମଖୋଲ ଗୁମ୍ଫାରେ ୧୧X୨.୧୧ ମିଟର ପରିମିତ ପ୍ରସ୍ତର ଉପରେ ଚିତ୍ରଅଙ୍କନ ଦେଖିବାକୁ ମିଳେ। ଆବିଷ୍କାରକ ଜୟସ୍ୱାଲଙ୍କ ମତରେ; "ଅଙ୍କିତ ଚିତ୍ର କେତେକ ଅକ୍ଷର ପରି। ଏହା ଆଦିମ ଚିତ୍ରାକ୍ଷରର ଦୃଷ୍ଟାନ୍ତ। ଲେଖିବା ପ୍ରଣାଳୀ ଦକ୍ଷିଣରୁ ବାମଦିଗକୁ ଏବଂ ତାହା ବ୍ରାହ୍ମୀ ଅକ୍ଷରର ପୂର୍ବ ଅବସ୍ଥାକୁ ସୂଚୀତ କରେ। ଲିପିଗୁଡ଼ିକ କାଳକ୍ରମେ ନଷ୍ଟ ହୋଇ ଯାଇଥିବାରୁ ତହିଁର ପାଠ ଉଦ୍ଧାର ସମ୍ଭବ ନୁହେଁ।" ଗୁମ୍ଫା ପ୍ରସ୍ତରରେ ପଶୁଚିତ୍ର ସହ ବିନ୍ଦୁ, ପଦଚିହ୍ନ, ତ୍ରିଭୁଜ, ସର୍ପ ଆଦିଚିତ୍ର ଅଙ୍କିତ ହୋଇଅଛି।

**ଉଲଫଗଡ଼ ଗୁମ୍ଫାଚିତ୍ର :** ବେଲପାହାଡ଼ ନିକଟସ୍ଥ ଉଲଫଗଡ଼ ଓ ଉଷାକୋଠି ନାମକ ଦୁଇଟି ଗୁମ୍ଫାକୁ ଆଦିମାନବ ନିଜର ଆଶ୍ରୟସ୍ଥଳୀ ରୂପେ ବ୍ୟବହାର କରୁଥିଲା। ଗୁମ୍ଫାରେ ଉଭୟ ଅଙ୍କିତ ଓ ଖୋଦିତ ଚିତ୍ର ଦୃଷ୍ଟିଗୋଚର ହୋଇଥାଏ। ଅଙ୍କିତ ଚିତ୍ରରେ, ମୁଖ୍ୟତଃ ଶ୍ୱେତ, ଲୋହିତ ଓ ହଳଦିଆ ରଙ୍ଗ ବ୍ୟବହୃତ। ଚିତ୍ରଗୁଡ଼ିକରେ ଅଙ୍କବଙ୍କା ଧାଡ଼ି, ଲତା, ତ୍ରିଭୂଜ, ମହୁଫେଣା, ଶିଢ଼ି, ଚକ, ମାଳ ଇତ୍ୟାଦି ଚିତ୍ର କୀର୍ତ୍ତିତ।

**ଗୁଡ଼ହାଣ୍ଡି :** କଳାହାଣ୍ଡି ଜିଲ୍ଲାର ଲୋକସର ନାମକ ସ୍ଥାନରେ ଗୁଡ଼ହାଣ୍ଡି ଅବସ୍ଥିତ। ଏଥିରେ ଅଙ୍କିତ ଚିତ୍ରଗୁଡ଼ିକ କ୍ଷତବିକ୍ଷତ। ଅଙ୍କିତ ଚିତ୍ରରେ ମୁଖ୍ୟତଃ ନୀଳ, ଲୋହିତ ଏବଂ କଳାରଙ୍ଗ ବ୍ୟବହାର ହୋଇଛି। ଗୋଟିଏ ମଣିଷ ଚିତ୍ର ମଧ୍ୟ ଲାଲ୍ ରଙ୍ଗରେ ଅଙ୍କିତ। ଅନେକ ଗୁଡ଼ିଏ ଜ୍ୟାମିତିକ ଚିତ୍ର, ଗୋଲାକାର ଚକ ଏବଂ ଅଶ୍ୱଖୁରାର ଚିତ୍ର ମଧ୍ୟ ଦେଖିବାକୁ ମିଳିଥାଏ।

**ପଖନାପଥର :** ମୟୂରଭଂଜ ଜିଲ୍ଲା ରାଇରଙ୍ଗ ନିକଟସ୍ଥ ଜାମଦା ଗ୍ରାମରେ ଏହା ଅବସ୍ଥିତ। ସେଠାରେ ତିନୋଟି ଗୁମ୍ଫା ରହିଅଛି। ଏବଂ ପ୍ରତ୍ୟେକଟି ଗୁମ୍ଫାରେ ଶିଳାଚିତ୍ର କୀର୍ତ୍ତିତ। ସେହିସବୁ ଚିତ୍ରମାନଙ୍କରେ ଲୋହିତ ରଙ୍ଗର ବିଶେଷ ବ୍ୟବହୃତ ହୋଇଅଛି। ପ୍ରାୟ ସାତମିଟର ଉଚ୍ଚତା ବିଶିଷ୍ଟ '୯' ଆକୃତି ଚିତ୍ର ଅଙ୍କିତ ହୋଇଅଛି। ତାହା ସହ ଗୋଧି, ସର୍ପ, ଗୋଲାକୃତି ଚିତ୍ର, ଅର୍ଦ୍ଧବୃତ୍ତାକାର, ଅର୍ଦ୍ଧଚନ୍ଦ୍ର ଆଦି ଚିତ୍ର ସବୁ ଅଙ୍କିତ।

**ମାଣିକ ମୋଡ଼ା :** ଝାରସୁଗୁଡ଼ା ଜିଲ୍ଲାର ହିମଗିରି ତହସିଲରେ ମାଣିକମୋଡ଼ା ଗୁମ୍ଫା ଅବସ୍ଥିତ। ନାଲି ଓ ଗେରୁଆ ରଙ୍ଗରେ ଅଙ୍କିତ ହୋଇଥିବା ମୃଗଶିଙ୍ଗା, ବୃଷଭ, ଜ୍ୟାମିତିକ ଚିତ୍ର, ନକ୍ସା, ଖଣ୍ଡା, ବାଦ୍ୟଯନ୍ତ୍ର ଏବଂ ମଣିଷର ଚିତ୍ର ସ୍ପଷ୍ଟରୂପେ ଦୃଷ୍ଟିଗୋଚର ହୋଇଥାଏ। କେତେକ ସମବେତ ନୃତ୍ୟ ର ଦୃଶ୍ୟ ମଧ୍ୟ ଅଙ୍କିତ ହୋଇଅଛି।

**ଉଷାକୋଠି :** ସୁନ୍ଦରଗଡ଼ ଜିଲ୍ଲାର ଜାମକାଣିର ଅରଣ୍ୟ ଭିତରେ ଉଷାକୋଠି ଗୁମ୍ଫା ଅବସ୍ଥିତ। ଏଠାରେ ପ୍ରାୟ ଦୁଇଶହ ଚିତ୍ର ପ୍ରାଗ୍ ଐତିହାସିକ କାଳର। ଲାଲ୍, ଧଳା, ହଳଦିଆ ଆଦି ରଙ୍ଗରେ ବହୁ ଜ୍ୟାମିତିକ ଓ ଅଣଜ୍ୟାମିତିକ ନକ୍ସାମାନ ଅଙ୍କିତ ହୋଇଅଛି। ମାଛ, କରତ, ମାଛକଣ୍ଟା, ହୃଦୟ, ମହୁଫେଣା, ହାତପାପୁଲି, ଝାଡୁଚିତ୍ର ଆଦି ଚିତ୍ରମାନ ଅଙ୍କିତ ହୋଇଅଛି।

ଓଡ଼ିଶାର ଆହୁରି ଅନେକ ସ୍ଥାନରେ ମଧ୍ୟ ଅନେକ ଗୁମ୍ଫାଚିତ୍ରର ସନ୍ଧାନ ମିଳିଅଛି। ସମ୍ବଲପୁର ଜିଲ୍ଲାରେ ଅନ୍ୟୂନ୍ୟ କୋଡ଼ିଏ ଗୋଟି ସ୍ଥାନରୁ ଶିଳାଚିତ୍ର ଆଦିର ସନ୍ଧାନ ମିଳିଅଛି। ସେହିପରି ଯୋଗିମାରା, ଟୋଙ୍ଗୋ, ଲେଖାମୋଡ଼ା, ରାଜବାହାଲ ଉଷାକୋଠି ଆଦି ବହୁସ୍ଥାନରେ ଅଙ୍କିତ ଚିତ୍ରାକୃତି ବେଶ୍ ଦର୍ଶନୀୟ।

## ୩.୭ ମନ୍ଦିରକଳା ଓ ଅନ୍ୟାନ୍ୟ କଳା

ଓଡ଼ିଶାରେ ଅଶୋକଙ୍କ ଦ୍ୱାରା ନିର୍ମିତ ଶିଳାଲେଖ ସହିତ ଏକ ହାତୀ ମୂର୍ତ୍ତିକୁ ଐତିହାସିକ କାଳର ସର୍ବପ୍ରାଚୀନ ନିଦର୍ଶନ ରୂପେ ଗ୍ରହଣ କରାଯାଏ। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଚେଦି ସମ୍ରାଟ ଖାରବେଳଙ୍କ ରାଜତ୍ୱ କାଳରେ ଖଣ୍ଡଗିରି ଓ ଉଦୟଗିରିରେ ସ୍ଥିତ ଅନେକ ଜୈନଗୁମ୍ଫା ଓ ଶିଳାଲେଖର ସ୍ଥାପତ୍ୟ ଶୈଳୀ ବେଶ୍ ଉଚ୍ଚକୋଟୀର। ପରବର୍ତ୍ତୀ ସମୟରେ ଭୌମକର, ସୋମବଂଶୀ ଓ ଗଙ୍ଗବଂଶୀ ପ୍ରମୁଖ ଶାସନ କର୍ତ୍ତାମାନେ ଓଡ଼ିଶା ପ୍ରଦେଶରେ ଅନେକ ସ୍ଥାପତ୍ୟମାନ ନିର୍ମାଣ କରାଇଥିଲେ। ଏମାନଙ୍କ ସମୟରେ ଓଡ଼ିଶାର ଭାସ୍କର୍ଯ୍ୟ ସମୃଦ୍ଧିର ଶୀର୍ଷସ୍ଥାନ

ଅଳଙ୍କୃତ କରିଥିଲା । ଗୁପ୍ତଯୁଗର ପରବର୍ତ୍ତୀ କାଳରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର କଳାସଂସ୍କୃତିର ଅବିଚ୍ଛିନ୍ନ ପ୍ରବାହ ପରିଲକ୍ଷିତ ହୁଏ । ଏହାର ପ୍ରମୁଖ କାରଣ ମନ୍ଦିର ସ୍ଥାପତ୍ୟର କ୍ରମବିକାଶ ଓ ନିରନ୍ତର ଅଭିବୃଦ୍ଧି ।

ଅଷ୍ଟମ ଶତାବ୍ଦୀରୁ ପ୍ରାୟ ଦୁଇଶହ ବର୍ଷଧରି ଭୌମକରମାନେ ଓଡ଼ିଶାର ସମଗ୍ର ଉପକୂଳ ଅଞ୍ଚଳକୁ ନିଜର ଶାସନାଧୀନ କରିଥିଲେ । ଭୌମ ଶାସକମାନେ ମୁଖ୍ୟତଃ ବୌଦ୍ଧଥିଲେ ହେଁ ସେମାନେ ବ୍ରାହ୍ମଣ୍ୟ ଧର୍ମର ବିରୋଧୀ ନଥିଲେ, ପରନ୍ତୁ ସେମାନେ ହିନ୍ଦୁ ଦେବଦେବୀଙ୍କ ମନ୍ଦିର ମଧ୍ୟ ନିର୍ମାଣ କରାଇଛନ୍ତି । ଭୌମକରମାନଙ୍କର ରାଜଧାନୀଥିଲା ଗୁହେଶ୍ୱର ପାଟକ । ଯାହା ଆଜିର ଯାଜପୁର ସହର । ସେମାନେ ଲଳିତଗିରି, ରତ୍ନଗିରି, ଉଦୟଗିରି ତଥା ଅନେକ ଶୈବମନ୍ଦିର ମଧ୍ୟ ନିର୍ମାଣ କରାଇଛନ୍ତି ।

ସୋମବଂଶୀମାନେ ପ୍ରଥମେ ଦକ୍ଷିଣକୋଶଳ ଉପରେ ରାଜତ୍ୱ କରୁଥିଲେ । ଖ୍ରୀଷ୍ଟାବ୍ଦ ଦଶମଶତାବ୍ଦୀରେ ସେମାନେ ଉତ୍କଳ ଅଧିକାର କଲେ । ସୋମବଂଶୀ ରାଜାମାନେ ଥିଲେ କଳାପ୍ରେମୀ । ତେଣୁ ସେମାନଙ୍କ ଶାସନକାଳରେ ଉତ୍କଳର ସ୍ଥାପତ୍ୟକଳା ଶ୍ରେଷ୍ଠତ୍ୱ ଲାଭ କରିଥିଲା । ଯାଜପୁର ଓ ଭୁବନେଶ୍ୱରରେ ସୋମବଂଶୀ ମାନଙ୍କର ଅନେକ କୀର୍ତ୍ତି ଆଜିବି ଉଜ୍ଜିବୀତ ଅଛି । ଭୁବନେଶ୍ୱରସ୍ଥିତ ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର ଓ ଲିଙ୍ଗରାଜ ମନ୍ଦିର ପ୍ରଭୃତି ବିଶ୍ୱବିଦିତ ସ୍ଥାପତ୍ୟ ସୋମବଂଶୀମାନଙ୍କ କାଳର ମୂକସାକ୍ଷୀ । ବହୁ ପ୍ରାଚୀନ କାଳରୁ ଓଡ଼ିଶାରେ ମନ୍ଦିର ସ୍ଥାପତ୍ୟର ପରମ୍ପରା ସୃଷ୍ଟି ହୋଇଛି । ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଏକାଦଶ ଶତାବ୍ଦୀ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଦ୍ୱାଦଶ ଶତାବ୍ଦୀ ଓ କୋଣାର୍କ ମନ୍ଦିର ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ହୋଇଥିବା ଜଣାଯାଇଥାଏ ।

ଓଡ଼ିଶାରେ ମନ୍ଦିର କଳାର କାରୁକାର୍ଯ୍ୟ ସମଗ୍ର ଭାରତବର୍ଷରେ ପ୍ରସିଦ୍ଧି ଲାଭ କରିଛି । ଗ୍ରାମାଞ୍ଚଳରୁ ସହର ପର୍ଯ୍ୟନ୍ତ ସମଗ୍ର ଓଡ଼ିଶା ମନ୍ଦିରମାଳିନୀ । ଏହି ମନ୍ଦିର ନିର୍ମାଣ ନିମିତ୍ତ ବହୁ ଶାସ୍ତ୍ର ତାଳପତ୍ର ପୋଥିରେ ରଚିତ ହୋଇଛି । ଏହି ପୋଥି ଗୁଡ଼ିକୁ ଶିଳ୍ପଶାସ୍ତ୍ର କୁହାଯାଏ । ଏହି ଶାସ୍ତ୍ର ଗୁଡ଼ିକରେ ମନ୍ଦିର ନିର୍ମାଣ ପଦ୍ଧତିର ସବିଶେଷ ତଥ୍ୟ ରହିଛି । ଏହା ଓଡ଼ିଆ ଜାତିର ନିଜସ୍ୱ ଜ୍ଞାନ ସମ୍ପଦ । ବୃତ୍ତିଗତ ଅଭିଜ୍ଞତା ଶାସ୍ତ୍ରକୁ ପରିବର୍ତ୍ତିତ ହୋଇଛି । ମନ୍ଦିର ନିର୍ମାଣର ଅଭିଜ୍ଞତା ଶାସ୍ତ୍ରକାରମାନଙ୍କ ଦ୍ୱାରା ଶିଳ୍ପଶାସ୍ତ୍ରର ମାନ୍ୟତା ପାଇଛି । ଏହାବ୍ୟତୀତ ମନ୍ଦିର ଗାତ୍ରରେ ବିଭିନ୍ନ ଦେବଦେବୀ ତଥା ପୌରାଣିକ ଉପାଖ୍ୟାନର ଚିତ୍ର, ଓଡ଼ିଆଙ୍କ କଳାପ୍ରବଣ ମାନସିକତାକୁ ପ୍ରକାଶ କରିବାରେ ସମର୍ଥ ହୋଇଥାଏ । ପୌରାଣିକ ଉପାଖ୍ୟାନ ବ୍ୟତୀତ ଐତିହାସିକ ଉପାଖ୍ୟାନ ମଧ୍ୟ ମନ୍ଦିର ଗାତ୍ରରେ ଅଙ୍କିତ ହୋଇଥିବାର ଦେଖାଯାଏ । ଜଗନ୍ନାଥ ମନ୍ଦିରର ଜଗମୋହନରେ କାଞ୍ଚିବିଜୟର ଚିତ୍ର ଖୋଦିତ ହୋଇଥିବା ସମୟରେ ଲକ୍ଷ୍ମୀ ମନ୍ଦିରରେ ବୁଦ୍ଧ ବିଜୟର ଚିତ୍ର ଅଙ୍କିତ ହୋଇଥିବା ଦେଖିବାକୁ ମିଳିଥାଏ । ଜଗନ୍ନାଥ ମନ୍ଦିର ପରିସର ଦଶାବତାର, ଅନନ୍ତ ଶୟନ ଓ ବିଷ୍ଣୁଙ୍କ ପଦ୍ମପତ୍ର ଶୟନ ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ । ଗଞ୍ଜାମ ଜିଲ୍ଲାର ଜୟନ୍ତଗଡ଼ସ୍ଥିତ ବାସୁଦେବ ମନ୍ଦିର, ବୁଗୁଡ଼ାସ୍ଥିତ ବିରଞ୍ଚିନାରାୟଣ ମନ୍ଦିର, ଭୁବନେଶ୍ୱରସ୍ଥିତ ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ମେଘେଶ୍ୱର ମନ୍ଦିର, କୋଣାର୍କସ୍ଥିତ କୋଣାର୍କ ମନ୍ଦିର ଧରାକୋଟରେ ଥିବା ଜଗନ୍ନାଥ ମନ୍ଦିର, ଓଡ଼ଗାଁର ରଘୁନାଥ ମନ୍ଦିର, ଖିଚିଙ୍ଗସ୍ଥିତ କିଚକେଶ୍ୱରୀ ମନ୍ଦିର ଆଦିର ଚିତ୍ରକଳା ଓଡ଼ିଆ ସଂସ୍କୃତିର ପରିଚୟ ପ୍ରଦାନ କରିଥାଏ । ମନ୍ଦିର ନିର୍ମାଣ ସମ୍ପର୍କରେ ଯେଉଁ ଗ୍ରନ୍ଥ ଗୁଡ଼ିକ ଓଡ଼ିଶାରେ ରଚିତ ହୋଇଛି ସେଥିମଧ୍ୟରୁ ଭୁବନପ୍ରଦୀପ, ଭୂବନପ୍ରେବେଶ, ଶିଳ୍ପୀପୋଥି, ଶିଳ୍ପଶାସ୍ତ୍ର, ବାସ୍ତୁ ସୂତ୍ର ଉପନିଷଦ, ଶିଳ୍ପ ରତ୍ନବୋଷ, ଶିଳ୍ପପ୍ରକାଶ ଆଦି ପ୍ରଧାନ ।

ଏହି ଗ୍ରନ୍ଥ ଗୁଡ଼ିକରେ ପ୍ରାୟତଃ ତିନୋଟି ମନ୍ଦିର ନିର୍ମାଣ ଶୈଳୀ ସମ୍ପର୍କରେ ବର୍ଣ୍ଣନା କରାଯାଇଛି, ସେଗୁଡ଼ିକ ହେଲା ରେଖଶୈଳୀ, ପୀଢ଼ିଶୈଳୀ ଓ କଖାର ଶୈଳୀ। କଖାର ଶୈଳୀ କେବଳ ଶକ୍ତିପୀଠ ଗୁଡ଼ିକରେ ନିର୍ମିତ ମନ୍ଦିରରେ ବ୍ୟବହୃତ ହୋଇଥାଏ।

ମନ୍ଦିରର କାରୁକାର୍ଯ୍ୟ ବ୍ୟତୀତ ପଥର ମୂର୍ତ୍ତି, ମୂର୍ତ୍ତିକାରେ ବିଭିନ୍ନ ସାମଗ୍ରୀ, ତାରକସୀ କାମ, ଧାତୁ ନିର୍ମିତ ମୂର୍ତ୍ତି, ଚିତ୍ର, ପୋଥି ଚିତ୍ର, ବୟନ ଶିଳ୍ପ, ଶିଂଘ କାରୁକାର୍ଯ୍ୟ, ବେତ ନିର୍ମିତ ଆସବାବର ଚିତ୍ର, ଚାନ୍ଦୁଆ, ପଟ୍ଟଚିତ୍ର, କାଷ୍ଠ ଖୋଦେଇ କଳା, କାନ୍ଥ ଚିତ୍ର ଓ ଜନଜାତିର ଦୈନନ୍ଦିନ ବ୍ୟବହୃତ ସାମଗ୍ରୀରେ ଉତ୍କୀର୍ଣ୍ଣ କାରୁକାର୍ଯ୍ୟ ଓଡ଼ିଆମାନଙ୍କ କଳାଦୃଷ୍ଟି ଓ ନାନ୍ଦନିକ ପରମ୍ପରା ତଥା ଐତିହ୍ୟକୁ ପ୍ରଦର୍ଶିତ କରିଥାଏ। ଓଡ଼ିଶାର ରୂପା ଓ ତାରକସୀ କାରୁକାର୍ଯ୍ୟ ବିଦେଶକୁ ନିଆଯାଉଥିଲା। ଅଳଙ୍କାର ଓ ଦେବ ବିଗ୍ରହ ନିର୍ମିତ ରୂପା ତାରକସୀର ଚାହିଦା ବିଦେଶରେ ଅଧିକ ଥିଲା। ସେହିପରି କଂସା ଓ ପିତ୍ତଳ ନିର୍ମିତ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀରେ ମଧ୍ୟ କାରୁକାର୍ଯ୍ୟ ଦେଖିବାକୁ ମିଳିଥାଏ। ଚାନ୍ଦୁଆ ଓ ପଟ୍ଟଚିତ୍ର ନିର୍ମାଣରେ ମଧ୍ୟ ଓଡ଼ିଆ ଜାତିର କଳାପ୍ରବଣତା ଦେଖିବାକୁ ମିଳେ। ଚାନ୍ଦୁଆର ଚାହିଦା ଦେଶରେ ବିଶେଷ ପରିମାଣରେ ଥିବା ସମୟରେ ପଟ୍ଟଚିତ୍ରର ଉଭୟ ଦେଶ ବିଦେଶରେ ଚାହିଦା ରହିଛି। ସେହିପରି ବୟନଶିଳ୍ପ ମଧ୍ୟରେ ଅନେକ ସର୍ଜନଶୀଳ କାରୁକାର୍ଯ୍ୟ ଦେଖିବାକୁ ମିଳିଥାଏ। ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ଏପରିକି ଜନଜାତି ସମାଜରେ ଏହି ବୟନଶିଳ୍ପର ପ୍ରସାର ଦେଖିବାକୁ ମିଳେ। ମୟୂରଭଞ୍ଜରୁ ନବରଙ୍ଗପୁର ଏବଂ ସୋନପୁରରୁ ଗଞ୍ଜାମ ପର୍ଯ୍ୟନ୍ତ ବୟନଶିଳ୍ପର ଉତ୍କର୍ଷତା ପରିବ୍ୟାପ୍ତ। ସମ୍ପୂର୍ଣ୍ଣ ଦେଶୀୟ ଜ୍ଞାନକୌଶଳ ଓ ପାରମ୍ପରିକ ଚିତ୍ରକଳାକୁ ନେଇ ଏହି ବୟନକଳା ସମୃଦ୍ଧ। ଖଣ୍ଡୁଆପାଟ, ବରହମ୍ପୁରୀ ପାଟ, ହାତବୁଣା ବିଛଣା ଚାଦର, ଗାମୁଛା, ଲୁଙ୍ଗି, ପରଦା ଆଦି ବିଭିନ୍ନ ବୟନ ସାମଗ୍ରୀ ଦେଶୀୟ ଓ ଆନ୍ତର୍ଜାତୀୟ ବଜାରରେ ଚାହିଦା ଥିବାର ଦେଖିବାକୁ ମିଳିଥାଏ। ଗ୍ରାମୀଣ ନିରକ୍ଷର ବୁଣାକାରର ସର୍ଜନ ଓ ବୟନ କ୍ଷମତାର ପାରଦର୍ଶିତାକୁ ନେଇ ଏହି ଶିଳ୍ପ ଆଦ୍ୟାପି ବଜାରରେ ସଫଳ ହୋଇପାରିଛି। ଅତ୍ୟାଧୁନିକ ଜ୍ଞାନ କୌଶଳ ଏବେ ଓଡ଼ିଶାର ବୟନ ଶିଳ୍ପକୁ ନୂତନ ସମ୍ଭାବନା ପ୍ରଦାନ କରିଛି।

ଓଡ଼ିଶାର ପୁରୀ ସହର ନିକଟସ୍ଥ ରଘୁରାଜପୁର ଓ ଦାଣ୍ଡସାହି ପଟ୍ଟଚିତ୍ର ନିମିତ୍ତ ପ୍ରସିଦ୍ଧ। ପାରମ୍ପରିକ ଜ୍ଞାନକୌଶଳ ଦ୍ୱାରା ସ୍ୱତନ୍ତ୍ର ପଟ୍ଟ (କପଡ଼ା) ରେ ଚିତ୍ରିତ ଏହି ଚିତ୍ରକଳା ଅତ୍ୟନ୍ତ ମନଲୋଭା ହୋଇଥାଏ। ପଟ୍ଟଚିତ୍ର ସହିତ ଶ୍ରୀଜଗନ୍ନାଥ ସଂସ୍କୃତିର ଗଭୀର ସମ୍ପର୍କ ରହିଛି। ସ୍ନାନ ପୂର୍ଣ୍ଣିମା ପରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଅନବସର ସମୟରେ ନିଭୃତ କକ୍ଷରେ ବିଶ୍ରାମ ନେଇଥାନ୍ତି। ଏହି ସମୟରେ ମନ୍ଦିର ଚିତ୍ରକରଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବରେ ନିର୍ମିତ ପଟ୍ଟଚିତ୍ରରେ ଅଙ୍କିତ ତିନିଠାକୁରଙ୍କୁ ମନ୍ଦିର ଗର୍ଭଗୃହରେ ଟଙ୍ଗାଇ ଦିଆଯାଇଥାଏ। ଭକ୍ତମାନେ ଗର୍ଭଗୃହରେ ଏହି ପଟ୍ଟଚିତ୍ରରେ ଅଙ୍କିତ ତିନିଠାକୁରଙ୍କୁ ମନ୍ଦିର ଭିତରେ ଦର୍ଶନ କରିଥାନ୍ତି। ଏହି ପଟ୍ଟଚିତ୍ରରେ ଅଙ୍କିତ ତିନି ଠାକୁରଙ୍କୁ ଦର୍ଶନ କରିଥାନ୍ତି। ଏହି ପଟ୍ଟଚିତ୍ରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବ୍ୟତୀତ ବିଭିନ୍ନ ଦେବ ଦେବୀ ଓ ପୌରାଣିକ କାହାଣୀ ଅଙ୍କିତ ହୋଇଥାଏ। ସେହିପରି ପିପିଲି ନିର୍ମିତ ଚାନ୍ଦୁଆ ସମଗ୍ର ଭାରତବର୍ଷରେ ପ୍ରସିଦ୍ଧ। ବିଭିନ୍ନ ଦେବାଳୟ ତଥା ପର୍ବପର୍ବାଣିରେ ମଙ୍ଗଳ କାର୍ଯ୍ୟରେ ଏହି ଚାନ୍ଦୁଆ ବ୍ୟବହୃତ ହୋଇଥାଏ। ଓଡ଼ିଶାର ଶିଙ୍ଗ କାର୍ଯ୍ୟ ମଧ୍ୟ ଦେଶ ବିଦେଶରେ ପ୍ରସିଦ୍ଧି ଲାଭ କରିଛି। ବିଭିନ୍ନ ସୌଖିନ ଦ୍ରବ୍ୟ ସହ ନିତ୍ୟ

ବ୍ୟବହାର୍ଯ୍ୟ ବସ୍ତୁ ମଧ୍ୟ ଶିଙ୍ଗ ଦ୍ୱାରା ନିର୍ମିତ ହୋଇଥାଏ। ପ୍ରାଚୀନ କାଳରେ ହାତୀଦାନ୍ତ ନିର୍ମିତ ଗୃହ ଉପକରଣ ନିର୍ମାଣ ମଧ୍ୟରେ ଓଡ଼ିଶାର କାରିଗରଙ୍କ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିବାକୁ ମିଳିଥାଏ। ସେହିପରି ପଥରମୂର୍ତ୍ତି ନିର୍ମାଣ ଓ କାଠ ଖୋଦେଇ ମୂର୍ତ୍ତି ନିର୍ମାଣ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଲୋକକଳା। ବିଶେଷତଃ ପଥର ଦ୍ୱାରା ନିର୍ମିତ ଦେବଦେବୀଙ୍କ ମୂର୍ତ୍ତିର ବଜାର ଚାହିଦା ରହିଛି। ପ୍ରାଚୀନ କାଳରୁ ଏହି ମୂର୍ତ୍ତି ନିର୍ମାଣ ପରମ୍ପରା ଅଦ୍ୟାପି ଜୀବିତ ରହିଛି। ବିଭିନ୍ନ ପର୍ବପର୍ବାଣିର ଝୋଟି, ଚିତା, ମୁରୁଜ, ଅଲପନା ଆଦି ମଧ୍ୟରେ ନାରୀମାନଙ୍କ ସର୍ଜନଶୀଳତାର ପରିପ୍ରକାଶ ଘଟେ। ବୟନଶିଳ୍ପ, ଶିଙ୍ଗକର୍ମ, ଚାନ୍ଦୁଆ ଓ ପଟ୍ଟଚିତ୍ର ନିର୍ମାଣ ଆଦି ବିଭିନ୍ନ ସର୍ଜନଶୀଳ କାର୍ଯ୍ୟରେ ଓଡ଼ିଶାର ରମଣୀମାନଙ୍କ ଏହି ସମସ୍ତ ସର୍ଜନଶୀଳ ପରମ୍ପରାକୁ ଅଧ୍ୟୟନ କଲେ, ଓଡ଼ିଆମାନେ ଯେ ଏକ କଳାକୁଶଳୀ ଜାତି ତାହା ପ୍ରମାଣିତ ହୋଇଥାଏ।

## ୩.୮ ଓଡ଼ିଶାର ଧର୍ମଧାରା ଓ କଳା ସ୍ଥାପତ୍ୟ

ଓଡ଼ିଶା ଏକ ଐତିହ୍ୟମୟ ପ୍ରଦେଶ। ପ୍ରାଗ୍ ଐତିହାସିକ ସମୟରୁ ଏଠାରେ ମାନବ ସଭ୍ୟତାର ବିକାଶ ଘଟିଛି। ଗୋଟିଏ ପାର୍ଶ୍ୱରେ ଉପକୂଳବର୍ତ୍ତୀ ସମତଳ ଉର୍ବର ଅଞ୍ଚଳ ଏବଂ ଅନ୍ୟ ପାର୍ଶ୍ୱରେ ଘନ ବନାନୀ ଓ ଦୁର୍ଭେଦ୍ୟ ପାହାଡ଼ ଏବଂ ଚିରସ୍ରୋତା ଝରଣା ମାନବ ସଭ୍ୟତାର ବିକାଶରେ ସହାୟକ ହୋଇଛି। ଅଷ୍ଟ୍ରିକ୍ ,ଦ୍ରାବିଡ଼ ଓ ଆର୍ଯ୍ୟ ସଭ୍ୟତାର ମିଳନ ଘଟି ଓଡ଼ିଶାର ସଂସ୍କୃତି ବା ଓଡ଼ିଆ ସଂସ୍କୃତି ହୋଇଛି ମହାନ୍। ଆର୍ଯ୍ୟ ଓ ଅଣଆର୍ଯ୍ୟ ସଂସ୍କୃତିର ମିଳନ ଓଡ଼ିଆ ସଂସ୍କୃତି। ଧର୍ମଧାରା, ଦୈନନ୍ଦିନ ଜୀବନଯାପନ ପ୍ରଣାଳୀ, ପର୍ବପର୍ବାଣି, ଯାନିଯାତ୍ରା, ଖାଦ୍ୟପେୟ, ପୋଷାକ ପରିଚ୍ଛେଦ, ଦେବାଳୟ, ତୀର୍ଥକ୍ଷେତ୍ର ସବୁ କ୍ଷେତ୍ରରେ ଅଣଆର୍ଯ୍ୟ ଓ ଆର୍ଯ୍ୟ ସଂସ୍କୃତିର ସମନ୍ୱୟ ଦେଖିବାକୁ ମିଳିଥାଏ।

ସର୍ବପ୍ରାଚୀନ ଧର୍ମଧାରା ଜୈନଧର୍ମର ବିସ୍ତାର ଓ ପ୍ରଭାବ ପ୍ରାଚୀନ ଓଡ଼ିଶାରେ ଦେଖିବାକୁ ମିଳିଥାଏ। ଏହାର ସ୍ଥାପତ୍ୟ ଏପର୍ଯ୍ୟନ୍ତ ସୁରକ୍ଷିତ ରହି ଏହାର ଐତିହ୍ୟ ଗାନ କରିଥାଏ। ଉଦୟଗିରି, ଖଣ୍ଡଗିରି, ଆନନ୍ଦପୁର, ପୋଡ଼ାସିଙ୍ଗି, ଚରମ୍ପା, ଜଳେଶ୍ୱର, ପ୍ରତାପନଗରୀ, ଚୌଦ୍ୱାର ଓ ନନ୍ଦପୁର ଆଦି ସ୍ଥାନରେ ଜୈନଗୁମ୍ଫାମାନ ଦେଖିବାକୁ ମିଳିଥାଏ। ତେଇଶତମ ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ପୂଜନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ। ଖ୍ରୀ.ପୂ. ଅଷ୍ଟମ ଶତାବ୍ଦୀରୁ ଏହି ଧର୍ମଧାରା ଓଡ଼ିଶାର ଜନଜୀବନର ଗଭୀର ପ୍ରଭାବ ପକାଇଅଛି। ହରିବଂଶ ପୁରାଣରେ ମହାବୀର କଳିଙ୍ଗରେ ଜୈନଧର୍ମର ପ୍ରସାର କରାଇଥିବା ଉଲ୍ଲେଖ ରହିଛି। ହରିଭଦ୍ରୀୟ ବୃତ୍ତ ନାମକ ଜୈନ ଗ୍ରନ୍ଥରେ କଳିଙ୍ଗର ରାଜଧାନୀ ତୋଷାଳୀ ଜୈନଧର୍ମର କେନ୍ଦ୍ର ଭାବରେ ଉଲ୍ଲେଖ ରହିଛି।

ଜୈନଧର୍ମ ପରି ଓଡ଼ିଶାରେ ବୌଦ୍ଧଧର୍ମର ମଧ୍ୟ ବିକାଶ ଘଟିଥିଲା। ପାଲି ଭାଷାରେ ରଚିତ ହୋଇଥିବା 'ମଜ୍‌ଝିମ୍ ନିକାୟ' ଓ 'ମହାବଗ୍‌ଗ' ଗ୍ରନ୍ଥ ଦ୍ୱୟରେ ଉତ୍କଳର ଦୁଇଜଣ ବଣିକ, ତପସ୍‌ସୁ ଓ ଭଲ୍ଲିକ ଉରୁବେଳା ନିକଟରେ ବୁଦ୍ଧଦେବଙ୍କୁ ଭେଟିଥିଲେ ଓ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ଅନ୍ୟ ଏକ ବୌଦ୍ଧଧର୍ମଗ୍ରନ୍ଥ ' ମହା ପରିନିବ୍ବାଣ'ରେ ବର୍ଣ୍ଣିତ ଅଛିଯେ, ଥେରକ୍ଷମ ନାମକ ଜଣେ ବୌଦ୍ଧ ଅର୍ହତ କଳିଙ୍ଗ ରାଜା ବ୍ରହ୍ମଦତ୍ତଙ୍କୁ ବୁଦ୍ଧଦେବଙ୍କ ଦେହାଂଶରୁ ଏକ ଦନ୍ତ ଆଣି ଉପହାର ଦେଇଥିଲେ। ଏହି ଦନ୍ତକୁ ବ୍ରହ୍ମଦତ୍ତ ତାଙ୍କ ରାଜଧାନୀ ଦନ୍ତପୁରରେ ରଖି ପୂଜାର୍ଚ୍ଚନା କରିଥିଲେ। 'ଦାଠା ଧାତୁବଂଶ' ନାମକ ଅନ୍ୟ ଏକ ଗ୍ରନ୍ଥରେ ମଧ୍ୟ ଏହି ଘଟଣାର ଉଲ୍ଲେଖ ରହିଛି। ପରବର୍ତ୍ତୀ ସମୟରେ ସମ୍ରାଟ ଅଶୋକଙ୍କ କଳିଙ୍ଗ ଆକ୍ରମଣ ଏବଂ କଳିଙ୍ଗ ଯୁଦ୍ଧ ପରେ କଳିଙ୍ଗରେ ବୌଦ୍ଧ ଧର୍ମର

ପ୍ରସାର କରାଇନଥିଲେ । ସମ୍ରାଟ ଅଶୋକଙ୍କ ନେତୃତ୍ୱରେ କଳିଙ୍ଗରୁ ବିଶ୍ୱର ବିଭିନ୍ନ ସ୍ଥାନକୁ ବୌଦ୍ଧଧର୍ମାବଲମ୍ବୀମାନେ ଯାଇ ବୌଦ୍ଧଧର୍ମର ପ୍ରଚାର କରିଥିଲେ । ଭୌମକର ବଂଶ ପର୍ଯ୍ୟନ୍ତ - ବୌଦ୍ଧଧର୍ମ ତାହାର ପ୍ରଭାବ ଅକ୍ଷୁର୍ଣ୍ଣ ରଖିଥିଲା । ଏହାର ପ୍ରଭାବରେ ଓଡ଼ିଶାର ପୁରପଲ୍ଲୀରେ ବୌଦ୍ଧପୀଠ ଓ ବୌଦ୍ଧ ସ୍ଥାପତ୍ୟ ଦେଖିବାକୁ ମିଳିଥାଏ । ରତ୍ନଗିରି, ଲଳିତଗିରି, ଉଦୟଗିରି, ଲାଙ୍ଗୁଡ଼ି ପାହାଡ଼, ଖିଚିଙ୍ଗ, କୁରୁମା, ଚୌରାସି, ବାଣପୁର, ବିଶ୍ୱନାଥ ପାହାଡ଼, ଚୌଦ୍ୱାର, ତାରାପୁର, ବଜ୍ରଗିରି, କାଏମା, ଜଉଗଡ଼, ବୁଦ୍ଧଖୋଲ, ବାଲେଶ୍ୱର, ଅଯୋଧ୍ୟା, ଗଣିଆପଲି, ମେଲ୍‌ଛାମୁଣ୍ଡା, ବୌଦ୍ଧ ଆଦି ସ୍ଥାନରେ ବୌଦ୍ଧଧର୍ମ ସ୍ଥାପତ୍ୟ ଦେଖିବାକୁ ମିଳିଥାଏ । ଚାଇନା ପରିବ୍ରାଜକ ହୁଏନ୍‌ସାଂ ତାଙ୍କ ଭ୍ରମଣ ଗ୍ରନ୍ଥ ସି.ୟୁ.କି ରେ ଓଡ୍ର ଦେଶରେ ୧୦୦ ବୌଦ୍ଧପୀଠ ଓ ୧୦,୦୦୦ ବୌଦ୍ଧ ସନ୍ୟାସୀ ଥିବା କଥା ଉଲ୍ଲେଖ କରିଛନ୍ତି । ଏହି ବୌଦ୍ଧଧର୍ମ ସମଗ୍ର ପୂର୍ବ ଭାରତକୁ ଆଛନ୍ନ କରି ରଖିଥିଲା ସମ୍ବଲପୁରର ରାଜା ଇନ୍ଦ୍ରଭୂତି ବୌଦ୍ଧଧର୍ମର ଏକ ଶାଖା ବଜ୍ରଯାନ ଗଠନ କରିଥିବା ସମୟରେ ତାଙ୍କ ଭଉଣୀ ଲକ୍ଷ୍ମୀଙ୍କର ସହଜଯାନ ନାମକ ଏକ ଶାଖା ତିଆରି କରିଥିଲେ ଯେଉଁଥିରେ ନାରୀମାନଙ୍କୁ ସାଧନା ସଙ୍ଗିନୀ ଭାବରେ ଗ୍ରହଣ କରିବାର ସୁଯୋଗ ପ୍ରଦାନ କରିଥିଲେ । ବୌଦ୍ଧଗାନ ଓ ଦୋହା ରଚନା କରିଥିବା ୮୪ ସିଦ୍ଧାଚାର୍ଯ୍ୟଙ୍କ ମଧ୍ୟରୁ ଅନେକ ଥିଲେ ଓଡ଼ିଆ । ଏହାବ୍ୟତୀତ ପୁଷ୍ପଗିରି ନାମକ ଏକ ବୌଦ୍ଧଧର୍ମର ବିଶ୍ୱବିଦ୍ୟାଳୟ ପ୍ରାଚୀନ ଓଡ଼ିଶାରେ ଜ୍ଞାନ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ଥିଲା । ପ୍ରାଚୀନ ଉତ୍କଳ ଧନଧାନ୍ୟ ପୂର୍ଣ୍ଣ ବିଦ୍ୟା ନଗରୀ ଭାବରେ ପ୍ରାଚ୍ୟ ଭୁଖଣ୍ଡରେ ପ୍ରସିଦ୍ଧି ଲାଭ କରିଥିଲା । ଉଭୟ ଚାରୁକଳା ଓ କାରୁକଳା, ସାହିତ୍ୟ, ଜ୍ଞାନଚର୍ଚ୍ଚାର ପରମ୍ପରା, ଧର୍ମଧାରା ସହ ଗଭୀର ଭାବରେ ଜଡ଼ିତ ରହି ଓଡ଼ିଶାକୁ ଏକ ସମୃଦ୍ଧିଶାଳୀ ରାଜ୍ୟ ଭାବରେ ଖ୍ୟାତି ଆଣିଥିଲା ।

ବୌଦ୍ଧଧର୍ମ ସହ ଶୈବଧର୍ମ, ଶାକ୍ତଧର୍ମ, ନାଥଧର୍ମ, ବୈଷ୍ଣବ ଧର୍ମ, ମହିମାଧର୍ମ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଓଡ଼ିଆ ସଂସ୍କୃତିକୁ ସମୃଦ୍ଧ କରିବାରେ ସହାୟକ ହୋଇଛି । ଉଲ୍ଲିଖିତ ଧର୍ମର ଧର୍ମପୀଠ, ଧର୍ମଗ୍ରନ୍ଥ ଓ ଧର୍ମାଚାର ଗ୍ରାମୀଣ ଓ ଜନପଦ ସମାଜରେ ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟ ପ୍ରସାରିତ କରିବାରେ ସହାୟକ ହୋଇଛି । ଅନେକ ଐତିହାସିକ ଖ୍ରୀ.ପୂ ଶତାବ୍ଦୀରୁ ଓଡ଼ିଶାରେ ଶୈବଧର୍ମ ପ୍ରଚଳିତ ଥିବା ସମ୍ପର୍କରେ ମତ ପ୍ରଦାନ କରିଥାନ୍ତି । କପିଳ ସଂହିତା ଓ ଏକାମ୍ର ଚନ୍ଦ୍ରିକା ପୁସ୍ତକରେ ରାଜା ଶଶାଙ୍କ ଏକାମ୍ର କ୍ଷେତ୍ରରେ ତ୍ରିଭୁବନେଶ୍ୱର ମନ୍ଦିର ନିର୍ମାଣ କରିଥିବା ଉଲ୍ଲେଖ ରହିଛି, ପରବର୍ତ୍ତୀ ସମୟରେ ସେହି ସ୍ଥାନରେ ଲିଙ୍ଗରାଜ ମନ୍ଦିର ନିର୍ମାଣ ହୋଇଥିବା କଥା ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମତ ପ୍ରଦାନ କରନ୍ତି । ସେହି ସମୟରେ ଏକାମ୍ର କ୍ଷେତ୍ର ଶୈବଧର୍ମର ପ୍ରଧାନ ପୀଠ ଭାବରେ ପରିଚିତ ଲାଭ କରିଥିଲା । ଶୈବଧର୍ମ ମାଧ୍ୟମରେ ଓଡ଼ିଶାରେ ମନ୍ଦିର ଶିଳ୍ପ ସଭ୍ୟତାର ଅଭ୍ୟୁଦୟ ଘଟିଲା । ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ବହୁ ପ୍ରାଚୀନ ଶୈବପୀଠ ଓ ଶିବ ମନ୍ଦିର ଦେଖିବାକୁ ମିଳେ । ଭୁବନେଶ୍ୱର ସହରରେ ଲିଙ୍ଗରାଜ ମନ୍ଦିର, ବକ୍ରେଶ୍ୱର ମନ୍ଦିର ସହିତ ଶତାଧିକ ଶିବ ମନ୍ଦିର ଥିବା ସମୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ପ୍ରମୁଖ ଶୈବପୀଠ ତଥା ଶିବ ମନ୍ଦିର ଗୁଡ଼ିକ ହେଉଛି କଟକ ନିକଟସ୍ଥ ଧବଳେଶ୍ୱର, କେନ୍ଦୁଝରର ଗୋନାସିକା, ଆରଡି, ବାଲେଶ୍ୱରର ଆଖଣ୍ଡଳମଣି, ଜଗତସିଂହପୁରରେ ଥିବା ଅଷ୍ଟଶମ୍ଭୁ ମନ୍ଦିର, ବାବା ଲୋକନାଥ ମନ୍ଦିର, ପୁରୀ, କପିଳାସ, ଢେଙ୍କାନାଳ, ପଞ୍ଚଲିଙ୍ଗେଶ୍ୱର, ନୀଳଗିରି, ବାଲେଶ୍ୱର, ଗୁପ୍ତେଶ୍ୱର ମନ୍ଦିର, ଦିଘା, ବାଲେଶ୍ୱର, ବେଲଖଣ୍ଡି ଶିବ ମନ୍ଦିର, ଭାବନୀପାଟଣା, ବୈଦ୍ୟନାଥ ମନ୍ଦିର, କଟକ, ହଟକେଶ୍ୱର ଶିବ ମନ୍ଦିର, ଖୋର୍ଦ୍ଧା, ମୟୁରଭଞ୍ଜର ମାଣିତ୍ରୀ ଆଦି ପ୍ରଧାନ । ଶିବ ଚତୁର୍ଦ୍ଦଶୀ ତିଥି ଏହି ଶୈବପୀଠ ଗୁଡ଼ିକରେ ଜାଗର ଯାତ୍ରା ପାଳିତ

ହୋଇଥାଏ । ଶ୍ରଦ୍ଧାଳୁ ଭକ୍ତମାନେ ପୂଜାର୍ଚ୍ଚନା ମାଧ୍ୟମରେ ଏହି ଦିନଟିକୁ ପର୍ବଭାବରେ ପାଳନ କରିଥାନ୍ତି । ଅନେକ ଭକ୍ତ ପ୍ରତ୍ୟେକ ସୋମବାର ମଧ୍ୟ ଶିବ ମନ୍ଦିରକୁ ଯାଇ ପୂଜା କରନ୍ତି । ସୋମବାର ଶିବଙ୍କ ବାର ଭାବରେ ହିନ୍ଦୁ ପରମ୍ପରାରେ ପ୍ରଚଳିତ ହୋଇ ଆସିଛି । ଶିବଙ୍କ ଆରାଧନା ଓ ଓଡ଼ିଶାରେ ଥିବା ଶୈବପୀଠ ଗୁଡ଼ିକରୁ ଜାଣି ହୋଇଥାଏ ଶୈବଧର୍ମର ପ୍ରଭାବ ଜନସାଧାରଣରେ କେତେ ପରିମାଣରେ ରହିଛି ।

ଓଡ଼ିଶାରେ ମଧ୍ୟ ବହୁ ଶକ୍ତି ପୀଠ ରହିଛି । ଏହି ଶକ୍ତିପୀଠ ଗୁଡ଼ିକରେ ଭିନ୍ନ ଭିନ୍ନ ଦେବୀ ପୂଜିତ ହୋଇଥାନ୍ତି । ଶାରଳା ପୀଠରେ ଶାରଳା ଦେବୀ, କାକଟପୁରରେ ମା’ ମଙ୍ଗଳା, ତାରାତାରିଣୀରେ ତାରାଦେବୀ, ଘଟଗାଁ ତାରିଣୀ ପୀଠରେ ମା’ ତାରିଣୀ, ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ମା’ ବିମଳା, ଯାଜପୁରର ବିରଜାଦେବୀ କ୍ଷେତ୍ର, ଭଗବତୀ ଦେବୀ, ବାଣପୁର, ବାଙ୍କିସ୍ଥିତ ଦେବୀ ଚର୍ଚ୍ଚିକା, କଟକରେ ମା’ କଟକ ଚଣ୍ଡି, କୋଣାର୍କରେ ରାମଚଣ୍ଡି, ତାଳଚେର ମା’ ହିଙ୍ଗୁଳା, ସମ୍ବଲପୁରରେ ମା’ ସମଲେଇ, ଭୁବନେଶ୍ୱରରେ ମା’ ଗୌରୀ, ଭଟ୍ଟାରିକାରେ ମା’ ଭଟ୍ଟାରିକା, ଖିଚିଙ୍ଗରେ ମା’ କୀଚକେଶ୍ୱରୀ, ପାଟଣାଗଡ଼ରେ ମା’ ପାଟଣେଶ୍ୱରୀ, କଳାହାଣ୍ଡି ଜିଲ୍ଲାରେ ଥିବା ମା’ ଯୋଗମାୟା ଶକ୍ତିପୀଠ, ଭବାନୀପାଟଣା ସହରସ୍ଥିତ ମା’ ମାଣିକେଶ୍ୱରୀ ଆଦି ଶକ୍ତିପୀଠ ଗୁଡ଼ିକର ପ୍ରସିଦ୍ଧି ରହିଛି । ଭୁବନେଶ୍ୱର ସହର ଉପକଣ୍ଠରେ ଥିବା ଚଉଷଠୀ ଯୋଗିନୀ ମନ୍ଦିର ମଧ୍ୟ ଏକ ବିଶିଷ୍ଟ ଶକ୍ତିପୀଠ ଭାବରେ ଖ୍ୟାତ । ଏହି ଶକ୍ତିପୀଠ ଗୁଡ଼ିକ ଜନଜୀବନରେ ଗଭୀର ଆଧ୍ୟାତ୍ମିକ ବିଶ୍ୱାସ ସୃଷ୍ଟି କରିବାରେ ସମର୍ଥ । ଦେବୀଙ୍କୁ ସକଳ ଶକ୍ତିର ଆଧାର ଭାବରେ ହିନ୍ଦୁମାନେ ଗ୍ରହଣ କରିଥାନ୍ତି । ନାରୀଶକ୍ତିକୁ ଶ୍ରେଷ୍ଠ ଶକ୍ତି ଭାବରେ ବିଶ୍ୱାସ କରାଯାଏ । ଦେବୀ ମାହାତ୍ମ୍ୟ, ଦେବୀ - ଭାଗବତ ପୁରାଣ, ଦେବୀ ଉପନିଷଦ, ଆଦି ଗ୍ରନ୍ଥରେ ଶକ୍ତିର ଆରାଧନା କରାଯାଇଛି । ଦୁର୍ଗା, କାଳୀ, ସରସ୍ୱତୀ, ଲକ୍ଷ୍ମୀ, ପାର୍ବତୀ, ତ୍ରିପୁରା ସୁନ୍ଦରୀ ବ୍ୟତୀତ ଓଡ଼ିଶାରେ ଅନେକ ଦେବୀ ପୂଜିତ ହୋଇଥାନ୍ତି ।

ନାଥଧର୍ମ, ବୈଷ୍ଣବ ଧର୍ମ, ମହିମା ଧର୍ମର ପ୍ରସାର ମଧ୍ୟ ଓଡ଼ିଶାରେ ଦେଖିବାକୁ ମିଳିଥାଏ । ବୌଦ୍ଧଧର୍ମ ସହ ନାଥଧର୍ମର ବଳିଷ୍ଠ ପରମ୍ପରା ଓଡ଼ିଶାରେ ରହିଛି । ନାଯୋଗୀମାନେ ଓଡ଼ିଶାରେ ଏହି ଧର୍ମର ପ୍ରସାର କରିଥାନ୍ତି । ଶ୍ରୀଚୈତନ୍ୟଙ୍କ ଓଡ଼ଶା ଆଗମନ ଏବଂ ଜଗନ୍ନାଥ ଦାସଙ୍କ ଭାଗବତ ରଚନା ଓଡ଼ିଶାରେ ବୈଷ୍ଣବଧର୍ମର ପ୍ରସାରରେ ସହାୟକ ହୋଇଥିଲା । ରାଜ ପୃଷ୍ଠପୋଷକତା ଦ୍ୱାରା ଓଡ଼ିଶାରେ ଏକଦା ବୈଷ୍ଣବ ଧର୍ମ ଏକ ପ୍ରମୁଖ ଧର୍ମ ଭାବରେ ପ୍ରତିଷ୍ଠା ପାଇଥିଲା । ଜଗନ୍ନାଥ ଦାସଙ୍କ ଭାଗବତ ଗ୍ରନ୍ଥର ପ୍ରସିଦ୍ଧି ଓଡ଼ିଶାର ଜନଜୀବନରେ ଭାଗବତ ଟୁଙ୍ଗି ପରମ୍ପରା ସୃଷ୍ଟି କରିଥିଲା । ଓଡ଼ିଶାର ଅଧିକାଂଶ ଘରେ ଭାଗବତ ଗ୍ରନ୍ଥ ରଖି ପୂଜା କରାଯାଏ ଓ ପର୍ବପର୍ବାଣୀରେ ସମୂହ ପଠନ କରାଯାଏ । ଭାଗବତ ଜନ୍ମ ଦିନକୁ ଉପକୂଳ ଓଡ଼ିଶାରେ ଏକ ବିଶିଷ୍ଟ ପର୍ବ ଭାବରେ ପାଳନ କରାଯାଏ । ଲୌକିକ ପରମ୍ପରାରେ ଭାଗବତ ସାମାଜିକ ଚଳଣିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସେହିପରି ଭୀମଭୋଇଙ୍କ ଦ୍ୱାରା ମହିମା ଧର୍ମ ପ୍ରଚାର ପ୍ରସାର ହୋଇଥିଲା । ମୂର୍ତ୍ତିପୂଜାକୁ ବିରୋଧ କରୁଥିବା ଏହି ଧର୍ମ ସମାଜର ନିମ୍ନବର୍ଗରେ ପ୍ରସିଦ୍ଧି ଲାଭ କରିଥିଲା । ଏହି ଧର୍ମର ଆଦି ପ୍ରବର୍ତ୍ତକ ଥିଲେ ମହିମା ଗୋସାଇଁ । ମହିମା ଧର୍ମର ପ୍ରଧାନ ପୀଠସ୍ଥଳୀ ଯୋରନ୍ଦା ଠାରେ ଅବସ୍ଥିତ । ମାଘମାସ ଚତୁର୍ଦ୍ଦଶୀରେ ମହିମା ଗୋସାଇଁ ଏହି ଧର୍ମର ପ୍ରବର୍ତ୍ତନ କରିଥିଲେ ଓ ସେହି ତିଥିରେ ଯୋରନ୍ଦାଠାରେ ମନ୍ଦିର ନିର୍ମାଣ କରାଯାଇ ଅଖଣ୍ଡ ଧୁନି ସ୍ଥାପନ କରାଯାଇଥିବାରୁ ଯୋରନ୍ଦାରେ ମାଘମାସ ଚତୁର୍ଦ୍ଦଶୀ ଦିନ ଏକ ବିରାଟ ମେଳାର ଆୟୋଜନ ହୋଇଥାଏ । ଭୀମଭୋଇଙ୍କ ରଚନାବଳୀ ଏହି ଧର୍ମକୁ ଅଧିକ ପ୍ରସାରିତ ଓ ପ୍ରଚାରିତ କରିପାରିଛି ।

ଓଡ଼ିଆମାନେ ଶ୍ରୀଜଗନ୍ନାଥଙ୍କୁ ଇଷ୍ଟଦେବତା ଭାବରେ ପୂଜନ କରିଥାନ୍ତି । ବିଶ୍ୱର ଯେଉଁସ୍ଥାନରେ ଓଡ଼ିଆମାନେ ବସବାସ କରନ୍ତି, ଅବଶ୍ୟ ସେଠାରେ ଶ୍ରୀଜଗନ୍ନାଥ ମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ପୂଜନ ଦେଖିବାକୁ ମିଳେ । ଓଡ଼ିଆ ଜାତି ଶ୍ରୀଜଗନ୍ନାଥଙ୍କ ମାଧ୍ୟମରେ ପ୍ରସିଦ୍ଧି ଲାଭ କରିଛି । ଶ୍ରୀକ୍ଷେତ୍ର ପୁରୀ ସମଗ୍ର ବିଶ୍ୱରେ ଏକ ତୀର୍ଥକ୍ଷେତ୍ର ଭାବରେ ଆଦୃତି ଲାଭ କରିବା ସହ ରଥଯାତ୍ରା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥାଏ । ଏହା ସହ ଶ୍ରୀଜଗନ୍ନାଥଙ୍କ ନିକଟରେ ଲାଗି ହେଉଥିବା ଅନ୍ନଭୋଗ ଅବଢ଼ାର ମାହାତ୍ମ୍ୟ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ଓଡ଼ିଆ ସଂସ୍କୃତିର ଅମୂଲ୍ୟ ସଂପଦ ଏହାର ଧର୍ମଧାରା ଓ ଧର୍ମପୀଠ । ପରବର୍ତ୍ତୀ ଏକକରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିବାରୁ, ଏଠାରେ କେବଳ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ କେବଳ ସୂଚନା ପ୍ରଦାନ କରାଗଲା ।

ଅର୍କ କ୍ଷେତ୍ର ରୂପେ କୋଣାର୍କର ବିଶ୍ୱ ପ୍ରସିଦ୍ଧି ରହିଛି । ସୂର୍ଯ୍ୟ ପୂଜା ନିମିତ୍ତ ନିର୍ମିତ କୋଣାର୍କ ସୂର୍ଯ୍ୟ ମନ୍ଦିର ତାହାର କଳା ନିମିତ୍ତ ବିଶ୍ୱ ପ୍ରସିଦ୍ଧ । ସମୁଦ୍ର ଗର୍ଭକୁ ପୋତି ନିର୍ମିତ ହୋଇଥିବା ମନ୍ଦିରରେ ସୂର୍ଯ୍ୟଙ୍କୁ ପୂଜା କରାଯାଉଥିଲା । ପରବର୍ତ୍ତୀ ସମୟରେ ମନ୍ଦିର କୌଣସି କାରଣରୁ ଭାଙ୍ଗି ପଡ଼ିବାରୁ ଏଠାରେ ଆଉ ସୂର୍ଯ୍ୟ ପୂଜା ହେଉନାହିଁ । ମାତ୍ର କୋଣାର୍କ ମନ୍ଦିର ଯାହା ବିଶ୍ୱରେ ବ୍ଲାକ୍ ପାଗୋଡ଼ା ନାମରେ ନାମିତ, ତାହାର ଅଦ୍ୱିତୀୟ କଳାକୃତି ନିମିତ୍ତ ସମଗ୍ର ବିଶ୍ୱର ଦର୍ଶକଙ୍କୁ ଆକର୍ଷିତ କରିବାରେ କେବଳ ସମର୍ଥ ହୋଇନଥାଏ, ଓଡ଼ିଆ ଏକ କଳାକୁଶଳୀ ଜାତି ଭାବରେ ପ୍ରମାଣିତ କରିଥାଏ ।

ମଠ ସଂସ୍କୃତି ଓଡ଼ିଆ ଜାତିର ଅନ୍ୟ ଏକ ଉଲ୍ଲେଖନୀୟ ଦିଗ । ଓଡ଼ିଶାର ବହୁ ଅଞ୍ଚଳରେ ମଠ ଓ ମନ୍ଦିର ଏକତ୍ର ଥିବାର ଦେଖାଯାଏ । ମଠ ଦ୍ୱାରା ଅନେକ ସ୍ଥାନରେ ମନ୍ଦିରର ନୀତି ପରିଚାଳିତ ହୁଏ । ରାଜ୍ୟର ଗ୍ରାମୀଣ ଅଞ୍ଚଳରେ ଆଧ୍ୟାତ୍ମିକ ଚେତନାର ବିକାଶ ନିମିତ୍ତ ମଠମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାମାଜିକ ଶୃଙ୍ଖଳା ଓ ସଦାଚାର ସୃଷ୍ଟି କରିବା ନିମିତ୍ତ ମଠର ମହନ୍ତ ଓ କର୍ମକର୍ତ୍ତାମାନେ କାର୍ଯ୍ୟ କରିଥାନ୍ତି । ଭାତୃତ୍ୱ ଓ ସଦ୍‌ଭାବନାର ପରମ୍ପରା ଏହି ମଠ ଦ୍ୱାରା ପ୍ରସାରିତ ହୁଏ । ପୁରୀ ସହରରେ ଥିବା ରାଘବ ଦାସ ମଠ, ଓଡ଼ିଆ ମଠ ଏବଂ ଏମାର ମଠ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ସହିତ ଘନିଷ୍ଠ ଭାବରେ ସଂପୃକ୍ତ । ଏହାବ୍ୟତୀତ ଗୋପାଳତୀର୍ଥ ମଠ, ଗୋବର୍ଦ୍ଧନ ମଠ, ବଡ଼ଛତା ମଠ, ସୁନା ଗୋସ୍ୱାମୀ ମଠ, ମଙ୍ଗୁ ମଠ, ଅଙ୍ଗିରା ଆଶ୍ରମ, ବିଜୟକୃଷ୍ଣ ଗୋସ୍ୱାମୀ ଆଶ୍ରମ, ଅଦ୍ୱୈତ ବ୍ରହ୍ମାଶ୍ରମ, ନୀଳାଚଳ ଆଶ୍ରମ, କରାର ଆଶ୍ରମ, ଭାରତ ସେବାଶ୍ରମ, ପ୍ରଣବାନନ୍ଦ ଆଶ୍ରମ, ସତ୍‌ସଙ୍ଗ ଆଶ୍ରମ, ନିଗମାନନ୍ଦ ଆଶ୍ରମ, ଦିବ୍ୟଧାମ ଯୋଗାଶ୍ରମ, ଅଭିରାମ ପରମହଂସାଶ୍ରମ, ଭାଗବତ ଆଶ୍ରମ, ହରିଦାସ ଆଶ୍ରମ ଆଦି ଅନୁଷ୍ଠାନ ଗୁଡ଼ିକ ଓଡ଼ିଆମାନଙ୍କ ଦୈନନ୍ଦିନ ଜୀବନରେ ଆଧ୍ୟାତ୍ମିକ ଭାବନାର ପ୍ରସାର କରିଥାନ୍ତି ।

## ୩.୯ ନୃତ୍ୟ ଓ ସଙ୍ଗୀତ ପରମ୍ପରା

ଉତ୍କଳୀୟ ସଂସ୍କୃତିରେ ନୃତ୍ୟକଳାର ଏକ ପ୍ରାଚୀନ ତଥା ସମୃଦ୍ଧ ପରମ୍ପରା ଦୃଷ୍ଟିଗୋଚର ହୋଇଥାଏ । ଅତି ପ୍ରାଚୀନ କାଳରୁ ଲୋକନୃତ୍ୟର ଆଦର ଓଡ଼ିଶାରେ ରହିଆସିଅଛି । ମନ୍ଦିର ଗାତ୍ରମାନଙ୍କରେ ଦୃଶ୍ୟାୟିତ ନର୍ତ୍ତକ - ନର୍ତ୍ତକୀ ଏହାର ଜ୍ୱଳନ୍ତ ପ୍ରମାଣ । ଓଡ଼ିଶା ନୃତ୍ୟକଳାର ଅନ୍ତଃସଲିଳା ଫଲ୍‌ଗୁପରି ସମୟ ସ୍ରୋତରେ ଏବେବି ଜୀବିତ ରହିଅଛି । ଦେଶବିଦେଶରେ ଓଡ଼ିଶାର ଲୋକନୃତ୍ୟ ଖ୍ୟାତିଅର୍ଜନ କରିଅଛି ।

**ଓଡ଼ିଶୀ ନୃତ୍ୟ :** ଓଡ଼ିଶୀ ନୃତ୍ୟ ଏକ ଶାସ୍ତ୍ରୀୟ ତଥା ମର୍ଯ୍ୟାଦାବନ୍ତ ନୃତ୍ୟକଳା ଅଟେ। ଓଡ଼ିଶୀ ନୃତ୍ୟରେ ନର୍ତ୍ତକ - ନର୍ତ୍ତକୀମାନେ ଯେଉଁ ଅଭିନୟ କଳା ପ୍ରଦର୍ଶନ କରନ୍ତି, ତାହାପାଇଁ ସ୍ୱତନ୍ତ୍ର ଶାସ୍ତ୍ରୀୟ ନିୟମମାନ ରହିଅଛି। ନୃତ୍ୟର ବିଷୟ ବସ୍ତୁ ମୁଖ୍ୟତଃ ପାଞ୍ଚଭାଗରେ ବିଭକ୍ତ। (୧) ମଙ୍ଗଳାଚରଣ (୨) ବଟୁନୃତ୍ୟ (୩) ପଲ୍ଲବୀ (୪) ଅଭିନୟ (୫) ମୋକ୍ଷ ନାଟ। ନୃତ୍ୟ ପରିବେଷଣର ସଙ୍ଗୀତ ହେଉଛି ଛନ୍ଦୋବଦ୍ଧ କାବ୍ୟ-କବିତା ତଥା ଗୀତିକବିତା। ସଂଗୀତକୁ ଶ୍ରୁତିମଧୁର କରିବା ପାଇଁ ମାଦଳ, ଗିନି, ଝାଞ୍ଜ ଓ ବଂଶୀ ଆଦି ବାଦ୍ୟଯନ୍ତ୍ର ବ୍ୟବହୃତ ହୋଇଥାଏ। ଜୟଦେବ, ଉପେନ୍ଦ୍ର ଭଞ୍ଜ, ବନମାଳୀ ଦାସ, ବଳଦେବ ରଥ ଓ ଗୋପାଳକୃଷ୍ଣ ଆଦି ପ୍ରସିଦ୍ଧ ବାଣୀପୁରୁଷଙ୍କ କାବ୍ୟ - ସଂଗୀତ ଓଡ଼ିଶୀନୃତ୍ୟ ପରିବେଷଣ ସମୟରେ ଗାନକରାଯାଏ।

**ଛଉନୃତ୍ୟ :** ଓଡ଼ିଶାର ଆଉ ଏକ ପ୍ରସିଦ୍ଧ ନୃତ୍ୟ ହେଉଛି ଛଉନୃତ୍ୟ। ମୟୂରଭଂଜ, ଷଢ଼େଇକଳା ଓ ପୁରୁଲିଆ (ପଶ୍ଚିମବଙ୍ଗ)ରେ ଛଉନୃତ୍ୟ ଖୁବ୍ ପ୍ରସିଦ୍ଧ। ଛଉ ନୃତ୍ୟର ଉତ୍ପତ୍ତି ସମ୍ପର୍କରେ ପଣ୍ଡିତମାନେ ମତଦିଅନ୍ତି ଯେ ସୈନ୍ୟମାନଙ୍କ ମନୋରଂଜନପାଇଁ ସନ୍ୟ - ଛାଉଣିରେ ଛଉନୃତ୍ୟର ଆୟୋଜନ କରାଯାଉଥିଲା। 'ଛାଉଣୀ' ଶବ୍ଦରୁ 'ଛଉ' ଶବ୍ଦ ଉତ୍ପତ୍ତି ଲାଭ କରିଅଛି। ଏହା ଏକ ସାମରିକ ନୃତ୍ୟ। ଏଥିରେ ବ୍ୟବହୃତ ମାଦଳ, ଧୁମସା, ଚଡ଼ଚଡ଼ି, କାହାଳୀ ଆଦି ବାଦ୍ୟ ଯନ୍ତ୍ରକୁ ସୈନ୍ୟମାନେ ବ୍ୟବହାର କରୁଥିଲେ। ଛଉ ନୃତ୍ୟ ମୁଖ୍ୟତଃ ଚୈତ୍ର ପର୍ବ ସମୟରେ ଆୟୋଜିତ ହୋଇଥାଏ। ଛଉ ନୃତ୍ୟରେ ବୀର ରସକୁ ପ୍ରାଧାନ୍ୟ ଦିଆଯାଇଥାଏ।

**ଡାଲଖାଇ :** ଡାଲଖାଇ ନୃତ୍ୟ ପଶ୍ଚିମ ଓଡ଼ିଶାରେ ସର୍ବାଧିକ ଲୋକପ୍ରିୟ ନୃତ୍ୟ ଅଟେ। ନୃତ୍ୟର ଗୀତରେ ପ୍ରତିପଦର ଆରମ୍ଭ ଓ ଶେଷରେ ଡାଲଖାଇ ଶବ୍ଦ ଥାଏ। ଯାହା ଝିଅ ସାଙ୍ଗକୁ ଲକ୍ଷ୍ୟ କରାଯାଇ ବ୍ୟବହାର କରାଯାଏ। ଏହା ଅନେକ ପର୍ବପର୍ବାଣୀ ଯଥା - ନୂଆଖାଇ, ପୁଷପୁନି, ଭାଇ ଜିଉନ୍ତିଆ ଇତ୍ୟାଦି ପର୍ବପର୍ବାଣିରେ ଏହି ନୃତ୍ୟ ପରିବେଷଣ କରାଯାଇଥାଏ। ସମ୍ବଲପୁର, ବଲାଙ୍ଗିର, ସୁନ୍ଦରଗଡ଼, ବରଗଡ଼, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାମାନଙ୍କରେ ମୁଖ୍ୟତଃ ମହିଳାମାନେ ଏହି ନୃତ୍ୟକରିଥାନ୍ତି।

**ଗୋଟିପୁଅ :** ଗୋଟିପୁଅ ଓଡ଼ିଶାର ଶାସ୍ତ୍ରୀୟ ନାଟ ଭିତରୁ ଅନ୍ୟତମ। ଏହା ଓଡ଼ିଶାର ପୁରୀ ଜିଲ୍ଲାରୁ ଜନ୍ମ ଲାଭ କରିଅଛି। ଏହି ନୃତ୍ୟ ପୁରୁଷ ପ୍ରଧାନ ଅଟେ।

**ପାଲା :** ପାଲା ଓଡ଼ିଶାର ଏକ ଅତ୍ୟନ୍ତ ଲୋକପ୍ରିୟ ନୃତ୍ୟ ଅଥବା ଯାତ୍ରା ଭାବରେ ଗ୍ରହଣ କରାଯାଇପାରେ। ଏହା ସହରରୁ ଗ୍ରାମ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଗୁଣୀ ଜ୍ଞାନୀ ସୁଧିଜନ ସହ ଗ୍ରାମୀଣ ନିରକ୍ଷର ଜନତା ଏହାର ଦର୍ଶକ ଓ ଶ୍ରୋତା ହୋଇ ପୁରାଣ ଚର୍ଚ୍ଚା ସହ ବିଭିନ୍ନ ରାଗରାଗିଣୀ ଭରା ସଙ୍ଗୀତର ସ୍ୱାଦ ଉପଭୋଗ କରିଥାନ୍ତି। ଝାଞ୍ଜ ଓ ମୃଦଙ୍ଗର ତାଳେ ତାଳେ ଗାୟକ, ମୃଦଙ୍ଗ ବାଦକ ଓ ଅନ୍ୟ ସାଥୀ ବିଭିନ୍ନ ଅଙ୍ଗଭଙ୍ଗୀ ମାଧ୍ୟମରେ ଶ୍ରୋତାଙ୍କ ମନୋରଞ୍ଜନ କରିଥାନ୍ତି। ଗଭୀର ଦାର୍ଶନିକ ତତ୍ତ୍ୱ ସହ ହାସ୍ୟ ଓ ବ୍ୟଙ୍ଗ ରସ ଭରା ଚଟୁଳ ଉକ୍ତି ପ୍ରତ୍ୟୁକ୍ତି ଦର୍ଶକଶ୍ରୋତାଙ୍କ ମନୋରଞ୍ଜନ କରିବାରେ ସହାୟକ ହୋଇଥାଏ। ଓଡ଼ିଶାର ଗୌରବମୟ ସଙ୍ଗୀତ ପରମ୍ପରା, କାବ୍ୟ ରଚନାର ପରମ୍ପରାକୁ ପାଲା କେବଳ ଉଜ୍ଜୀବୀତ କରିନଥାଏ, ସାଧାରଣ ଜନତା ମଧ୍ୟରେ ପ୍ରସାରିତ କରିଥାଏ।

**ଦାସକାଠିଆ :** ଦାସକାଠିଆ ଆଉ ଏକ ଲୋକପ୍ରିୟ ଲୋକନୃତ୍ୟ। ଜଣେ ଗାୟକ ଓ ଆଉ ଜଣେ ସହାୟକ କାଠଖଣ୍ଡ ନିର୍ମିତ (ଦାସକାଠିଆ)ରେ ମଧୁର ଶବ୍ଦ ସୃଷ୍ଟି କରି ସଙ୍ଗୀତ ମାଧ୍ୟମରେ ବିଭିନ୍ନ ପୌରାଣିକ ଓ ଐତିହାସିକ

ଉପାଖ୍ୟାନ ଶ୍ରୋତାମଣ୍ଡଳୀରେ ଉପସ୍ଥାପନ କରିଥାନ୍ତି । ଗାୟକ ଓ ସହାୟକଙ୍କ ବାକ୍‌ଚାତୁରୀ, ସଙ୍ଗୀତ ପରିବେଷଣ ଶୈଳୀ, ଶାରିରିକ ଅଙ୍ଗଭଙ୍ଗୀ ତଥା ହାସ୍ୟ ଓ ବ୍ୟଙ୍ଗରସ ଉଦ୍ରେକକାରୀ ବଚନ ଚତୁରୀ ମାଧ୍ୟମରେ ଏହା ଦର୍ଶକଙ୍କ ମନୋରଂଜନ କରିଥାଏ । ଚମ୍ପୁ, ଛାନ୍ଦ, ଚଉତିଶା, ଭଜନ, ଜଣାଣ ଆଦି ବିଭିନ୍ନ ସଙ୍ଗୀତ ଦାସକାଠିଆରେ ପରିବେଷଣ କରାଯାଇଥାଏ । ବିଭିନ୍ନ ପାରମ୍ପରିକ ମଙ୍ଗଳ ଅନୁଷ୍ଠାନ ସମୟରେ ମଧ୍ୟ ଦାସକାଠିଆ ପରିବେଷିତ ହୋଇଥାଏ ।

ଓଡ଼ିଶାର ବିଭିନ୍ନ ଗ୍ରାମୀଣ ଅଞ୍ଚଳରେ ବହୁ ଲୋକନୃତ୍ୟ ଦେଖିବାକୁ ମିଳେ । ବିଶେଷତଃ ଜନଜାତି ସଦସ୍ୟମାନେ ନୃତ୍ୟ ପ୍ରିୟ ହୋଇଥିବାରୁ, ତାଙ୍କର ସମ୍ପ୍ରଦାୟରେ ବହୁ ପ୍ରକାର ଲୋକନୃତ୍ୟ ପ୍ରଚଳିତ ରହିଛି । ଲୋକନୃତ୍ୟ ସହ ସଙ୍ଗୀତ ଓ ବାଦ୍ୟଯନ୍ତ୍ରର ଘନିଷ୍ଠ ସମ୍ପର୍କ । ଚମ୍ପୁ, ଛାନ୍ଦ, ଜଣାଣ, ଚଉପଦୀ, ଚଉତିଶା, ଓଡ଼ିଶୀ ସଙ୍ଗୀତ ବ୍ୟତିରେକ ବିଭିନ୍ନ ପୁରାଣ ତଥା ରାମାୟଣ ଓ ମହାଭାରତର କାହାଣୀକୁ ନେଇ ଲୋକକବିମାନେ ଅନେକ ସଙ୍ଗୀତ ରଚନା କରିଛନ୍ତି । ମୌଖିକ ଓ ଲିଖନ ପରମ୍ପରାରେ ସଙ୍ଗୀତକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ବିଭିନ୍ନ ରାଗ ରାଗିଣୀଯୁକ୍ତ ସଙ୍ଗୀତ ପରମ୍ପରା ଓଡ଼ିଆ ଜାତିର ପରିଚୟ ହୋଇଛି । ପୂର୍ବରୁ ଓଡ଼ିଶାର ଲୋକସାହିତ୍ୟ ଅଧ୍ୟୟନ ଅବସରରେ ଏ ସମ୍ପର୍କରେ ଯଥେଷ୍ଟ ଆଲୋଚନା କରାଯାଇଛି ।

## ୩.୧୦ ସମର ସଂସ୍କୃତି

କଳିଙ୍ଗ ଏକ ବୀର ତଥା ସମର କୁଶଳୀ ଜାତିରୂପେ ଇତିହାସର ମର୍ଯ୍ୟାଦା ମଣ୍ଡନ କରିଆସିଛି । ମହାଭାରତ ଯୁଦ୍ଧରେ ମଧ୍ୟ କଳିଙ୍ଗସେନା ଭାଗନେଇଥିଲେ । କୁରୁକ୍ଷେତ୍ର ଯୁଦ୍ଧରେ କଳିଙ୍ଗ ସେନା ବିଭିନ୍ନ ପ୍ରକାର ବ୍ୟୁହରଚନା କରିଥିବା ଜଣାଯାଏ । ଭୀମ ଓ ଶ୍ରୁତାୟୁଧଙ୍କ ଯୁଦ୍ଧ ବର୍ଣ୍ଣନା ସମୟରେ ସଂଜୟ କଳିଙ୍ଗ ସେନାର ସାହସ ଓ କୌଶଳର ଭୂରିଭୂରି ପ୍ରଶଂସା କରିଛନ୍ତି । କଳିଙ୍ଗ ବିଜୟପାଇଁ ସମ୍ରାଟ ଅଶୋକ ସ୍ୱୟଂ ରଣକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ । ଧଉଳିଠାରେ ସଙ୍ଘଠିତ ହୋଇଥିଲା ଭାରତ ଇତିହାସର ବୃହତ୍ତର ଯୁଦ୍ଧ । କଳିଙ୍ଗ ଜାତି ଅଶୋକଙ୍କ ବିରାଟ ସୈନ୍ୟ ସାମନ୍ତଙ୍କ ବଶ୍ୟତା ସ୍ୱୀକାର କରିନଥିଲା, ପରନ୍ତୁ ଅଶୋକଙ୍କ ଦୁର୍ଜୟ ସେନାକୁ ବୀରତ୍ୱର ସହ ଅବରୋଧ କରିଥିଲା । ନିଜର ଶେଷରକ୍ତ ଯାଏ କଳିଙ୍ଗ ଜାତି ପ୍ରାଣ ଦେଇ ଯୁଦ୍ଧ କଲା । ଯୁଦ୍ଧର ମହାମାରୀ ବିଭୀଷିକା ଏତେ ଭୟଙ୍କର ତଥା ଲୋମହର୍ଷଣ ଥିଲା ଯେ, ଏହି ଦୃଶ୍ୟରେ ଚଣ୍ଡ ଅଶୋକଙ୍କର କଠିନ ହୃଦୟକୁ  ନବନୀତ - ସୁକୋମଳ କରି ଦେଇଥିଲା । ଅଶୋକ ଯୁଦ୍ଧ ପରିତ୍ୟାଗ କଲେ ଏବଂ ଧଉଳି ଗାତ୍ରରେ ନିଜ ବିଜୟବାର୍ତ୍ତା ନୁହେଁ, ପରନ୍ତୁ ଶାନ୍ତିବାର୍ତ୍ତା ଉଲ୍ଲିଖିତ କରାଇଲେ ।

କଳିଙ୍ଗ ଯୁଦ୍ଧରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିବା ଦୁର୍ଜୟ କଳିଙ୍ଗ ବୀରମାନେ ପୁନର୍ବାର ଐରଖାରବେଳ ନେତୃତ୍ୱରେ ବୀରତ୍ୱର ପ୍ରଦର୍ଶନ କଲେ । କଳିଙ୍ଗ ବୀରମାନେ କଳିଙ୍ଗର ସୀମାକୁ ଗଙ୍ଗାଠାରୁ ଗୋଦାବରୀ ଯାଏ ବିସ୍ତୃତ କରାଇପାରିଥିଲେ । କଳିଙ୍ଗଯୁଦ୍ଧର ପ୍ରତିଶୋଧ ନେବାପାଇଁ ଖାରବେଳ ମଗଧକୁ ଆକମ୍ରଣ କରିଥିଲେ ଏବଂ ମଗଧ ରାଜ୍ୟକୁ ଜୟଲାଭ କରି ନିଜ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ । ପୁନଃ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ସୂର୍ଯ୍ୟବଂଶୀ ସମ୍ରାଟ କପିଳେନ୍ଦ ଦେବ ଉତ୍କଳ ପ୍ରଦେଶକୁ ଶାସନ କଲେ । ତାଙ୍କ ଶାସନକାଳ ଥିଲା ଓଡ଼ିଶା ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟ । କପିଳେନ୍ଦ୍ର ଦେବଙ୍କ ନେତୃତ୍ୱରେ ଦୁର୍ଦ୍ଧଷ ଓଡ଼ିଆ ସୈନ୍ୟ ବୀରତ୍ୱର ସିଂହନାଦ ଗଗନ

- ପବନ-ସର୍ବତ୍ର ପ୍ରତିଧ୍ୱନିତ କରୁଥାଏ। କପିଳେନ୍ଦ୍ର ଦେବଙ୍କ ବୀରତ୍ୱର ପରାକାଷ୍ଠାରେ ଉତ୍କଳ ସାମ୍ରାଜ୍ୟର ସୀମା ଗଙ୍ଗାଠାରୁ କାବେରୀ ନଦୀ ପର୍ଯ୍ୟନ୍ତ ସ୍ପର୍ଶ ଲାଭ କଲା। କପିଳେନ୍ଦ୍ର ଦେବ ପରେ ତାଙ୍କ ପୁତ୍ର ଗଜପତି ପୁରୁଷୋତ୍ତମ ଦେବ ମଧ୍ୟ ନିଜ ବୀରତ୍ୱର ଯଥାର୍ଥ ପ୍ରମାଣ କାଞ୍ଚିବିଜୟରେ ପ୍ରଦର୍ଶନ କରିଥିଲେ।

ଖୋର୍ଦ୍ଧା, କଳିଙ୍ଗ ବୀରଙ୍କ କେନ୍ଦ୍ରସ୍ଥଳ। ଏମାନଙ୍କୁ ପାଇକ କୁହାଯାଏ। ପାଇକ ସଂସ୍କୃତି ଓଡ଼ିଆ ମାନଙ୍କ ବୀରତ୍ୱର ପରାକାଷ୍ଠାକୁ ପ୍ରକାଶିତ କରିଥାଏ। ବାସ୍ତବରେ କଳିଙ୍ଗ ଓ ଉତ୍କଳ କହିଲେ ଖୋର୍ଦ୍ଧାକୁ ବୁଝାଯାଉଥିଲା। ୧୫୬୮ ମସିହାରୁ ୧୮୦୩ ମସିହା ପର୍ଯ୍ୟନ୍ତ ଖୋର୍ଦ୍ଧା ଉତ୍କଳର ରାଜଧାନୀ ଭାବରେ ରହିଥିଲା ଏବଂ ଏଠାରେ ଏକ ସୁଦୃଶ୍ୟ ଗଡ଼ ରହିଛି। ରାଜା ଦିବ୍ୟସିଂହ ଦେବ ଷୋଡ଼ଶ ଶତାବ୍ଦୀରେ ଏହି ଗଡ଼ ନିର୍ମାଣ କରିଥିଲେ। ଉତ୍କଳର ପାଇକ ବୀରମାନେ ଶେଷ ପର୍ଯ୍ୟନ୍ତ ଖୋର୍ଦ୍ଧାକୁ ଏକ ଅପରାଜେୟ ଦେଶୀୟ ରାଜ୍ୟ ଭାବରେ ସୁରକ୍ଷା ପ୍ରଦାନ କରିଛନ୍ତି। ସମର କୌଶଳରେ ଅତ୍ୟନ୍ତ ନିପୁଣ ଏହି ପାଇକମାନେ ଏବେ ବି ଆଖଡ଼ା ଘରେ ରଣକୌଶଳ ପ୍ରଶିକ୍ଷଣ ନେଇଥାନ୍ତି। ଜୟୀ ରାଜଗୁରୁ, ବକ୍ସିଜଗବନ୍ଧୁ ଆଦି ଏହି ମାଟିର ବୀର ସନ୍ତାନ ଯେଉଁମାନେ ଓଡ଼ିଆ ଜାତିର ଗୌରବ ବୃଦ୍ଧି କରିଛନ୍ତି।

ଓଡ଼ିଆମାନେ ଯେ ସମର ନିପୁଣ ବୀର ଜାତି, ଏହା ଖ୍ରୀଷ୍ଟପୂର୍ବ ଶତାବ୍ଦୀ ସମୟରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପର୍ଯ୍ୟନ୍ତ ପ୍ରମାଣିତ ହୋଇଆସିଛି। ଅଶୋକଙ୍କ କଳିଙ୍ଗ ଯୁଦ୍ଧ, ଖାରବେଳଙ୍କ ସାମ୍ରାଜ୍ୟ ବିସ୍ତାର, କପିଳେନ୍ଦ୍ରଙ୍କ ଦାକ୍ଷିଣାତ୍ୟ ଅଭିଯାନ ଆଦି ଏହାର ଐତିହାସିକ ଦଲିଲ। ବିଭିନ୍ନ ରାଜାଙ୍କ ଯୁଦ୍ଧ ସମୟରେ ପାଇକ ବୀର ସହ ଜନଜାତିର ବ୍ୟକ୍ତିମାନେ ମଧ୍ୟ ସୈନିକ ଭାବରେ ଯୋଗଦେଇଥାନ୍ତି। ଏଣୁ ଓଡ଼ିଶାର ସମର ସଂସ୍କୃତି ରାଜ ପରିବାର ଠାରୁ ଜନଜାତି ପର୍ଯ୍ୟନ୍ତ ବିସ୍ତୃତ।

ସାମାଜିକ ନ୍ୟାୟ ନିମିତ୍ତ ବିଭିନ୍ନ ଆନ୍ଦୋଳନ ଏବଂ ବିପ୍ଳବ ମଧ୍ୟ ଓଡ଼ିଆ ଜାତିର ସ୍ୱାଧୀନଚେତା ଗୁଣବତ୍ତାର ପରିଚୟ ପ୍ରଦାନ କରିଥାଏ। ଇଂରେଜମାନଙ୍କ ବିରୋଧରେ ୧୮୧୭ ମସିହା ମାର୍ଚ୍ଚମାସ ୨୯ ତାରିଖରେ ଖୋର୍ଦ୍ଧାଠାରେ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ନେତୃତ୍ୱରେ ଭାରତବର୍ଷର ପ୍ରଥମ ମୁକ୍ତ ସଂଗ୍ରାମ ଆରମ୍ଭ ହୋଇଥିଲା। ଘୁମୁସରରୁ ପ୍ରାୟ ୪୦୦ କନ୍ଧ ଓ ଖୋର୍ଦ୍ଧାର ପାଇକମାନେ ମିଶି ଇଂରେଜ ଶାସନ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଥିଲେ। ଏହି ସଂଗ୍ରାମର ରୂପରେଖ ବର୍ଣ୍ଣନା କରିବାକୁ ଯାଇ ପଣ୍ଡିତ କୃପାସିନ୍ଧୁ ମିଶ୍ର ଲେଖନ୍ତି: "ପାଇକମାନେ ବିଦ୍ରୋହୀ କନ୍ଧମାନଙ୍କ ସଙ୍ଗେ ଯୋଗଦେଇ ବାଣପୁର ଆକ୍ରମଣ କଲେ ଏବଂ ପୁଲିସଥାନା, ଅନ୍ୟାନ୍ୟ ସରକାରୀ ଘର ଓ କଚେରୀ ଲୁଣ୍ଠନକରି ବହୁଲୋକଙ୍କୁ ମାରି ପ୍ରାୟ ୧୫୦୦୦ ଟଙ୍କା ମୂଲ୍ୟର ଧନ ହସ୍ତଗତ କଲେ। ଚିଲିକା ମଧ୍ୟରେ ଲୁଣ ହାକିମଙ୍କ ନୌକା ମଧ୍ୟ ଏହି ଲୁଣ୍ଠନ ମଧ୍ୟରେ ପଡ଼ିଲା। ସେଠାରୁ ବିଦ୍ରୋହୀମାନେ ଖୋରଧା ଆଡ଼କୁ ଅଗ୍ରସର ହେଲେ ଏବଂ ପଥ ମଧ୍ୟରେ ସେମାନଙ୍କର ସଂଖ୍ୟା ଗ୍ରାମକୁ ଗ୍ରାମ ବଢୁଥାଏ। ବାଣପୁର ବିଜୟ ପ୍ରଭାବରେ ସମଗ୍ର ଖୋରଧା ବିଦ୍ରୋହ ବହ୍ନିରେ ଜଳି ଉଠିଲା। ବିଦ୍ରୋହୀମାନଙ୍କ ଆକ୍ରମଣ ଆଶଙ୍କାରେ ଖୋରଧାର ସକଳ ସରକାରୀ କର୍ମଚାରୀମାନେ ପଳାୟନ କଲେ। ବିଦ୍ରୋହୀମାନେ ସକଳ କଚେରୀ ଓ ସରକାରୀ ଗୃହମାନ ଭାଙ୍ଗି ଦେଇ, ଖଜଣାଖାନା ଲୁଣ୍ଠନ କରିନେଲେ। ଆଉ ଏକଦଳ ପାଇକ ଲେମ୍ବାଇ ଆକ୍ରମଣ କଲେ।" (ଉତ୍କଳ ଇତିହାସ, ୨୦୧୮, ପୃଷ୍ଠା-୧୯୩)। ପାଇକ ବିଦ୍ରୋହ ପରି ସମ୍ବଲପୁର

ଅଞ୍ଚଳରେ ବ୍ରିଟିଶ ଶାସନ ବିରୋଧରେ ବୀର ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ ମଧ୍ୟ ଓଡ଼ିଆ ବୀରଙ୍କ ବୀରଗାଥା ବହନ କରିଥାଏ। ସ୍ଥାନୀୟ ଜମିଦାର ଓ ଜନଜାତିଙ୍କ ସମର୍ଥନରେ ବୀର ସୁରେନ୍ଦ୍ର ସାଏ ଇଂରେଜମାନଙ୍କ ଶୋଷଣ ବିରୁଦ୍ଧରେ ୧୮୫୭ ମସିହା ନଭେମ୍ବର ମାସ ୧ ତାରିଖରେ ବିଦ୍ରୋହ ଆରମ୍ଭ କରିଥିଲେ। ଅଦ୍ୱିତୀୟ ବୀରତ୍ୱର ପରିଚୟ ପ୍ରଦାନ କରି ସେ ବ୍ରିଟିଶ ଶାସକଙ୍କ ନିଦ ହଜାଇ ଦେଇଥିଲେ।

## ୩.୧୧ ବାଣିଜ୍ୟ ସଂସ୍କୃତି

ଓଡ଼ିଶା ଏକ ବଣିକ ଜାତି ରୂପେ ଇତିହାସର ଗୌରବମୟ ପୃଷ୍ଠା ମଣ୍ଡନ କରିଥିଲା। ଓଡ଼ିଶାର ବଣିକମାନେ ବାଣିଜ୍ୟ ବ୍ୟବସାୟରେ ଥିଲେ ସୁନିପୁଣ। ସେମାନେ ଜଳପଥ ମାଧ୍ୟମରେ ଦେଶାନ୍ତର ଗମନ କରି ସ୍ୱଦେଶ ନିର୍ମିତ ବିଭିନ୍ନ ସାମଗ୍ରୀର ବ୍ୟବସାୟ କରୁଥିଲେ। ବୟନଶିଳ୍ପ, ତାରକସି ଶିଳ୍ପ, ମସଲା ତଥା ବନଜାତ ଦ୍ରବ୍ୟର ଚାହିଦା ଦେଶାନ୍ତରରେ ପ୍ରଚୁର ଥିବାରୁ ବୋଇତ ମାଧ୍ୟମରେ ବିଦେଶକୁ ଏହି ଦ୍ରବ୍ୟ ରପ୍ତାନୀ କରାଯାଉଥିଲା। ସାଧବ ପୁଅମାନେ ବୋଇତରେ ସମୁଦ୍ର ପଥରେ ସୁଦୂର ଜାଭା, ବର୍ଣ୍ଣିଓ, ବାଲି, ଶ୍ରୀଲଙ୍କା, ସୁମାତ୍ରା ଆଦି ଦେଶକୁ ବାଣିଜ୍ୟ ନିମିତ୍ତ ଯାଉଥିଲେ। କେବଳ ବାଣିଜ୍ୟ ଦ୍ୱାରା ଧନ ସମ୍ପଦ ନେଇ ସେମାନେ ଫେରୁ ନଥିଲେ, ଓଡ଼ିଆ ସଂସ୍କୃତିକୁ ସେହି ଦେଶରେ ପ୍ରଚାର ଓ ପ୍ରସାର କରାଇ ପରିଥିଲେ। ଓଡ଼ିଶାର ବୟନ ଶିଳ୍ପ, ମସଲା, ବନ୍ୟଜାତ ଦ୍ରବ୍ୟ ଓ ତାରକସି ଅଳଙ୍କାର ମାଧ୍ୟମରେ ଓଡ଼ିଆ ସଂସ୍କୃତି ଏହି ଦେଶମାନଙ୍କ ପ୍ରସାର ଲାଭ କରିଥିଲା। ଓଡ଼ିଶାର ବିସ୍ତୃତ ଉପକୂଳ ଅଞ୍ଚଳ ଏବଂ ଏଥିରେ ମିଶିଥିବା ନଦୀ ସମୁହ ଏହି ବାଣିଜ୍ୟ ପରମ୍ପରାକୁ ସମୃଦ୍ଧ କରିବାରେ ସହାୟକ ହୋଇଥିଲା। ଓଡ଼ିଶାର ଉତ୍ତରରେ ସୁବର୍ଣ୍ଣରେଖା ଠାରୁ ଦକ୍ଷିଣରେ ଋଷିକୂଲ୍ୟା ନଦୀ ପର୍ଯ୍ୟନ୍ତ ପ୍ରାୟ ପନ୍ଦରଟି ବନ୍ଦର ସକ୍ରିୟ ଭାବରେ ବାଣିଜ୍ୟ ନିମିତ୍ତ ବ୍ୟବହୃତ ହେଉଥିଲା। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ, ବ୍ରାହ୍ମଣୀ, ମହାନଦୀ ଓ ସୁବର୍ଣ୍ଣରେଖା ଏହି ଛଅଟି ନଦୀ ଓଡ଼ିଶାର ବାଣିଜ୍ୟ ପରମ୍ପରାକୁ କେବଳ ସମୃଦ୍ଧ କରିନାହାନ୍ତିଁ ଏହି ନଦୀ ଅବବାହିକାର ଉର୍ବର ମୃତ୍ତିକା ଓଡ଼ିଶାର ଆର୍ଥନୀତିକ ସମୃଦ୍ଧିରେ ସହାୟତା ପ୍ରଦାନ କରିଛି। ପାରାଦ୍ୱୀପ, ଗୋପାଳପୁର, ଧାମରା, ବାହାବଳପୁର, କୀର୍ତ୍ତନିଆ, ଚାନ୍ଦିପୁର, ଇଞ୍ଚୁଡ଼ି, ଚୁଡ଼ାମଣି, ଅସ୍ତରଙ୍ଗ, ବାଲିହରଚଣ୍ଡୀ, ପାଲୁର, ବହୁଦ ମୁହାଣ, ଜଟାଧାରି ମୁହାଣ, ବରୁଣେଇ ମୁହାଣ ଓ ବିଚିତ୍ରାପୁର ତାଲସାରୀ (ବାଲେଶ୍ୱର ଜିଲ୍ଲା) ମୁହାଣ ଆଦି ପ୍ରାକୃତିକ ବନ୍ଦର ଓଡ଼ିଶାର ନୌବାଣିଜ୍ୟ ପରମ୍ପରାକୁ ଅଗ୍ରସାରୀ କରାଇଥିଲେ। ଏହାବ୍ୟତୀତ ଚିଲିକା ହ୍ରଦ ଉଭୟ ବାଣିଜ୍ୟ ଓ ସୌନ୍ଦର୍ଯ୍ୟ ନିମିତ୍ତ ଅତ୍ୟନ୍ତ ପ୍ରସିଦ୍ଧି ଲାଭ କରିଛି ମତ୍ସ୍ୟ ସଂପଦ ମଧ୍ୟ ଓଡ଼ିଶାର ବାଣିଜ୍ୟ ପରମ୍ପରାକୁ ସହାୟତା ପ୍ରଦାନ କରିଛି। ଚିଲିକା ହ୍ରଦର ମତ୍ସ୍ୟ ସମ୍ପଦ ସେହି ଅଞ୍ଚଳର ଆର୍ଥିକ ବିକାଶର ମେରୁଦଣ୍ଡ ଭାବରେ କ୍ରମାଗତ ଭାବରେ ବହୁ ପ୍ରାଚୀନ କାଳରୁ ରହିଆସିଛି। ଅତୀତରେ ସ୍ଥଳପଥର ଗମନାଗମନ ସୁବିଧା ନଥିବା ବେଳେ ଦକ୍ଷିଣାତ୍ୟ ଯାତ୍ରାରେ ଏହାକୁ ଜଳପଥ ଭାବରେ ବ୍ୟବହାର କରାଯାଇଛି। କେବଳ ଏତିକି ନୁହଁ, ଭାରତରେ ମୋଗଲ ସାମ୍ରାଜ୍ୟ ସମୟରେ ଶ୍ରୀଜଗନ୍ନାଥଙ୍କ ପ୍ରତି ଯେଉଁ ବିପଦ ଦେଖାଦେଇଥିଲା, ଏହି ଚିଲିକା ହ୍ରଦ ସେହି ସମୟରେ ଜଗନ୍ନାଥଙ୍କ ନିବାସସ୍ଥଳୀ ଥିଲା। ଓଡ଼ିଆ ଜାତିର ସଂସ୍କୃତି ସହ ନଦୀ, ବନ୍ଦର ଓ ଚିଲିକା ହ୍ରଦ ଓତଃପ୍ରୋତ ଭାବରେ ଜଡ଼ିତ। ନଦୀ ଅବବାହିକାରେ ପ୍ରାଚୀନ ସହର ଓ ଧର୍ମପୀଠ ଗୁଡ଼ିକ ରହିଥିବା ସମୟରେ ଓଡ଼ିଶାର ପ୍ରାଚୀନ ସମ୍ପଦର ଐତିହ୍ୟ ଭାବରେ ସେହି ସହର ଓ ଧର୍ମପୀଠ ଗୁଡ଼ିକ ଖ୍ୟାତ। ନଦୀପଥରେ ସମୁଦ୍ରକୁ

ପ୍ରବେଶ କରି ବିଦେଶକୁ ଗମନ କରିବା ଏକ ସହଜ ମାଧ୍ୟମ ଥିଲା। ଋଷିକୂଲ୍ୟା, ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଆଦି ନଦୀ ଗୁଡ଼ିକ ଜଳପଥ ନିମିତ୍ତ ବଣିକମାନେ ବ୍ୟବହାର କରୁଥିଲେ। ଏହି ନଦୀପଥ ମାଧ୍ୟମରେ କଲିକତା ସହର ସହିତ ଓଡ଼ିଶାର ବିଭିନ୍ନ ସହରର ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା ହୋଇପାରିଥିଲା। ଓଡ଼ିଶାର ବାଣିଜ୍ୟ ପରମ୍ପରାରେ ନଦୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

## ୩.୧୨ ଆଧୁନିକ ଓଡ଼ିଶା ଓ ଓଡ଼ିଆ ଜାତି

୧୯୨୧ ମସିହା ନଭେମ୍ବର ମାସ ୨୫ ତାରିଖରେ ବିଶ୍ୱନାଥ କରଙ୍କ ଦ୍ୱାରା ବେଙ୍ଗଲ, ବିହାର ଓ ଓଡ଼ିଶାର ଲେଜିସ୍‌ଲେଟିଭ କାଉନସିଲରେ ନିମ୍ନ ପ୍ରକାର ଏକ ଦାବୀ ଉପସ୍ଥାପନ କରିଥିଲେ। "The council recommend to His Excellency the Governor in Council that they may be pleased to recommend to the Government of India to the Secretary of the state for India that the Oriya speaking tracts existing under the four different provincial Governments, Viz.Bihar and Orissa, Madras, Bengal and Central Province, be united under one Government". ଏହି ଦାବିଟି ପରବର୍ତ୍ତୀ ପର୍ଯ୍ୟାୟରେ ଏକ ଓଡ଼ିଆ ଜନ ଆନ୍ଦୋଳନ ସୃଷ୍ଟି କରି ଏକ ଆଧୁନିକ ଓଡ଼ିଶାକୁ ଜନ୍ମ ଦେଲା। ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଓଡ଼ିଆ ଭାଷୀ ଅଞ୍ଚଳକୁ ଗୋଟିଏ ଶାସନକୁ ଆଣି "ଓରିଶା" ନାମକ ଏକ ପ୍ରଦେଶ ସୃଷ୍ଟି କରିଥିଲେ। ବହୁ ବ୍ୟକ୍ତିଙ୍କ ଆତ୍ମୋତ୍ସର୍ଗରେ ଭାରତବର୍ଷରେ ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଭାବରେ ଓଡ଼ିଶା (ଓରିଶା) ପ୍ରଦେଶ ଗଠନ ହୋଇଥିଲା। ଏହି ଆନ୍ଦୋଳନରେ ଭାଗ ନେଇଥିବା ପ୍ରତ୍ୟେକ ସଦସ୍ୟ ଓଡ଼ିଆ ଜାତିର ନମସ୍ୟ। ଯଦି ଏହା ହୋଇପାରି ନଥାନ୍ତା ତେବେ ଆଜି ଓଡ଼ିଆ ଜାତିର ପରିଚୟ ହୁଏତ ସଙ୍କୁଚିତ ଅଥବା ସଂପୂର୍ଣ୍ଣ ଭାବରେ ଏକ ଇତିହାସ ହୋଇ ରହିଥାନ୍ତା। ଓଡ଼ିଆମାନେ ନିଜର ଏକ ପ୍ରଦେଶ ପାଇବାପରେ, ଓଡ଼ିଆ ଜାତିର ଅସ୍ମିତା ଓ ପରିଚୟ ଅଧିକ ଗରିମାମୟ ହୋଇ ଉଠିଛି। ତେବେ ଓଡ଼ିଶା ଯେ କେବଳ ଓଡ଼ିଆମାନଙ୍କ ରାଜ୍ୟ, ଏପରି ଭାବିନେବା ଅମୂଳକ ହେବ। ଏଣୁ ଗୋପବନ୍ଧୁ ଲେଖିଥିଲେ – "ଓଡ଼ିଶାବାସୀ ଓ ଭାରତବାସୀ ବିରାଟ ମାନବ ସମାଜର ଅଂଶବିଶେଷ। ତେଣୁ ଓଡ଼ିଶା ସେବା ବା ଜନ୍ମଭୂମି ସେବା ଶେଷ ପର୍ଯ୍ୟନ୍ତ ବିଶ୍ୱ ସେବା। ତାଙ୍କପାଇଁ ଦେଶାନୁରାଗ ବିଶ୍ୱପ୍ରୀତିର ବିରୋଧୀ ନୁହେଁ; ବରଂ ବିଶ୍ୱଜନ ପ୍ରୀତିହୀନ ପ୍ରାଣରେ ଜାତୀୟତା ଓ ସ୍ୱଦେଶ ବତ୍ସଲ୍ୟ ଅସମ୍ଭବ।" ଓଡ଼ିଆ ସମାଜକୁ ବିଶ୍ୱ ସମାଜ ସହ ଯୋଡ଼ିବାର ପ୍ରୟାସ ହୋଇଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପରବର୍ତ୍ତୀ ସମୟରେ। ଓଡ଼ିଆମାନେ ନିଜର ସ୍ୱତନ୍ତ୍ର ପ୍ରଦେଶ ପାଇବା ପରେ ଭାଷା, ସାହିତ୍ୟ, ସଂସ୍କୃତି, ଧର୍ମ, କଳା, ସ୍ଥାପତ୍ୟ, ବିଜ୍ଞାନ, ପ୍ରଯୋଗିକ ବିଦ୍ୟା, ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପାନୁଷ୍ଠାନ, ବୈଷୟିକ ଓ ପ୍ରାୟୋଗିକ ଶିକ୍ଷା ଆଦି ଦିଗରେ ନୂତନ ପରାକ୍ରମ ଦେଖାଇ ଓ ସଙ୍ଗଠିତ ହୋଇ କାମ କରିବାକୁ ଆଗେଇ ଆସିଥିଲେ। ଅତି କମ୍ ସମୟ ମଧ୍ୟରେ ଓଡ଼ିଶାକୁ ଏକ ପ୍ରଗତିଶୀଳ ପ୍ରଦେଶ ଓ ଓଡ଼ିଆ ଜାତି ଏକ ପ୍ରଗତିଶୀଳ ଜାତି ଭାବରେ ଭାରତୀୟ ତଥା ବିଶ୍ୱ ସମାଜରେ ପ୍ରମାଣିତ କରିପାରିଲେ। ଅତୀତର ଗୌରବମୟ ଅଧ୍ୟାୟକୁ ପୁନର୍ବାର ଉଦ୍‌ଜୀବିତ କରିବା ନିମିତ୍ତ ଓଡ଼ିଶାର ଶିକ୍ଷିତ ବୁଦ୍ଧିଜୀବୀଗୋଷ୍ଠୀ ଏଥି ନିମିତ୍ତ ସମସ୍ତପ୍ରକାର ଉଦ୍ୟମ ଅବ୍ୟାହତ ରଖିଛନ୍ତି।

ଓଡ଼ିଆମାନଙ୍କ ଜାତି ପ୍ରୀତିର ପରିଚୟ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦ୍ୱାରା ପରିକ୍ଷୀତ ହେବା ସହିତ ଭାଷା ପ୍ରୀତି "ଓଡ଼ିଆ ଭାଷା ବିଲୋପ" ଆନ୍ଦୋଳନକୁ ପ୍ରତିହତ କରିବା ଘଟଣାରୁ ଜଣାଯାଇଥାଏ। ସ୍ୱାଭିମାନୀ ଓଡ଼ିଆ ଜାତି ଭାଷା ବିଲୋପ ଆନ୍ଦୋଳନକୁ ପ୍ରତହତ କରି ଓଡ଼ିଆ ଭାଷାକୁ ପୁନଃପ୍ରତିଷ୍ଠା ପ୍ରଦାନ କରିପାରିଛନ୍ତି। ଏହି ଘଟଣାରୁ ଓଡ଼ିଆମାନଙ୍କ ଜାତିପ୍ରୀତି ଓ ଭାଷାପ୍ରୀତି ପ୍ରତି ଥିବା ସମ୍ବେଦନଶୀଳତା ଓ ଅଙ୍ଗୀକାରବଦ୍ଧତା ପ୍ରମାଣିତ ହୋଇଛି। ବାଉରିଙ୍ଗ, କାନ୍ତିଚାନ୍ଦ ଓ ରାଜେନ୍ଦ୍ରଲାଲଙ୍କ ନେତୃତ୍ୱରେ ଓଡ଼ିଆକୁ ବଙ୍ଗଳାର ଉପଭାଷା କହି, ଏହି ଭାଷାରେ ସରକାରୀ କାର୍ଯ୍ୟ ଏବଂ ପାଠ୍ୟ ପୁସ୍ତକ ରଚନା ଆଦୌ ସମ୍ଭବ ନୁହେଁ ବୋଲି ମତପ୍ରଦାନ କରି ଓଡ଼ିଶାରେ ବଙ୍ଗଳାଭାଷାର ପ୍ରଚଳନ ନିମିତ୍ତ ଆନ୍ଦୋଳନ କରିଥିଲେ। କଟକ ଜିଲ୍ଲା ମାଜିଷ୍ଟ୍ରେଟ ବାଉରିଙ୍ଗ କହିଥିଲେ " ଏ ଜିଲ୍ଲାର ଓଡ଼ିଆ ଭାଷା ପ୍ରଥମୁଁ ଯାହା ଥାଉ ନା କାହିଁକି ବର୍ତ୍ତମାନ ଏହା ବଙ୍ଗ ଭାଷାର ଗୋଟିଏ ଉପଭାଷା ମାତ୍ର। ଏ ଭାଷା ବିଶେଷ ଭାବରେ ଉଚ୍ଚାରଣ ଓ ଲିପି ଦୃଷ୍ଟିରୁ ବଙ୍ଗଭାଷା ଠାରୁ ପୃଥକ୍। ମୋର ବ୍ୟକ୍ତିଗତ ଅଭିମତ ମୋ କ୍ଷମତାର କେତେଦୂର ଅନ୍ତର୍ଗତ ତାହା ମୁଁ ଜାଣେ ନାହିଁ; ତଥାପି ମୁଁ କହିପାରେ ଯେ ସାଧାରଣ ଶାସନନୀତି ଦୃଷ୍ଟିରୁ ବ୍ରିଟିଶ ରାଜ୍ୟରେ ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷାରୂପେ ତିଷ୍ଠି ରହିବା ଉଚିତ ନୁହେଁ।" ଏହି ମତଟିକୁ ନେଇ ଗୋଲଡ୍ସେବରୀ କରିଥିଲେ "ଏ ଦେଶର କଚେରୀ ଓ ଲୋକଙ୍କର ଭାଷା ଇଂରାଜୀ ହେବ। ଏପରି ଏକ ଭାଷା ମାଧ୍ୟମରେ ବିଚାର ପଦ୍ଧତି ପରିଚାଳିତ ହେବ ଯେଉଁ ଭାଷା ହୁଏତ ଲୋକଙ୍କଠାରେ ଅଜ୍ଞାତ କିମ୍ବା ବିଚାରପତିଙ୍କଠାରେ ଅଜ୍ଞାତ। କାରଣ କେତେଜଣଙ୍କୁ ବାଦ୍ଦେଲେ କୌଣସି ଉଚ୍ଚ କର୍ମଚାରୀ ଏ ଦେଶର ଭାଷା ସହିତ ପରିଚିତ ନୁହଁନ୍ତି କିମ୍ବା ଭବିଷ୍ୟତରେ ପରିଚିତ ହେବେ ନାହିଁ।" ଏହାସହିତ କାନ୍ତିଚାନ୍ଦ ଭଟ୍ଟାଚାର୍ଯ୍ୟ ତାଙ୍କ ପୁସ୍ତକ 'ଉଡ଼ିୟା ସ୍ୱତନ୍ତ୍ର ଭାଷା ନୟ' ପୁସ୍ତକରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ନାହିଁ ବୋଲି ଆଲୋଚନା କରି ଓଡ଼ିଶାରେ ବଙ୍ଗଳା ଭାଷାର ପ୍ରଚଳନ ଉପରେ ଗୁରୁତ୍ୱ ପ୍ରଦାନ କଲେ। ପତ୍ନତାତ୍ତ୍ୱିକ ଡକ୍ଟର ରାଜେନ୍ଦ୍ରଲାଲ ମିତ୍ର କଟକ ଡିବେଟିଂ କ୍ଲବରେ 'ଜାତୀୟତା' ଶୀର୍ଷକ ଏକ ପ୍ରବନ୍ଧ ପାଠ କରି ଓଡ଼ିଆ ଭାଷା ସମ୍ପର୍କରେ ପ୍ରତିକୂଳ ମନ୍ତବ୍ୟ ପ୍ରଦାନ କରିଥିଲେ। ତାଙ୍କ ବକ୍ତବ୍ୟରେ ସେ ପ୍ରଦାନ କରିଥିବା ବକ୍ତବ୍ୟ "ଓଡ଼ିଆ ଭାଷା ବିଲୋପ" ଆନ୍ଦୋଳନକୁ ଅଧିକ ବେଗ ପ୍ରଦାନ କରିଥିଲା। ଏହାଦ୍ୱାରା ଓଡ଼ିଶାର ଶିକ୍ଷିତ ଗୋଷ୍ଠୀ ମଧ୍ୟରେ ଏକ ଜାଗରଣ ଦେଖାଦେଲା। ଉତ୍କଳଦୀପିକା ପତ୍ରିକା ମାଧ୍ୟମରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର, ମହତ୍ତ୍ୱ ଓ ଐତିହ୍ୟ ସମ୍ପର୍କରେ ଆଲୋଚନା ଆରମ୍ଭ ହେଲା। ଓଡ଼ିଆ ଭାଷାରେ ସାହିତ୍ୟ, ସମ୍ବାଦ ଓ ପାଠ୍ୟପୁସ୍ତକ ରଚନା ପ୍ରତି ଅଗ୍ରାଧିକାର ପ୍ରଦାନ କରାଗଲା। ଓଡ଼ିଆ ଭାଷା ସପକ୍ଷରେ ବହୁ ବଙ୍ଗାଳୀ ବୁଦ୍ଧିଜୀବୀ ଓ ଇଂରେଜ ପ୍ରଶାସକ ମଧ୍ୟ ଆଗେଇ ଆସିଥିଲେ। ପ୍ରାଚୀନ ଓଡ଼ିଆ ସାହିତ୍ୟର ଆଲୋଚନା ତଥା ଓଡ଼ିଆ ଭାଷାର ବ୍ୟାକରଣର ଆଲୋଚନା ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିପାରିଥିଲା। ବହୁ ବରେଣ୍ୟ ଲେଖକ, ପତ୍ରିକା ସମ୍ପାଦକ, ସାହିତ୍ୟ ସଙ୍ଗଠନ, ପୁସ୍ତକ ପ୍ରକାଶକ, ସମ୍ବାଦପତ୍ରର ସମ୍ପାଦକଙ୍କ ଆନ୍ତରିକ ଉଦ୍ୟମ ଯୋଗୁଁ ଓଡ଼ିଶାରେ ଓଡ଼ିଆ ଭାଷା ପୁନଃ ପ୍ରତିଷ୍ଠା ପାଇଲା। ଓଡ଼ିଆ ଭାଷାର ପୁନଃ ପ୍ରତିଷ୍ଠା ମଧ୍ୟରେ ଓଡ଼ିଆ ଜାତିର ଜାତୀୟ ଚରିତ୍ର ଓ ଜାତୀୟ ସଂସ୍କୃତିର ପରିଚୟ ଦେଖିବାକୁ ମିଳିଥାଏ। ଗରିମାମୟ ଓଡ଼ିଆ ଭାଷାର ଐତିହ୍ୟ ଓ ସ୍ୱାତନ୍ତ୍ର ଏହାକୁ ପୂର୍ବ ଭାରତର ଏକମାତ୍ର ଶାସ୍ତ୍ରୀୟ ଭାଷାର ସମ୍ମାନ ପ୍ରଦାନ କରିଥାଏ। ଯେଉଁ ଭାଷାର ସ୍ୱାତନ୍ତ୍ର୍ୟ ଓ ପ୍ରଚଳନ ନେଇ ପ୍ରଶ୍ନ ଉଠିଥିଲା, ସେହି ଓଡ଼ିଆ ଭାଷା ଆଜି ଭାରତ ସରକାରଙ୍କ ଦ୍ୱାରା ଶାସ୍ତ୍ରୀୟ ଭାଷାର ସମ୍ମାନ ପାଇପାରିଛି, ଏହା ଦ୍ୱାରା ଓଡ଼ିଆ ଜାତିର ସଂସ୍କୃତି ଭାସ୍ୱର ହୋଇପାରିଛି। ଓଡ଼ିଆ ଭାଷା କାହିଁକି ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇପାରିଛି, ତାହା ଆମେ ପୂର୍ବରୁ ଅଧ୍ୟୟନ କରିଛେ।

ଓଡ଼ିଆମାନଙ୍କ ଜାତୀୟ ଚରିତ୍ର ପ୍ରାକୃତିକ ବିପର୍ଯ୍ୟୟରେ ଅଧିକ ମହୀୟାନ ଓ ଗରୀୟାନ ହୋଇ ଉଦ୍‌ଭାସିତ ହୋଇଛି । ଓଡ଼ିଶାର ଭୌଗଳିକ ଅବସ୍ଥିତି ଓ ଜଳବାୟୁ ଗୋଟିଏ ପାର୍ଶ୍ୱରେ ବନ୍ୟା ଓ ଅନ୍ୟ ପାର୍ଶ୍ୱରେ ମରୁଡ଼ି ଆଣିଥାଏ । ଏହି ପ୍ରତିକୂଳ ପରିବେଶ ଅନଟନ ସୃଷ୍ଟି କରିବା ସହ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଥାଏ । ଓଡ଼ିଶାରେ ବନ୍ୟା ଓ ମରୁଡ଼ି ସତେ ଯେପରି ଘର କରିଛି । ଗତ ଦୁଇ ଦଶନ୍ଧିରେ ବନ୍ୟା ସହ ବାତ୍ୟା ଓ ମହାବାତ୍ୟା ଓଡ଼ିଶାର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେଇଛି । ବହୁ ପ୍ରାଚୀନ କାଳରୁ ଦୁର୍ଭିକ୍ଷ ଓଡ଼ିଶାର ପ୍ରଗତିର ପ୍ରତିବନ୍ଧକ ହୋଇଛି । ତଥାପି ଓଡ଼ିଆ ଜାତି ଏହାର ମୁକାବିଲା କରି ସମସ୍ତ ବିପଦକୁ ଅକ୍ଳେଶରେ ଅତିକ୍ରମ କରିଆସିଛି । ଓଡ଼ିଆ ଜାତି କେବଳ ଯୁଦ୍ଧ କ୍ଷେତ୍ରରେ ବୀରତ୍ୱ ଦେଖାଇ ନାହିଁ । ପ୍ରାକୃତିକ ବିପର୍ଯ୍ୟୟକୁ ସଠିକ ଭାବରେ ସମ୍ମୁଖୀନ କରି ନିଜର ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଛି । ନଅଙ୍କ ଦୁର୍ଭିକ୍ଷ ପରି ଦୁର୍ଭିକ୍ଷରେ ଶହ ଶହ ଲୋକ ଅନାହାରରେ ମୃତ୍ୟୁ ବରଣ କରିଥିଲେ । ଗାଁ ହତଶିରୀ ହୋଇଯାଇଥିଲା । ଲୋକମାନେ ଦାଣ୍ଡର ଭିକାରି ହୋଇଗଲେ । ତଥାପି ଏ ଜାତି ଶ୍ମଶାନରୁ ଉଠିବା ପରି ଉଠିଲା, ଜାଗ୍ରତ ହେଲା ଓ ନିଜ ଦେଶକୁ ଗଢ଼ିବାରେ ପ୍ରାଣପାତ କଲା । କେବଳ ନଅଙ୍କ ଦୁର୍ଭିକ୍ଷ ନୁହେଁ, ବହୁ ଦୁର୍ଭିକ୍ଷ କାଳ ସ୍ରୋତରେ ଆସି ଏ ଜାତିର ଅସ୍ମିତାକୁ ପରୀକ୍ଷା କରିଛି । ସବୁବେଳେ ଏ ଜାତି ସେହି ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛି । ଏ ସମ୍ପର୍କରେ ନିଜର ଦୃଷ୍ଟିଭଙ୍ଗୀ ଉପସ୍ଥାପନ କରିବାକୁ ଯାଇ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ତାଙ୍କର 'ଓଡ଼ିଶାରେ ଦୁର୍ଭିକ୍ଷ ଓ ବନ୍ୟା' (୧୯୩୪) ପୁସ୍ତକରେ ଲେଖନ୍ତି:

"ଓଡ଼ିଶାରେ ଦୁର୍ଭିକ୍ଷ ଓ ବନ୍ୟା ଘର କରି ରହି ସାରିଲାଣି । ବନ୍ୟା ଓ ଦୁର୍ଭିକ୍ଷ ସହିତ ଓଡ଼ିଶା ଏତେ ସମ୍ବନ୍ଧ ରଖି ସାରିଲାଣି ଯେ ସେମାନଙ୍କର ଦାଉ ନିତ୍ୟ ନୈମିତ୍ତିକ ଘଟଣା ପରି ବୋଧ ହେଉଅଛି । ଯଦି ଭାରତବର୍ଷର କୌଣସି ପ୍ରଦେଶ ବନ୍ୟା କିମ୍ବା ଦୁର୍ଭିକ୍ଷର କଷାଘାତ ପ୍ରତିବର୍ଷ ଭୋଗ କରୁଥାଏ, ତେବେ ତାହା ହେଉଛି ଓଡ଼ିଶା । ଦୁର୍ଭିକ୍ଷ ଓ ବନ୍ୟା ଓଡ଼ିଶାକୁ ଛାରଖାର କରି ଦେଇ ସାରିଲାଣି । ଅନ୍ନାଭାବରୁ ଓଡ଼ିଆ ଅନ୍ତଃସାରଶୂନ୍ୟ ହୋଇ ପଡ଼ିଲାଣି ।

ଓଡ଼ିଶାକୁ ଦୁର୍ଭିକ୍ଷ କେବେ ଛାଡ଼ି ନାହିଁ । ଓଡ଼ିଶାର ଇତିହାସର ପ୍ରତ୍ୟେକ ଯୁଗରେ ଦୁର୍ଭିକ୍ଷର ଲୀଳା ଦେଖାଯାଏ । ସାମାନ୍ୟ ହେଉ, ବୃହତ୍ ହେଉ, ପ୍ରତି ଚାରି ପାଞ୍ଚ ବର୍ଷ ମଧ୍ୟରେ ଥରେ ଦୁର୍ଭିକ୍ଷ ଓଡ଼ିଶାରେ ଦେଖା ଦେଉଥିବା ଦୃଷ୍ଟାନ୍ତ ବିରଳ ନୁହେଁ ।

ଅତୀତ ଯୁଗରେ କପିଳେନ୍ଦ୍ର ଦେବଙ୍କ ରାଜତ୍ୱର ଅ ୧୧ ଙ୍କ (ଖ୍ରୀ ୧୪୪୪), ଅ ୨୭ ଙ୍କ, ଅ ୩୨ ଙ୍କ ରେ ବି ଓଡ଼ିଶାରେ ଦୁର୍ଭିକ୍ଷ ହୋଇଥିଲା । ପରେ ପ୍ରତାପରୁଦ୍ର ଦେବଙ୍କ ଅ ୧୩ ଙ୍କ, ମୁକୁନ୍ଦ ଦେବଙ୍କ ଅ ୧୮ ଙ୍କ, ଦନାଇ ବିଦ୍ୟାଧରଙ୍କ ସମୟରେ ଥରେ, ୧ମ ଦିବ୍ୟସିଂହ ଦେବଙ୍କ ଅ ୧୦ଙ୍କ, ୨ୟ ଦିବ୍ୟସିଂହ ଦେବଙ୍କ ଅ ୯ଙ୍କ (୧୮୬୬ ଖ୍ରୀ), ୧୮୮୯, ୧୯୦୮, ୧୯୧୯ ରେ ଦୁର୍ଭିକ୍ଷ ହୋଇଥିବାର ଜଣାଯାଏ । ୧୮୬୬ ସାଲର ଦୁର୍ଭିକ୍ଷ, ଯାହାକୁ ଲୋକେ ଅ ୯ ଙ୍କ ଦୁର୍ଭିକ୍ଷ ବୋଲି କହନ୍ତି, ଭୟଙ୍କର ଆକାର ଧାରଣ କରିଥିଲା । ଉପରିଲିଖିତ ଦୁର୍ଭିକ୍ଷ ସମୟରେ ଧାନ ଚାଉଳର ମୂଲ୍ୟ କ'ଣ ଥିଲା ତାହା କେତେକ କାଗଜପତ୍ରରୁ ଜଣାଯାଏ । ୧୭୬୯-୭୦ ସାଲରେ ଟଙ୍କାକୁ ଦୁଇ ସେର ଚାଉଳ ମିଳୁ ନ ଥିଲା ବୋଲି ଷ୍ଟର୍ଲିଙ୍ଗ ସାହେବ କହନ୍ତି । ୧୭୭୫ ସାଲରେ ସେରେ ଚାଉଳର ଦାମ୍ ଦଶଅଣା ଥିଲା । ସରକାରୀ ରିପୋର୍ଟରୁ ଜଣାଯାଏ ୧୮୬୬ ସାଲରେ ଟଙ୍କାକୁ ପାଞ୍ଚ ସେର ଚାଉଳ ମିଳୁଥିଲା । ଅନ୍ୟାନ୍ୟ ସମୟର ଦାମ ସହିତ ଦୁର୍ଭିକ୍ଷ ସମୟର ଦରଦାମ ତୁଳନା କଲେ ଲୋକମାନେ କି କଷ୍ଟ ଅନୁଭବ କରିଥିବେ, ତାହା ଅନୁମାନ କରାଯାଇପାରେ ।

| ଚାଉଳର ହାରାହାରି ଦାମ୍ | ଏକ ଟଙ୍କାକୁ |
|---|---|
| ୧୮୩୬-୪୬ | ୪୮ ସେର |
| ୧୮୪୬-୫୬ | ୫୮ ସେର |
| ୧୮୫୬-୬୬ | ୨୯ ସେର |
| ୧୮୬୬-୬୭ | ୫ ସେର (୯ ଅଙ୍କ ଦୁର୍ଭିକ୍ଷ) |
| ୧୮୬୯-୭୦ | ୨ ସେର (ଦୁର୍ଭିକ୍ଷ) |
| ୧୮୭୫ | ୧୨ ସେର (ଦୁର୍ଭିକ୍ଷ) |
| ୧୮୬୭-୭୬ | ୨୭ ସେର |
| ୧୮୭୬ -୮୬ | ୨୨ ସେର |
| ୧୮୮୬-୯୮ | ୧୯ ସେର |

ବ୍ରିଟିଶ୍ ରାଜତ୍ୱରେ ଦୁର୍ଭିକ୍ଷର ସଂଖ୍ୟା କିଛି କମ ନୁହେଁ। ୧୩୦ ବର୍ଷ ରାଜତ୍ୱରେ ବଡ଼ ଆକାରରେ ୧୫ଟା ଦୁର୍ଭିକ୍ଷ ୧୮୦୬, ୧୮୦୭, ୧୮୦୯, ୧୮୧୭, ୧୮୨୮, ୧୮୩୪, ୧୮୩୬, ୧୮୩୭, ୧୮୪୨, ୧୮୬୬, ୧୮୮୮, ୧୮୯୧, ୧୯୦୮, ୧୯୧୯ ରେ ଦେଖା ଦେଇଛି।

ଦେଶୀୟ ରାଜାମାନଙ୍କ ରାଜତ୍ୱ ସମୟରେ ଓଡ଼ିଶାରେ ଯେଉଁ ସବୁ ଦୁର୍ଭିକ୍ଷ ହୋଇଥିଲା, ସେ ସମୟରେ ଲୋକେ ବର୍ତ୍ତମାନ ପରି ତେତେ କଷ୍ଟ ଅନୁଭବ କରୁ ନ ଥିଲେ। ଦେଶରେ ଦୁର୍ଭିକ୍ଷ ହୋଇଛି ବୋଲି ଘୋଷଣା କରିବାକୁ ଦେଶୀୟ ରାଜାମାନେ ଲଜ୍ଜାବୋଧ କରୁ ନ ଥିଲେ କି ତାକୁ ଘୋଡ଼ାଇ ରଖିବା ପାଇଁ ଚେଷ୍ଟା କରୁ ନ ଥିଲେ। ଦୁର୍ଭିକ୍ଷର ଚିହ୍ନ ଦେଖାଗଲାକ୍ଷଣି ମୁକ୍ତହସ୍ତରେ ସାହାଯ୍ୟ ଦିଆଯାଉଥିଲା। ଦେଶର ଗୋଟିଏ ସାମାନ୍ୟ ପ୍ରଜା ଅନ୍ନ ନ ପାଇ ପ୍ରାଣ ହରାଇଲେ ରାଜା ନରକଗାମୀ ହେବେ, ଏହି ଭୟରେ ଦୁର୍ଭିକ୍ଷରୁ ପ୍ରଜାକୁଳକୁ ରକ୍ଷା କରିବା ପାଇଁ ସେମାନେ ପ୍ରାଣପଣେ ଚେଷ୍ଟା କରୁଥିଲେ। ପ୍ରଜାମାନେ ମଧ୍ୟ ବର୍ତ୍ତମାନ ପରି ଏତେ ଗରିବ ଥିବାର ଜଣାଯାଏ ନାହିଁ। ଓଡ଼ିଶାରେ ବିଦେଶୀୟ ରାଜତ୍ୱର ପ୍ରତିଷ୍ଠା ହେବା ଦିନଠାରୁ ଲୋକେ ଦିନକୁଦିନ ଗରିବ ହୋଇ ପଡ଼ୁଛନ୍ତି; ସେମାନଙ୍କର ସହନ ଶକ୍ତି ଏକାବେଳକେ ଲୋପ ପାଇ ଯାଉଛି।"

(ଓଡ଼ିଶାରେ ଦୁର୍ଭିକ୍ଷ ଓ ବନ୍ୟା, ହିନ୍ଦୁସ୍ଥାନ ଗ୍ରନ୍ଥମାଳା, ୧ମ ଖଣ୍ଡ)

ମାତ୍ର ସମକାଳରେ ଓଡ଼ିଆମାନେ ଏହାକୁ ଅତୀତ କହି ନିଜର ପ୍ରାୟୋଗିକ ଜ୍ଞାନକୌଶଳରେ ଏକ ପ୍ରଗତିଶୀଳ ଜାତି ଭାବରେ ନିଜକୁ ପରିଚିତ କରିପାରିଛନ୍ତି।

## ୩.୧୩ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

କ) ଓଡ଼ିଆ ଜାତିର ଇତିହାସ ପୁସ୍ତକର ରଚୟିତାଙ୍କ ନାମ ଲେଖକ ।

ଖ) ଖାରବେଳ କେଉଁ ରାଜ ବଂଶର ସମ୍ରାଟ ଥିଲେ ?

ଗ) ପ୍ରାଚୀନ କଳିଙ୍ଗ / ଉତ୍କଳ ସମ୍ପର୍କରେ କେଉଁ କେଉଁ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି ?

ଘ) ଚାରୋଟି ଗୁମ୍ଫାର ନାମ ଲେଖ ଯେଉଁଥିରେ ପ୍ରାଚୀନ ଚିତ୍ର ଅଙ୍କିତ ହୋଇଛି ।

ଙ) ଦୁଇଟି ଜୈନପୀଠର ନାମ ଲେଖ ।

ଚ) ଦୁଇଟି ଶକ୍ତିପୀଠର ନାମ ଲେଖ ।

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

କ) ଓଡ଼ିଶାର ଐତିହ୍ୟ ଓ ପ୍ରାଚୀନ ସଂସ୍କୃତି କିପରି ମହିମାମୟ ଥିଲା ଆଲୋଚନା କର ।

ଖ) ପ୍ରାଚୀନ ଓଡ଼ିଶାର କଳା, ସଙ୍ଗୀତ ଓ ନୃତ୍ୟ ପରମ୍ପରାକୁ ଆଲୋଚନା କର ।

ଗ) ଓଡ଼ିଶାର ବାଣିଜ୍ୟ ସଂସ୍କୃତି କିପରି ବିସ୍ତାର ଲାଭ କରିଥିଲା ଆଲୋଚନା କର ।

ଘ) ଓଡ଼ିଆଙ୍କୁ କାହିଁକି ବୀର ଜାତି କୁହାଯାଏ ଦର୍ଶାଅ ।

## ୩.୧୪ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଶାର ସାଂସ୍କୃତିକ ଇତିହାସ, ଡକ୍ଟର ଯଜ୍ଞ କୁମାର ସାହୁ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୨୦୦୧ ।
- ଓଡ଼ିଆ ଜାତିର ଇତିହାସ, ନବୀନ କୁମାର ସାହୁ, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା, ଓଡ଼ିଶା ସରକାର, ଭୁବନେଶ୍ୱର ।
- ଓଡ଼ିଶା ୨୦୧୮, ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର, ଭୁବଶ୍ୱେର ।
- ଉତ୍କଳ ଇତିହାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର, ସତ୍ୟନାରାୟଣ ବୁକ୍ ଷ୍ଟୋର୍, କଟକ, ୨୦୧୮ ।